

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୯ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 MAY 2022
Vol.No. 33 ■ No. 140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ମୋଦୀଙ୍କ ଟାର୍ଗେଟରେ ଗୁଜୁରାଟ

ନୂଆଦିଲ୍ଲୀ, ୨୮/୦୫ : ଶନିବାର ଗୁଜରାଟ ପହଁଚି ପଟିଦାର ସମୁଦାୟକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଠାରେ ଆୟୋଜିତ ପଟିଦାର ସମୁଦାୟର ବିଶାଳ ଜନସଭା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୮ବର୍ଷର ଶାସନ ଭିତରେ ବିଜେପି କିମ୍ବା ସେ ନିଜେ ଏଭଳି କିଛି ଭୁଲ କାମ କରିନାହାଁନ୍ତି ଯାହା ପାଇଁ ଦେଶବାସୀଙ୍କୁ ମୁଣ୍ଡ ନୁଆଁଇବାକୁ ପଡିବ । ସେହିପରି ଗତ ୮ ବର୍ଷ ଭିତରେ ମାତୃଭୁମି ସେବାରେ ନିଜକୁ ସମର୍ପିତ କରିଥିବା କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଦେଶବାସୀଙ୍କ ସଂସ୍କାର, ଆର୍ଶୀବାଦ, ପୂଜ୍ୟ ବାପୁ ଓ ସର୍ଦ୍ଦାର ପଟେଲଙ୍କ ପବିତ୍ର ଭୂମିର ସଂସ୍କାର ତାଙ୍କୁ ସମାଜସେବା ଓ ସମାଜର ସଂସ୍କାର ପାଇଁ ଯେଉଁ ଶିକ୍ଷା ଦେଇଛି ତାକୁ ଆଧାର କରି ସେ ମାତୃଭୂମିରେ ସେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି । ୮ବର୍ଷର ଶାସନ କାଳରେ ଗରିବଙ୍କ ସେବା,ସୁଶାସନ, ଗରିବ କଲ୍ୟାଣକୁ ଦଳ ସର୍ବୋଚ୍ଚ ପ୍ରାଥମିକତା ଦେଇଛି । ସବକା ସାଥ ସବକା ବିକାଶ ଓ ସବକା ପ୍ରୟାସ ମନ୍ତ୍ରର ସହ ଦେଶ ବିକାଶ ପଥରେ ଆଗଉଥିବା କାର୍ଯ୍ୟକ୍ରମରେ କହିଛନ୍ତି ପ୍ରଧାନମନ୍ତ୍ରୀ



ଗୁଜରାଟ ନିର୍ବାଚନରେ ପଟିଦାର ସମୁଦାୟ ନିର୍ଣ୍ଣାୟକ ଭୂମିକା ତୁଲାଇଥାନ୍ତି । ତେଣୁ ଏହି ସମୁଦାୟର ଭୋଟକୁ ହତେଇବା ପାଇଁ ବିଜେପି ବିଭିନ୍ନ ଯୋଜନା ଓ ପ୍ରତିଶ୍ରୁତି ଦେଉଛି । ଏପଟେ ୩ମାସ ଭିତରେ ମୋଦିଙ୍କ ୬ଥର ଗୁଜରାଟ ଗସ୍ତ ଏକଥା ସ୍ପଷ୍ଟ କରୁଛି ଯେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳ କିଭଳି ପ୍ରସ୍ତୁତି ପଥରେ ଆଗଉଛି । ଆଜି ରାଜକୋଟରେ ମାତୁଶ୍ରୀ କେଡିପି ମଲଟି ସ୍ପେଶିଆଲ ହସପିଟାଲର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ୪୦କୋଟି ବ୍ୟୟରେ ଏହାର ନିର୍ମାଣ ହେବ । କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ ସହ ବିଜେପିର ବହୁ ବରିଷ୍ଠ ମଧ ନଜର ଆସିଥିଲେ ।

## ଶଙ୍କରାଚାର୍ଯ୍ୟଙ୍କ ରାଜନୀତି ତତ୍ତ୍ୱ : ଉଭୟ ଶାସକ ଓ ବିରୋଧୀ ଦଳକୁ କଲେ ସମାଲୋଚନା

ପୁରୀ, ୨୮/୦୫ (ନି.ପ୍ର): ଏଏସ୍‌ଆଇର ଅନୁମତି ନ ଥାଇ ବି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମକୁ ବନ୍ଦ କରିବାକୁ ସରକାର ନାଁ ଧରୁ ନ ଥିବାରୁ ସିଧାସଳଖ ଟାର୍ଗେଟ କରିଛନ୍ତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ତୀର୍ଥଭୂମିକୁ ଭୋଗଭୂମି ଓ ସୁରାସୁନ୍ଦରୀ କେନ୍ଦ୍ର କରାଯାଉଛି। ତୀର୍ଥସ୍ଥଳୀର ଅସ୍ତିତ୍ୱକୁ ଲୋପ କରାଯାଉଛି। ଏହା ସମ୍ବିଧାନର ଧାରାକୁ ମଧ ବିରୁଦ୍ଧାଚରଣ କରୁଛି। ମୋ ଦାୟିତ୍ୱ ବର୍ତ୍ତମାନ, ଭବିଷ୍ୟତ, ଅତୀତକୁ ଦେଖି ଯାହା କହିବା କଥା କହିବି। ସେ କହିଛନ୍ତି, ମୁଁ ଯାହା କୁହେ ନିର୍ଭୟରେ କୁହେ, ଇନ୍ଦ୍ର ବି ମୋ' ଉପରେ ଚାପ ପକାଇ ପାରିବେନି। ସେମାନେ ମୋତେ



ଡରନ୍ତି, ସେଥିପାଇଁ ମୁଁ ନ ଥିଲା ବେଳେ କାମ କରନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିବା ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ତାହାକୁ ନେଇ ଚାଲିଥିବା ରାଜନୀତି ସଂପର୍କରେ ପରୋକ୍ଷରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଓଡ଼ିଶାରେ ରାଜନୈତିକ ଦଳ କିଏ ଅଛନ୍ତି ବୋଲି ପଚାରି ରାଜ୍ୟ ସରକାରଙ୍କୁ ତେରେଛା ବାଣ ମାରିଛନ୍ତି ଶଙ୍କରାଚାର୍ଯ୍ୟ। ବିଜେପି ମିଶିକରି ଚାଲୁଛି ହେଲେ କଂଗ୍ରେସ ଆଉ କଣ ଅଛି ବୋଲି ପଚାରିଛନ୍ତି ଶଙ୍କରାଚାର୍ଯ୍ୟ । କେବଳ ସେତିକି ନୁହେଁ, ସେ କହିଛନ୍ତି ଏଠାରେ ସରକାରଙ୍କ ଧାରଣା ଅଛି ତାଙ୍କ ପାଖରେ ଲୋକମତ ଅଛି। ବର୍ଷ ବର୍ଷ ଧରି ଜଣେ ମୁଖ୍ୟମନ୍ତ୍ରୀ ଶାସନ କରୁଛନ୍ତି। ତାଙ୍କୁ ଯେବେ ଲାଗିବ ଲୋକମତ ତାଙ୍କ ବିରୋଧରେ ଯାଇପାରେ, ସେବେ ସେ ମାନିବେ। ତା ପୂର୍ବରୁ ଏମାନେ ମାନିବେ ନାହିଁ। ସୂଚନାଯୋଗ୍ୟ, ଦିନକୁ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଘନେଇବାରେ ଲାଗିଥିବା ବେଳେ କାମ କିନ୍ତୁ ଥମିବା ନାଁ ଧରୁନି। ଏଏସ୍‌ଆଇ ପକ୍ଷରୁ ଜାରି ଅଣସ୍ୱୀକୃତିପ୍ରାପ୍ତ ନିର୍ମାଣ ତାଲିକାରେ ଏଣ୍ଟ୍ରି ହୋଇ ସାରିଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଏସ୍‌ଆଇ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ କୌଣସି ପ୍ରକାର ଅନୁମତି ଦିଆଯାଇ ନ ଥିବା ବେଳେ ଏହାର ବାରଣକୁ ବି ସରକାରଙ୍କର ଖାତିର ନାହିଁ। ଏଏସ୍‌ଆଇ

▶▶ପୃଷ୍ଠା ୭

### ୧ କୋଟି ୨୦ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ ସୁଗାର ଜବତ : ୨ ଗିରଫ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଦୁଇ ଜଣ ଆନ୍ତରାଜ୍ୟ ବ୍ରାଉନ ସୁଗାର ବେପାରୀଙ୍କୁ ଏସଟିଏଫ ଗିରଫ କରିଛି । ସେମାନଙ୍କ ଠାରୁ ବରମୁଣ୍ଡା ଅଂଚଳରେ ୧୨୨୮ ଗ୍ରାମ ବ୍ରାଉନ ସୁଗାର ଜବତ କରା ଯାଇଛି ଯାହାର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୨୦ ଲକ୍ଷ ଟଙ୍କା ହେବ। ଏହି ଦୁଇ ଜଣ ନିଶା ବେପାରୀ ମଧ୍ୟରେ ଜଣଙ୍କର ନାମ କପିଲଦେବ ମଜୁମଦାର ଓ ସେ ପଶ୍ଚିମ ବଙ୍ଗର ହୋଇଥିବା ବେଳେ ଜଣେ ରଶ୍ମୀରଂଜନ ଭୋଳ ଓ ତାର ଘର ଖୋର୍ଧା ଜିଲ୍ଲାରେ ବୋଲି ଜଣା ପଡିଛି। ସେମାନଙ୍କ ଠାରୁ ଡାକ୍ତର, ପୋଲିସ ଭଳି ଅନେକ ଫେକ ଆଇଡି ରଖିଥିଲେ। ଏହି ଫେକ ଆଇଡି ଗୁଡିକ ମଧ ତାଙ୍କ ଠାରୁ ଜବତ କରା ଯାଇଥିବା ଜଣା ପଡିଛି।

### ବାଲିଗୁଡାରୁ ଟିଫିନ୍ ବୋମା ଉଦ୍ଧାର

ନୂଆଦିଲ୍ଲୀ, ୨୮/୦୫ : ମାଓବାଦୀଙ୍କ ବଡ଼ ଧରଣର ଷଡ଼ଯନ୍ତ୍ର ପଣ୍ଡକଲେ ସିଆରପିଏଫ୍ । କନ୍ଧମାଳ ବେଲଘର ଥାନା ଲଙ୍କାଗଡ଼ ଅଞ୍ଚଳରେ ମାଓବାଦୀମାନେ ଟିଫିନ୍ ବୋମା ଖଞ୍ଜିଥିବା ବେଳେ ସିଆରପିଏଫ ଯବାନ ବୋମା ଉଦ୍ଧାର କରିଛନ୍ତି । ଫଳରେ ବଡ଼ ଧରଣର ଅଘଟଣକୁ ରୋକାଯାଇପାରିଛି । ବୋମା ନିଷ୍କ୍ରିୟ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ।

### ଜୁନ ମାସରୁ ପିଡିଏସ କେନ୍ଦ୍ରଗୁଡ଼ିକରେ ମିଳିବନି ଗହମ

ନୂଆଦିଲ୍ଲୀ, ୨୮/୦୫ : ରାଜ୍ୟରେ ଥିବା ପିଡିଏସ କେନ୍ଦ୍ରଗୁଡ଼ିକେର ଆସନ୍ତା ଜୁନ ମାସରୁ ଗହମ ମିଳିବନି । ୧୦ ମାସ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ । ୨୦୦୭ ପରେ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ଗହମ ସଂଗ୍ରହ

▶▶ପୃଷ୍ଠା ୭

## ଶ୍ରୀଲଙ୍କାକୁ ୨୫ ଟନ ଔଷଧ ଓ ଡାକ୍ତରୀ ଉପକରଣ ପଠାଇଲା ଭାରତ

ନୂଆଦିଲ୍ଲୀ, ୨୮/୦୫ : ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଶ୍ରୀଲଙ୍କା । କାଙ୍ଗାଳ ସ୍ଥିତିରେ ପହଁଚିଥିବା ଦେଶରେ ଖାଦ୍ୟ ଅଭାବ ଦେଖାଯିବା ସହ ଅତ୍ୟାବଶକୀୟ ଜିନିଷ ପାଇବା ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ଘଡିସନ୍ଧିମୂହୁର୍ତ୍ତରେ ଶ୍ରୀଲଙ୍କାର ପ୍ରକୃତ ବନ୍ଧୁ ସାଜିଛି ଭାରତ । ଲଗାତାର ପଡୋଶୀ ଦେଶକୁ ସାହାଯ୍ୟ ସହଯୋଗର ହାତ ବଢାଉଛି ଭାରତ । ଖାଦ୍ୟ ସାମଗ୍ରୀଠୁ ନେଇ ଚିକିତ୍ସା ପାଇଁ ଆବଶକୀୟ ଉପକରଣ ଶ୍ରୀଲଙ୍କାକୁ ପଠାଯାଉଛି । ସାହାଯ୍ୟ ପାଇ ଏବେ ଭାରତକୁ ହୃଦୟର ସହ ଧନ୍ୟବାଦ ଜଣାଇଛନ୍ତି ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେ । ରାନିଲ କହିଛନ୍ତି ସଙ୍କଟ ସମୟରେ ଭାରତର ଯେଉଁ ସହାୟତା ପ୍ରଦାନ



କରୁଛି ସେଥିପାଇଁ ଶ୍ରୀଲଙ୍କା ସରକାର ଓ ଦେଶବାସୀ ଚିର କୃତଜ୍ଞ । ସଙ୍କଟ ପରଠୁ ଶ୍ରୀଲଙ୍କାକୁ ସହଯୋଗର ହାତ ବଢାଉଛନ୍ତି ଭାରତ ସରାକର । ଆର୍ଥିକ ସହାୟତା ସହ ନିକଟରେ ଭାରତ ଶ୍ରୀଲଙ୍କାକୁ ୨୫ଟନରୁ ଅଧିକ ଚିକିତ୍ସା ଉପକରଣ ପଠାଇଛି । ପୂର୍ବରୁ ୯ହଜାର ମେଟ୍ରିକ ଟନ ଚାଉଳ,୨୦୦ ମେଟ୍ରିକ ଟନ ଦୁଗ୍ଧ ପାଉଡର, ୨୪ ମେଟ୍ରିକ ଟନ ଜୀବନ ଔଷଧ ପଠାଇଥିଲା ଭାରତ । ଶ୍ରୀଲଙ୍କାର ଆର୍ଥିକ ସ୍ଥିତି ଏଭଳି ବଦଳିଛି ଯାଇଛି ଯେ ଦେଶରେ ମିଳୁନି ଅତ୍ୟାବଶକୀୟ ଜିନିଷ । ଚିକିତ୍ସା ପାଇଁ ଉପକରଣ ଘୋର ଅଭାବ । ଏହାରି ଭିତରେ ଦେଶର ଅର୍ଥନୀତିକୁ ପୁଣି ଥରେ ଟ୍ରାକକୁ ଫେରାଇ ଆଣିବା ପାଇଁ ଅର୍ଥମନ୍ତ୍ରାଳୟକୁ ନିଜ ହାତକୁ ଦେଶର ନେଇଛନ୍ତି ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେ ।

### ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୧୦ ଗିରଫ

ନୂଆଦିଲ୍ଲୀ, ୨୮/୦୫ : ଧରାପଡ଼ିଲେ ଗଞ୍ଜେଇ ଚୋରାଚାଲାଣକାରୀ । କଳାହାଣ୍ଡି ଜୟପାଟଣା ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୧୦ ଜଣଙ୍କ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ଚଢଉ ବେଳେ ୪ କ୍ୱିଣ୍ଟାଲ ୨୭ କିଲୋ ଗଞ୍ଜେଇ, ଗୋଟିଏ ବୋଲେରୋ ପିକ୍‌ଅପ୍ ଭ୍ୟାନ୍, ବୋଲେରୋ ଏସଏଲଇ, ଗୋଟିଏ ବାଇକ, ୫ଟି ମୋବାଇଲ, ନଗଦ ୧୧ ହଜାର ୫୬୦ ଟଙ୍କା ଜବତ କରିଛି ପୋଲିସ । ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଜୁନାଗଡ଼ର ରାଜେନ୍ଦ୍ର ଦଣ୍ଡସେନା ଥିବା ବେଳେ ଅନ୍ୟମାନେ କୋକସରା ଅଞ୍ଚଳର । କୋରାପୁଟ୍ ଜିଲ୍ଲାରୁ କଳାହାଣ୍ଡିକୁ ଚାଲାଣ ହୋଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି ଗଞ୍ଜେଇ ବେପାରୀ ।

### ଜୁନ୍ ୨ରୁ +୨ ଖାତାଦେଖା

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଆଗାମୀ ଜୁନ ମାସ ୨ ତାରିଖ ଠାରୁ ଯୁକ୍ତ ୨ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ୨ଟି ପର୍ଯ୍ୟାୟରେ +୨ ଖାତା ମୂଲ୍ୟାୟନ ହେବ। ୨ରୁ ଜୁନ୍ ୧୨ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ହେବାକୁ ଥିବା ବେଳେ ଜୁନ୍ ୧୩ରୁ ୨୨ ଯାଏଁ ୨ୟ ପର୍ଯ୍ୟାୟ ମୂଲ୍ୟାୟନ ହେବ ହୋଲି ସୂଚନା ଦିଆ ଯାଇଛି । ସେହିପରି ୬୪ କେନ୍ଦ୍ରରେ ଅଫ୍‌ଲାଇନ୍ ଓ ୩୭ଟି କେନ୍ଦ୍ରରେ ଅନ୍‌ଲାଇନ୍ ମୂଲ୍ୟାୟନ ହେବ।

### ନନ୍ଦନକାନନରେ ଏକ ସିଂହୀର ମୃତ୍ୟୁ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ସିଂହୀର ମୃତ୍ୟୁ ଘଟିଥିବା ଜଣା ପଡିଛି । ଗତକାଲି ଏକ ସିଂହୀକୁ ସାପ କାମୁଡି ଦେଇଥିବାର ସୂଚନା ମିଳିବା ପରେ ତାକୁ ଚିକିତ୍ସା କରା ଯାଉଥିଲା । ଚିକିତ୍ସାଧୀନ ଅବସ୍ଥାରେ ସିଂହୀର ମୃତ୍ୟୁ ଘଟିଛି । ତେବେ ସିଂହୀର ପୋଷ୍ଟ ମର୍ଟମ ହେବା ପରେ ମୃତ୍ୟୁର ବାସ୍ତବିକ କାରଣ ଜଣା ପଡିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୋନୁ ସୁଦ୍

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଶୁଣା ବଲିଉଡ ଅଭିନେତା ସୋନୁ ସୁଦ୍ ଭେଟିଛନ୍ତି। ଶନିବାର ଦିନ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନେତା ସୋନୁ ସୁଦ୍ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋନୁଙ୍କୁ ହକିର ଏକ ଜର୍ସି ପ୍ରଦାନ କରିଥିଲେ। ଆଲୋଚନା କାଳରେ ୫ -ଟି ସଚିବ ଭି.କେ ପାଣ୍ଡିଆନ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ସୋନୁ ସୁଦ୍ ୭୦ରୁ ଅଧିକ ଲୋକଙ୍କୁ ଓଡିଶାକୁ ଫେରିବାରେ ସହାୟତା




କରିଥିେ । କେନ୍ଦ୍ରାପଡାର ସମସ୍ତେ ସେତେବେଳେ ଘରକୁ ଫେରିବା ପାଇଁ ନିବେଦନ କରିବା ପରେ ସୋନୁ ତାଙ୍କୁ ଫେରାଇ ଆଣିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ସେତେବେଳେ ତାଙ୍କୁ ଶୁଭେଚ୍ଛା ମଧ ଜଣାଇଥିଲେ ।

## ଏମଏଲଏ କ୍ୱାଟର୍ସ ପାଇଁ କଟିବ ୮୭୦ ଗଛ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଓଡିଶାର ବିଧାୟକମାନଙ୍କ ପାଇଁ ନୂତନ କ୍ୱାଟର୍ସ ନିର୍ମାଣ ପାଇଁ ୮୭୦ ଛୋଟ ବଡ଼ ଗଛ କଟା ହେବ। ସିଟି ଡିଏଫ୍‌ଓ ଯଶୋବନ୍ତ ବେରିହା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଗଛ କାଟିବା ପାଇଁ ଅନୁମତି ଦିଆଯାଇଛି। ଫରେଷ୍ଟ କର୍ପୋରେସନ ଗଛ କାଟିବ। ଗଛ କଟା ବାବଦରେ ୬୮ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। କ୍ଷତିପୂରଣ ବାବଦ ସେହି ଟଙ୍କାରେ ପୁଣି ଗଛ ଲଗାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ବିଧାୟକଙ୍କ ଲାଗି ଉର୍ଦ୍ଦିଷ୍ଟ ପୁରୁଣା କ୍ୱାଟର୍ସ ଭାଙ୍ଗି ତିଆରି ହେବ ବହୁତଳ ପ୍ରାସାଦ। ଏଥିପାଇଁ ରବୀନ୍ଦ୍ର ମଣ୍ଡପଠୁ ନେଇ ପୋଲିସ କମିଶନରେଟ ଛକ ଯାଏ ଥିବା ସବୁ ପୁରୁଣା କ୍ୱାର୍ଟରକୁ ଭଙ୍ଗାଯାଇଛି । ନୂତନ କୋଠା ପାଇଁ ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ସେହି ସ୍ଥାନରେ ବହୁ ପୂର୍ବରୁ ଥିବା ପୁରାତନ ଗଛ ଗୁଡ଼ିକୁ କାଟି ଦିଆଯାଉଛି। ବଡ ବଡ ବର , ଅଶ୍ୱତଥ , ନିମ୍ବ , ଆମ୍ବ ଆଦି ଗଛ ଗୁଡିକୁ କାଟି ଗଣ୍ଡି ଗୁଡିକ ଗଦା ଯାଇଛି। ଯାହାକୁ ନେଇ ଉଦ୍ ବେଗ ପ୍ରକାଶ କରିଛନ୍ତି ରାଜଧାନୀ ବାସିନ୍ଦା। ୨୭୫ କୋଟି ଟଙ୍କା ବ୍ୟୟରେ ଏହି ସ୍ଥାନରେ ନିର୍ମାଣ ହେବ ୧୦ ମହଲା ଓ ୧୧ ମହଲା ବିଶିଷ୍ଟ ଆପାର୍ଟମେଣ୍ଟ । ଏଥିରେ ୩୦୦ଟି କ୍ୱାର୍ଟର ରହିବ । ଆସନ୍ତା ଅଢ଼େଇ ବର୍ଷ ମଧ୍ୟରେ ଏହାର ନିର୍ମାଣ ଶେଷ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଓବିସିସି ଚିଫ୍ ଇଞ୍ଜିନିୟରଙ୍କୁ ୫୦ କୋଟି ପ୍ରଦାନ କରାଯାଇଛି । ଅବଶିଷ୍ଟ ୨୨୫ କୋଟି ଟଙ୍କା ଅର୍ଥବିଭାଗ ଦେବ। ଏଥିପାଇଁ ବଜେଟରେ ବ୍ୟବସ୍ଥା କରାଯିବ।

## ସିମବାୟୋସିସ୍ ବିଶ୍ୱବିଦ୍ୟାଳୟର ଗୋଲଟେବୁଲ କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ

ପୁଣେ, ୨୮/୦୫ (ନି.ପ୍ର): ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଭାରତୀୟତା ଦର୍ଶନଶାସ୍ତ୍ରର ମୂଳ ପଥପ୍ରଦର୍ଶକ ବୋଲି ଶନିବାର ସିମବାୟୋସିସ୍ ଇଂଟରନ୍ୟାସନାଲ ଡ଼ିମଡ୍ ୟୁନିଭରସିଟି(ଏସଆଇୟୁ) ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ନେଇ ଆୟୋଜିତ ଗୋଲଟେବୁଲ କର୍ମଶାଳାରେ ଯୋଗଦେଇ କହିଛନ୍ତି ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷା ନୀତି ହେଉଛି ଏକବିଂଶ ଶତାବ୍ଦୀର ଜ୍ଞାନର ଦସ୍ତାବିଜ୍। ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବିକାଶକୁ ପ୍ରୋତ୍ସାହନ ଦେବା ସହ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ଏହି ନୀତିର ଲକ୍ଷ୍ୟ। ଭାରତ ଜ୍ଞାନ ଆଧାରିତ ଅର୍ଥନୀତିର




କେନ୍ଦ୍ରବିନ୍ଦୁ ହୋଇଛି ଏବଂ ବିଶ୍ୱ ଅର୍ଥନୀତିରେ ଆମର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାକୁ ସର୍ବବ୍ୟାପୀ ଓ ଦକ୍ଷତା ବିକାଶ କରିବା, ଶିକ୍ଷା ଆହୋରଣର ଫଳାଫଳକୁ ସାଧନ କରିବା, ବିଦ୍ୟାର୍ଥୀଙ୍କ କ୍ଷମତା ବୃଦ୍ଧି, ଭାରତକୁ ବିଶ୍ୱଗୁରୁ କରିବା ଏବଂ ଆମ ସଭ୍ୟତାର ତ୍ରୁଟିକୁ ସୁଧାରିବା ପାଇଁ ସମାଧାନର ବାଟ ବାହାର କରିବା ଆମର ଉଦ୍ଦେଶ୍ୟ। ଗୁରୁ ଶିକ୍ଷା ପରମ୍ପରା ଆମର ଶିକ୍ଷା ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ। ନିଜ ସଭ୍ୟତାର ପୁନରୁଦ୍ଧାର କରିବା, ଚରକ, ସୁଶ୍ରୃତ, ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ପାଣିନୀ, ବରାହମିହିର, ମୈତ୍ରୀ, ଗାର୍ଗୀ ଏବଂ ତିରୁବଲ୍ଲବର ଭଳି ଗୁରୁଙ୍କ ସମୃଦ୍ଧ ଉତାରାଧିକାରୀକୁ ଆଗକୁ ନେବା ହିଁ ରାଷ୍ଟ୍ରୀୟ ଶିକ୍ଷା ନୀତିର ପ୍ରୟାସ। ଗୁରୁ କେବଳ ଏକ ବ୍ୟକ୍ତି ନୁହେଁ ବରଂ ଅନ୍ଧକାର ଏବଂ ଅଜ୍ଞତାକୁ ଦୂର କରିବାର ଏକ ଶ୍ରେଷ୍ଠ ମାଧ୍ୟମ। ଆମ ଶିକ୍ଷକ ତଥା ଗୁରୁ ହେଉଛନ୍ତି ରାଷ୍ଟ୍ରୀୟ ଶିକ୍ଷା ନୀତିର କାର୍ଯ୍ୟକାରିତାରେ ମୂଳ ଅଂଶୀଦାର ଓ ଶିକ୍ଷା ନୀତିର ସଫଳତାର ଆବାହକ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବା ସମୟରେ ପୁଣେରେ ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା କରିବା ଖୁସିର ବିଷୟ। ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଅର୍ଥନୀତି ଆଜି ବିଶ୍ୱକୁ ଏକ ଛୋଟ ଦୁନିଆରେ ପରିଣତ କରିଛି। ଆଜି ଆମେ ବୈଶ୍ୱିକ ଦୃଶ୍ୟପଟ୍ଟରେ ଦୋ' ଛକିରେ ଠିଆ ହୋଇଛୁ। ଅଟୋମେସନ ଏବଂ ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟା ଆଗାମୀ ଦିନରେ ନୂତନ କାର୍ଯ୍ୟଶୈଳିର ମାଧ୍ୟମ ହେବ ଏବଂ ନୂଆ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ। ଆମ ସମସ୍ତେ ବିଶେଷ ଭାବରେ ଆମର ଶିକ୍ଷା ସମାଜ ପାଇଁ ଅପାର ସୁଯୋଗ ରହିଛି। ଭାରତ ଆଜି ଶିକ୍ଷା ଆଧାରିତ ଅର୍ଥନୀତିର ପେଣ୍ଡସ୍ଥଳି ହୋଇଛି। ବିଶ୍ୱରେ ଭାରତକୁ ସଠିକ୍ ସ୍ଥାନରେ ସ୍ଥାନିତ କରିବା ଦିଗରେ ଶିକ୍ଷାବିତଙ୍କ ସହ ଆମ ସମସ୍ତଙ୍କର ବଡ଼ ଭୂମିକା ରହିଛି ଏବଂ ଏ ଦିଗରେ ରାଷ୍ଟ୍ରୀୟ ଶିକ୍ଷା ନୀତି ପଥ ପ୍ରଦର୍ଶକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି କର୍ମଶାଳାରେ ସିମବାୟୋସିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଓ ଫାଉଣ୍ଡର ପ୍ରଫେସର ଡ଼.ଏସବି ମଜୁମଦାର ଏବଂ ମହାରାଷ୍ଟ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ, ଶିଳ୍ପ ସଂସ୍ଥାର ପ୍ରମୁଖ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ଏକ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଦେବଗଡ, ଅନୁଗୁଳ , ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କଟକ , କେନ୍ଦ୍ରାପଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି, ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହୋଇପାରେ। ଏହାକୁ



ଦୃଷ୍ଟିରେ ରଖି ଏହି ୧୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ ମାଲକାନଗିରି , କୋରାପୁଟ, ରାୟଗଡା, ନବରଙ୍ଗପୁର, କେନ୍ଦୁଝର ମୟୁରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ସୁକନ୍ୟା ସମୃଦ୍ଧି ଯୋଜନା : ଡାକଘର ଜମାଖାତାରେ ଜମା ପରେ ଟଙ୍କା ନାହିଁ

ଧର୍ମଶାଳା,୨୮/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କଂଟିଗଡିଆ ପୋଷ୍ଟ ଅଫିସରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଜଣେ ଜମାକର୍ତା ଜମାରାଶି ଜମା କରିବା ପରେ ଜମା ଖାତାରେ ଅର୍ଥ ରାଶି ନ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, କ୍ଷେତ୍ରପାଳ ଗ୍ରାମର ସାରଦା ପ୍ରସାଦ ସାମନ୍ତରାୟ ତାଙ୍କ ଦଶ ବର୍ଷର କନ୍ୟା ସିମରନ୍‌ଙ୍କ ନାମରେ କଂଟିଗଡିଆସ୍ଥିତ ଉପଡାକଘରେ ୨୬ ଅଗଷ୍ଟ ୨୦୧୫ ମସିହାରୁ ସୁକନ୍ୟା ସମୃଦ୍ଧି ଯୋଜନାରେ ଏକ ହଜାର ଟଙ୍କା ଲେଖାଏଁ ଜମା କରି ୧ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ଏକ ଲକ୍ଷ ଟଙ୍କା ଜମା କରିଥିଲେ । ଜମା ଖାତାରେ ଟଙ୍କା ଜମା ହୋଇଥିବା ନେଇ ପ୍ରମାଣ ରହିଥିବା ବେଳେ ଏଥିରେ ପୋଷ୍ଟ ମାଷ୍ଟରଙ୍କ ଦସ୍ତଖତ ଓ ପୋଷ୍ଟ ଷ୍ଟାମ୍ପ ଲଗାଯାଇଛି । ହେଲେ ଶ୍ରୀ ସାମନ୍ତରାୟ ଆଜି ଟଙ୍କା ଜମା କରିବା ପାଇଁ ଯାଇଥିବା ବେଳେ କମ୍ପ୍ୟୁଟରରେ ଜମା ଖାତା ଯାଂଚ କରିଥିଲେ । ତେବେ ଏହି ଜମା ଖାତାରେ ମାତ୍ର ୧ହଜାର ଟଙ୍କା ରାଶି ଜମା ରହିଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ପୋଷ୍ଟ ମାଷ୍ଟରଙ୍କୁ ପଚାରିବାରୁ ସେ ନୂଆ ଆସିଛନ୍ତି, ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ । ଏହା ମଧ୍ୟରେ ଉଭୟଙ୍କ ବାର୍ତାଳାପ ପରେ ପୋଷ୍ଟ ମାଷ୍ଟର ଏକ ଅଭିଯୋଗ ତାଙ୍କ ନିକଟରେ କରିବା ପାଇଁ କହିଥିଲେ ଓ ଏହାର ସମାଧାନ ଏକ ମାସ ମଧ୍ୟରେ କରାଯିବ ବାଲି ଶ୍ରୀ ସାମନ୍ତରାୟଙ୍କୁ ପ୍ରତିଶୃତି ଦେଇଥିଲେ । ଗତ ଅକ୍ଟୋବର ମାସରୁ ପୋଷ୍ଟ ଅଫିସ କମ୍ପ୍ୟୁଟରିକରଣ କରାଯାଇଛି, ସମସ୍ତ ନଥିପତ୍ର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ବେଳେ ସେଠାରେ ଏପରି ତୃଟି ହୋଇଥିବା ପୋଷ୍ଟମାଷ୍ଟର ମାୟାଧର ସାହୁ ସୂଚନା ଦେଇଛନ୍ତି । ଏହି ଉପଡାକଘରେ ବାରମ୍ବାର ଏପରି ଅଭିଯୋଗ ହୋଇ ଆସୁଥିଲେ ବି ଉଚ୍ଚ କର୍ତୃପକ୍ଷ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ଏହାର ତଦନ୍ତ ମଧ୍ୟ କରୁ ନାହାନ୍ତି । ଯାହାକୁ ନେଇ ଗ୍ରାହକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ସ୍ଥାୟୀ ପ୍ରତିକାର ପାଇଁ ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଲେ ଏହି ଡାକଘର ପ୍ରତି ଲୋକଙ୍କ ଭରସା ରହିବ ନାହିଁ ବୋଲି ଅଂଚଳବାସୀ କହିଛନ୍ତି ।

# ସୀମାନ୍ତ ଗାଁକୁ ମାଡି ପାରୁନି ବିକାଶ : ୭ ଗାଁରେ ଆନ୍ଧ୍ରର ଅନାଧିକାର ପ୍ରବେଶ



କୋରାପୁଟ,୨୮/୦୫ (ନି.ପ୍ର): ବର୍ଷ ବର୍ଷ ଧରି ଓଡ଼ିଶା ସହ ରହିଲେଣି । ଓଡ଼ିଆ କହିବା ଠାରୁ ଆରମ୍ଭ କରି ମତଦାନରେ ମଧ୍ୟ ନିଜକୁ ସାମିଲ କରିଛନ୍ତି । ହେଲେ ସମସ୍ୟା ଦେହ ଚର । ଖରାଦିନେ ଉତ୍କଟ ପାଣି ସମସ୍ୟା, ବର୍ଷକ ବାରମାସ ବିଦ୍ୟୁତ ଓ ନେଟ୍‌ୱାର୍କ ସମସ୍ୟା । ଏହାସହ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବାବେଳେ ପିଲାମାନେ ଅ..ଆ ଛାଡି ଏବେ ତେଲଗୁର ଅ..ଆ.. ପଢୁଛନ୍ତି । କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ କୋଟିଆ ପରେ ତଳଗୋଲୁର ପଞ୍ଚାୟତରେ ପଶି ଆନ୍ଧ୍ର ବଣ୍ଟିଥିଲା ଜଙ୍ଗଲ ଜମି ପଟ୍ଟା, ଦେଇଥିଲା ରାସନ କାର୍ଡ । ଏହାସହ ଭତ୍ତା ଓ ପିଲାଙ୍କୁ ନେଇ ପାଚିପେଣ୍ଟାରେ ପଢାଇଥିଲା । ଏବେ ତାହା ପଡିଶା ଗ୍ରାମପଞ୍ଚାୟତ ପ୍ରାୟ ୨୦ କିଲୋମିଟର ଭିତରକୁ ପ୍ରବେଶ କରି ଆଙ୍ଗାବାଲିରେ ପ୍ରବେଶ କରିଛନ୍ତି ଆନ୍ଧ୍ର । ଏହି ପଞ୍ଚାୟତ ଅନ୍ତର୍ଗତ ସପରେଇଗୁଡା, ଜାମୁଗୁଡା, ସିଡିମେଟ୍ଟୁ, ପଣସଗୁଡା, ଏରାମାଟିଗୁଡା,ଟାଟାମାଉଡି ଓ ଝିଙ୍କରଗୁଡାରେ ଅନାଧିକାର ଅନୁପ୍ରବେଶ କରିଛି ଆନ୍ଧ୍ର । ଏହିଠାରେ ରହିଥିବା ୬୦୦ରୁ ଅଧିକ ପରିବାରଙ୍କୁ ଦେଇଛି ରାସନକାଡ, ଆନ୍ଧ୍ରର ଆଧାରକାଡ, ଜଙ୍ଗଲ ଜମି ପଟ୍ଟା, ଭୋଟରକାର୍ଡ, ଆମ୍ମାବାଡି ଯୋଜନା ସହ ଶିଶୁରୁ କିଶୋର କିଶୋରୀଙ୍କୁ ନେଇ ପାଚିପେଣ୍ଟାରେ ପଢାଉଥିବା ଜଣାପଡିଛି ।

ତେବେ ସବୁଠୁ ବଡ କଥା ଏହି ଗାଁ ଗୁଡିକରେ ବିଦ୍ୟୁତ ସେବା ଅପହଞ୍ଚ ରହିଥିବାବେଳେ ଏରାମାଟିଗୁଡାରୁ ଟାଟାମାଉଡିକୁ ଯୋଡୁଥିବା ରାସ୍ତା ନାହିଁ । ଘାଟିରାସ୍ତାରେ ପ୍ରତିଦିନ ଜୀବନ ସହ ଖେଳି ଯିବା ଆସିବା କରୁଛନ୍ତି ଗାଁ ଲୋକେ । ପଣସଗୁଡାରୁ ସିଡିମେଟୁକୁ ରାସ୍ତା ନ ଥିବାବେଳେ ଆନ୍ଧ୍ର ଆସି ନିଜ ଯୋଜନା ବାଣ୍ଟିଯାଇଛି । ଜାମୁଗୁଡାରେ ନାହିଁ ନ ଥିବା ପାନୀୟ ଜଳ ସମସ୍ୟା ରହିଥିବାବେଳେ ବିଦ୍ୟୁତ ସମସ୍ୟା, ନେଟୱାର୍କ ଓ ସ୍କୁଲ ନ ଥିବା ଜଣାପଡିଛି । କିଛିଅଞ୍ଚଳରେ ଆନ୍ଧ୍ର ସରକାର ଅନାଧିକାର ପ୍ରବେଶ କରି ପାନୀୟ ଜଳ ଯୋଗାଣ କରିଛି । ନୂତନ ଭାବେ ମାନ୍ୟମ ଜିଲ୍ଲା ଗଠନ ପରେ ଆନ୍ଧ୍ରର ଉପନିବେଶବାଦ ଆଶାତିତ ଭାବେ ବୃଦ୍ଧି ପାଇଛି ।

# କୂଅରେ ଫସିଲା ହାତୀ ଛୁଆ , ଉଦ୍ଧାର କଲା ବନ ବିଭାଗ

କନ୍ଧମାଳ,୨୮/୦୫ (ନି.ପ୍ର): ଏକ ପରିତ୍ୟକ୍ତ କୂଅରେ ଫସିଥିବା ହାତୀ ଛୁଆ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହୋଇଛି । କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡର କରଡ଼ା ବନାଂଚଳରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା । ସୂଚନା ପ୍ରକାରେ, ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ କରଡ଼ା ବନାଂଚଳର ବଡ଼ବାରବା ଜଙ୍ଗଲରେ ହାତୀ ପଲ ଚଳପ୍ରଚଳ କରୁଥିବା ବେଳେ ପଳାସପଲ୍ଲୀ ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରେ ଏକ ଛୁଆ ହାତୀ ପଡ଼ିଯାଇଥିଲା । ଆଖପାଖ ଲୋକଙ୍କ ନିକଟରୁ ଖବର ପାଇ ବଡ଼ବାରବା କ୍ଷେତ୍ରରେ କାର୍ଯ୍ୟରତ ବନ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହାତୀ ଛୁଆକୁ ପରିତ୍ୟକ୍ତ କୂଅରୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ଦିର୍ଘ ସମୟ ପରେ ହାତୀ ଛୁଆକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ବନ ବିଭାଗର ଏହି କାର୍ଯ୍ୟ ତତ୍ପରତାକୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

# ଟାଓ୍ୱାର ଲୁହା ଚୋରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭବାନୀପାଟଣା,୨୮/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଗାଁ ରେ ହୋଇଛି ମୋବାଇଲ ଟାଓ୍ୱାର ଚୋରି । ଦୁଷ୍ମନ୍ତ ଥାପା ତାଙ୍କ ଜମିରେ ବନ୍ଦ ପଡ଼ିଥିବା ରିଲାଏନ୍ସ ଟାଓ୍ୱାରକୁ ସାଦବ ମଲ୍ଲିକ ଓ ଜାବେଦ ମଲ୍ଲିକଙ୍କୁ ବିକ୍ରି କରିଦେଇଥିବା ଜଣାପଡିଛି । ସାଦବ ଓ ଜାବେଦ ମଲ୍ଲିକ ନାଁ ରେ ପାଟଣାଗଡ, ବଲାଙ୍ଗୀର, କେସିଙ୍ଗା, ସହିତ ବହୁତ ଥାନାରେ କେଶ ରହିଛି । ଦୁଇ ଜଣ ଉତର ପ୍ରଦେଶର ଗଜିଆବାଦର ବାସିନ୍ଦା । ସାଦବ ଓ ଜାବେଦ ମଲ୍ଲିକ ନିଜ ଲୋକଙ୍କୁ ଆଣି ବନ୍ଦ ପଡ଼ିଥିବା ଟାଓ୍ୱାରକୁ ତିନି ଦିନ ଧରି ପୁରା ପୁରି ଖୋଲି ଦେଇଥିଲେ । ଟାଓ୍ୱାରର ସମ୍ପୂର୍ଣ୍ଣ ଲୁହାକୁ ଦୁଷ୍ମନ୍ତ ୩,୫୦,୦୦୦ ଟଙ୍କାରେ ବିକ୍ରି କରିଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ଦୁଷ୍ମନ୍ତ ଥାପାଙ୍କୁ ଗିରଫ କରିଥିଲା । ପରେ ପରେ ଦୁଇ ଦିନ ଥାନାରେ ଅଟକ ରଖିବା ପରେ ଗତକାଲି ରାତି ୯ ଟାରେ ପୋଲିସ ତାଙ୍କୁ ଛାଡି ଦେଇଥିଲା । ବିନା ଅନୁମତିରେ ବିକ୍ରି କଥାକୁ ନେଇ ରାମପୁର ପୋଲିସ ଓ ଗଣମାଧମ ପ୍ରତିନିଧି ସେହି ସ୍ଥାନରେ ପହଁଛି ତାଙ୍କୁ ପ୍ରଶ୍ନ ପଚାରି ଥିଲେ ଓ ସେହି ସମୟରେ ସେ ସେମାନଙ୍କୁ ମଧ ଦୁର୍ବ୍ୟବହାର କରିଥିଲେ, ପରେ ଘଟଣାସ୍ଥଳରେ ପୋଲିସ ପହଂଚି କେଶ୍ ହାତକୁ ନେଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ପୋଲିସ ପ୍ରଶାସନ ଦୁଷ୍ମନ୍ତକୁ କାହିଁକି ଛାଡି ଦେଲା ? ଟାଓ୍ୱାର ଚୋରି ମାଫିଆ ସାଦବ ଓ ଜାବେଦ ମଲ୍ଲିକଙ୍କୁ ଗିରଫ କରିବାକୁ ଅସଫଳ କାହିଁକି, ଏଠାରେ ବଡବଡିଆ ଲୋକଙ୍କ ହାତ ଅଛିକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

# ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ସମ୍ବର୍ଦ୍ଧିତ

କନ୍ଧମାଳ,୨୮/୦୫ (ନି.ପ୍ର): କନ୍ଧମାଳ ତଥା ଓଡ଼ିଶାର ଜଣେ ଆଗଧାଡିର ସାହିତ୍ୟିକ ତଥା ସଂଗଠକ କୈଳାଶ ଚନ୍ଦ୍ର ଧଳଙ୍କୁ ମା ନାରାୟଣୀ ଯାତ୍ରା କମିଟି ୨୦୨୨ ତରଫରୁ ତା''ର ରୌପ୍ୟ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ନାରାୟଣୀ ଯାତ୍ରାର ସ୍ମରଣିକା ମା ର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି କନ୍ଧମାଳର ସାଂସଦ ତଥା କିସ କିଟ ର ପ୍ରତିଷ୍ଠାତା ଡ଼ଃ. ଅଚ୍ୟୁତ ସାମନ୍ତ ଯୋଗଦେଇ ଫୁଲବାଣୀର ନାରାୟଣୀ ଠାକୁରାଣୀ ଯାତ୍ରାର ମହନୀୟତା, ବିଶ୍ୱାସ, ଭାଇଚାରାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲା ବେଳେ ଉତ୍ତରୀୟ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯାତ୍ରା ପରିଚାଳନା କମିଟିର ସଭାପତି ପି. ସୁଧାଂଶୁ ସେନାପତି, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପ ସଭାପତି ସୁଜିତ ବେହେରା, ସାଂସ୍କୃତିକ ସମ୍ପାଦକ ଭ ଲୋକନାଥ ରାଜୁ, ମଂଚ ସଂଚାଳକ ଅଶୋକ ମହାନ୍ତି (ଲୁଲୁ ) ମଂଚାସୀନ ଥିଲେ । ପ୍ରକାଶ ଥାଉ କି, ଶ୍ରୀ ଧଳ ଯାତ୍ରା କମିଟି ତରଫରୁ ପ୍ରକାଶ ପାଉଥିବା ସ୍ମରଣିକା ମା'' ର ସମ୍ପାଦକ ଭାବରେ ୨୦୦୮ ମସିହାରୁ ନିରବଛିନ୍ନ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକା ପାଇଁ ତାଙ୍କର ବଳିଷ୍ଠ ଭୂମିକା ଥିଲେ ମଧ୍ୟ ତାଙ୍କର ସମସ୍ତ ସହଯୋଗୀ, ଯାତ୍ରା କମିଟିର କର୍ମକର୍ତା ସର୍ବୋପରି ମା''ଙ୍କର ଆଶିଷରୁ ଏହା ସମ୍ଭବ ହୋଇଛି ବୋଲି ସେ କହନ୍ତି । ଶ୍ରୀ ଧଳ ଜଣେ ସୁ ସାହିତ୍ୟିକ, ସଂଗଠକ ତଥା ଶିକ୍ଷାବିତ ଅଟନ୍ତି । ଅଧୁନା ସେ ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଥିଲେ ମଧ୍ୟ ଜିଲ୍ଲାର ବହୁ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ଅଛନ୍ତି । ବିଭିନ୍ନ ମହଲରୁ କୈଳାଶ ଧଳଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଭବାନୀପାଟଣା ବ୍ଲକ ସଭାଗୃହରେ ଅର୍ଥନୈତିକ ସଚେତନତା ଶିବିର

ଭବାନୀପାଟଣା,୨୮/୦୫ (ନି.ପ୍ର): ଭବାନୀପାଟଣା ବ୍ଲକ ସଭାଗୃହ ଠାରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନିର୍ଦ୍ଦେଶ କ୍ରମେ ୨୬/୫/୨୦୨୨ ତାରିଖ ଦିନ ଶ୍ରୀ ବିବେକାନନ୍ଦ ମହାନନ୍ଦ ଜିଲ୍ଲା ସ୍ୱଳ୍ପ ସଂଚୟ ଅର୍ନ୍ତଭୁକ୍ତିକରଣ ଅଧିକାରୀଙ୍କ ସଭାପତିତ୍ୱରେ ଅର୍ଥନୈତିକ ଅର୍ନ୍ତଭୁକ୍ତିକରଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁଶାନ୍ତ କୁମାର ପଟେଲ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଡାକ ବିଭାଗ ଅଧିକ୍ଷକ,ଏଲ.ଡି.ଏମ ଶ୍ରୀଯୁକ୍ତ ସିଂ, ଓଏଲଏମ୍ ବିଭାଗର ଡି.ପି.ଏମ., ଜିଲ୍ଲା ଟ୍ରେଜେରୀ ଅଧିକାରୀ, ଇଣ୍ଡିଆନ ପୋଷ୍ଟାଲ ବ୍ୟାଙ୍କର ଇନସ୍ପେକ୍ଟର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡି.ଏ.ଭି. କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ଶିବ ପ୍ରସାଦ ବେହେରା ଯୋଗଦେଇଥିଲେ । ବ୍ଲକର ସ୍ୱଂୟ ସହାୟକ ଗୋଷ୍ଠୀ, ପେନସନ, କୃଷକ ଓ ସ୍ୱଳ୍ପ ସଂଚୟ ଏଜେଂଟ ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସ୍ୱଳ୍ପ ସଂଚୟ ଯୋଜନା ଯେମିତି ସୂଚାରୁ ରୂପେ ଗ୍ରାମାଂଚଳରେ ପହଂଚିପାରିବ, ଯାହାଫଳରେ ସାଧାରଣ ଜନତା ଚିଟଫଣ୍ଡ ସଂସ୍ଥାରେ ଅର୍ଥ ବିନିଯୋଗରୁ ନିବୃତ ରହିବାକୁ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ସଚେତନତା କାର୍ଯ୍ୟକ୍ରମ ଗ୍ରାମାଂଚଳରେ ଅନୁଷ୍ଠିତ ହେବ ସେନେଇ ଏକ ପ୍ଲାନ ତିଆରି କରିବାକୁ ପଡିବ । ଡାକ ବିଭାଗ ଅଧିକ୍ଷକ ପୋଷ୍ଟାଲ ବିଭାଗର ବିଭିନ୍ନ ଯୋଜନା ଓ ବୀମା ଉପରେ ବୁଝାଇଥିଲେ । ଏଲ.ଡି.ଏମ୍. ବ୍ୟାଙ୍କିଙ୍ଗ ସେକ୍ଟରର ଲାଭ କିପରି ସାଧାରଣ ଲୋକ ଉଠାଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ସଚେତନତା ଓ ସତର୍କତା ଜୀବନର ମାନ ଦଣ୍ଡ ହେବାପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଅର୍ଥନୈତିକ ଅର୍ନ୍ତଭୁକ୍ତିକରଣ ଅଧିକାରୀ ଆଗାମୀ ଦିନରେ ସ୍କୁଲ, କଲେଜ, ଗ୍ରାମପଚାଂୟତରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ତିଆରି କରାଯାଇ ଲୋକଙ୍କ ପାଖକୁ ସଚେତନତା ବାର୍ତା ପହଂଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ପ୍ରକାଶ କରିଥିଲେ । ଗତ ବର୍ଷ ଜିଲ୍ଲା ସ୍ୱଳ୍ପ ସଂଚୟରେ ଧାର୍ଯ୍ୟ ୭୫ କୋଟି ଟଙ୍କାରୁ ୯୭ କୋଟି ଟଙ୍କା ଲକ୍ଷ୍ୟ ହାସଲ କରିଥିବା ପ୍ରକାଶ କରିଥିଲେ । ଶ୍ରୀ ମହାନନ୍ଦ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ବରିଷ୍ଠ ନାଗରିକ ମଂଚ କର୍ମକର୍ତ୍ତା ପାନୀୟ ଜଳ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭେଟିଲେ

ବଲାଙ୍ଗିର,୨୮/୦୫ (ନି.ପ୍ର): ଗତ ୨୧.୫.୨୦୨୨ ର କାର୍ଯ୍ୟକାରିଣୀ ବୈଠକର ଆଧାରରେ ବରିଷ୍ଠ ନାଗରିକ ମଂଚ ର କାର୍ଯ୍ୟକର୍ତା ଓ ସଭ୍ୟମାନେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପି.ଏଚ୍.ଡି ବଲାଙ୍ଗିରଙ୍କୁ ସାକ୍ଷାତ କରି ବଲାଙ୍ଗିର ସହରରେ ପାନୀୟ ଜଳ ସଂକଟର ଏବଂ ସୁଚାରୁ ପରିଚାଳନା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । ସହରର ତଳ ଅଂଚଳମାନଙ୍କରେ ପାନୀୟ ଜଳ ଯୋଗାଣରେ ଘୋର ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପାନୀୟ ଜଳର ସୁବ୍ୟବସ୍ଥା, ଠିକ୍ ସମୟରେ ପାଇପ ପାଣି ଯୋଗାଣ, ନିକଟରେ ଉଚ୍ଚ ଟାଓ୍ୱାର ଥାଇ ମଧ ତା ନିକଟରେ ଥିବା ଅଂଚଳକୁ ପାଣି ନ ଯିବା ଯୋଗୁଁ ସେଠାକର ଅଧିବାସୀମାନେ ଜଳ କଷ୍ଟର ସମ୍ମୁଖିନ ହେଉଥିବା ଦୃଷ୍ଟିରୁ ଅଧିବାସୀମାନେ ଜଳ କଷ୍ଟର ସମ୍ମୁଖିନ ହେଉଥିବା ଦୃଷ୍ଟିରୁ ତାର ତୁରନ୍ତ ସମାଧାନ କରିବାକୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଓ ତାର ତୁରନ୍ତ ସମାଧାନ କରିବାକୁ ଅନୁରୋଧ କରାଯାଇଥିଲା । ଏ ସବୁର ପ୍ରତିକାର କରିବାକୁ କାର୍ଯ୍ୟନିର୍ବାହି ଯନ୍ତ୍ରୀ ପ୍ରତିଶୃତି ଦେଇଥିଲେ । ପୁନଃଶ୍ଚ ବରିଷ୍ଠ ନାଗରିକ ମଂଚର ଆଉ ଏକ ପ୍ରତିନିଧି ମଣ୍ଡଳି ସୁପରିଟେଣ୍ଡିଙ୍ଗ ଯନ୍ତ୍ରୀ ବିଦ୍ୟୁତ ବିଭାଗ ବଲାଙ୍ଗିରକୁ ସାକ୍ଷାତ କରି ବାରମ୍ବାର ବିଦ୍ୟୁତ କାଟ ନିମନ୍ତେ ଏବଂ ସମୟ ସମୟରେ ବିନା ଘୋଷଣାରେ ଦିର୍ଘ ସମୟ ବିଦ୍ୟୁତ କାଟ ହେଉଥିବା ବିଷୟ ରେ ଦୃଷ୍ଟି ଆକର୍ଷଣ କରିଥିଲେ । ଯନ୍ତ୍ରୀ ମହୋଦୟ ଏଣୁ ଏଣିକି ତାର ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ଫ୍ୟୁଜ କଲମାନଙ୍କରେ ଫୋନ କଲ ଗ୍ରହଣ ହେଉଥିବା କଥାକୁ ମଧ ତାଙ୍କ ଦୃଷ୍ଟି ଗୋଚର କୁ ଅଣାଯାଇଥିଲା । ସହର ମଧ୍ୟରେ ଅନେକ ଟ୍ରାନ୍ସଫରମର ସବ୍ ଷ୍ଟେସନ ଗୁଡିକ ଖୋଲା ମେଲା ରହିଥିବା ଯୋଗୁଁ ଦୁର୍ଘଟାକୁ ପ୍ରତିହତ କରିବାକୁ ବାଡ ଦେବା ପାଇଁ ଅନୁରୋଧ କରାଯାଇଥିଲା । ଏହାକୁ ମଧ ଶିଘ୍ର ସମାପ୍ତ କରିବାକୁ ପ୍ରତିଶୃତି ଦେଇଥିଲେ । ଉକ୍ତ ପ୍ରତିନିଧି ମଣ୍ଡଳିରେ ମଂଚର ସଭାପତି ପ୍ରଭାକର ମିଶ୍ର ଓ ସାଧାରଣ ସଂପାଦକ ମନୋରଂଜନ ମିଶ୍ରଙ୍କ ସହିତ କୋଷାଧକ୍ଷ ନରେନ୍ଦ୍ର କବାଟ, ଉପ-ସଭାପତି ବିରଞ୍ଚ ହୋତା, ଅତିରିକ୍ତ ସାଧାରଣ ସଂପାଦକ ସୁନିଲ ବିଶ୍ୱାଳ, ଯୁଗ୍ମ ସଂପାଦକ ଚୁଡେନ୍ଦ୍ର ବେହେରା, ଅଫିସ ସଂପାଦକ ଅଶୋକ ଚାନ୍ଦ, ସଂଗଠାନିକ ସଂପାଦକ ବିନୟ ମିଶ୍ର, ନାରାୟଣ ପାଢୀ, ମଲିଆ ଗଡୁଆ, ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ଏ ଗୁଡିକ ର ସଂଯୋଜନା ସକ୍ରିୟ ସଭ୍ୟ ମଲିଆ ଗଡୁଆ ନିର୍ବାହ କରିଥିଲେ ।

## ଜିଲ୍ଲାସ୍ତରୀୟ ବ୍ୟାଙ୍କ ଅର୍ଥ ପରିଚାଳନା କମିଟି ବୈଠକ

କେନ୍ଦ୍ରାପଡ଼ା,୨୮/୦୫ (ନି.ପ୍ର): କେନ୍ଦ୍ରାପଡା ଷ୍ଟେଟ୍ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ଅର୍ଥ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଆଲୋକ ରଞ୍ଜନ ରଣରାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲଡିଏମ ମଳୟ କୁମାର ମିତ୍ର, ଶାଖା ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ, ରିଜର୍ଭ ବ୍ୟାଙ୍କର ଅଧିକାରୀ ମାନସ ଜେନା ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରି ବ୍ୟାଙ୍କ ବ୍ୟାଙ୍କ ମଧ୍ୟରେ ଅର୍ଥ ପରିଚାଳନା ଓ ଆଦାନ ପ୍ରଦାନ କିଭଳି ସୁରୁଖୁର ରେ ହୋଇ ପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କ ଶାଖା ମାନଙ୍କରେ ଚିରାଫଟା ନୋଟ୍ ବଦଳେଇବା ସଂପର୍କରେ ଗ୍ରାହକ ମାନଙ୍କ ଆସ୍ଥାଭାଜନ ହେବାପାଇଁ ଆଲୋଚନା କରାଯାଇ ଥିଲା । କୌଣସି ବ୍ରାଂଚରେ ଗ୍ରାହକ ମାନଙ୍କ ଠାରୁ ଜାଲ ନୋଟ ମିଳିଲେ ବ୍ୟାଙ୍କ କର୍ତୃପକ୍ଷ ତୁରନ୍ତ ଏ ସମ୍ବନ୍ଧରେ ପୋଲିସକୁ ସୂଚନା ଦେବା ଏବଂ ୫ଟି ରୁ ଅଧିକ ଜାଲ ନୋଟ୍ ମିଳିଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏଫ୍.ଆଇ.ଆର ଲଜ କରାଯିବ । କୌଣସି ପରିସ୍ଥିତିରେ ଜାଲ ନୋଟ୍ ଗ୍ରାହକଙ୍କୁ ଫେରସ୍ତ କରାଯିବ ନାହିଁ ବୋଲି ବୈଠକରେ ଆଲୋଚନା କରାଯାଇ ଥିଲା ।

# କଲେଜରେ ଶିଶୁ ଅନନ୍ତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



ବାଲିପାଟଣା,୨୮/୦୫ (ନି.ପ୍ର): ସ୍ଥାନୀୟ ଶିଶୁ ଅନନ୍ତ ମହାବିଦ୍ୟାଳୟ ପରିସରରେ ମହାପୁରୁଷ ସିଦ୍ଧସାଧକ ଶିଶୁ ଅନନ୍ତଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ମହାପୁରୁଷ ଶିଶୁ ଅନନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । କଲେଜ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧାପକ ହେମନ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କଲେଜ ପକ୍ଷରୁ ପତ୍ରିକା 'ପ୍ରିୟଦର୍ଶୀ' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ମୋ କଲେଜ ଅଭିଯାନର ସଦସ୍ୟବୃନ୍ଦ ଓ ପରିଚାଳନା ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଡ଼ଃ ନୃସିଂହାନନ୍ଦଙ୍କୁ ଉତ୍ର ସାହିତ୍ୟ ସମ୍ମାନ

କନ୍ଧମାଳ,୨୮/୦୫ (ନି.ପ୍ର): କନ୍ଧମାଳର ଜନପ୍ରିୟ ସାହିତ୍ୟିକ ଡ଼ଃ. ନୃସିଂହାନନ୍ଦ ମହାପାତ୍ରଙ୍କୁ ସମ୍ମାନ ଜନକ ଉତ୍ର ସାହିତ୍ୟ ସମ୍ମାନ ୨୦୨୨ ପ୍ରଦାନ କରାଯାଇଛି ।

ମହାନଗର ନିଗମ ସମାରୋହ ଅବସରରେ ଗଂଜାମ ପିତଳର ଓଡ୍ର ସାହିତ୍ୟ ସଂସଦ ତରଫରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଡ଼ଃ. ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାକୁ ପ୍ରଶଂସା କରିଥିଲେ । ଏଥିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, କବି ସୁଶାନ୍ତ ମହାପାତ୍ର, କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଦୋଷ କୁମାର ସ୍ୱାଇଁ, ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ସାହିତ୍ୟିକ ପ୍ରମୋଦ କୁମାର ପଣ୍ଡା, ସଂହିତା ମହାନ୍ତି, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରଫେସର ଅରବିନ୍ଦ ପଣ୍ଡା ପ୍ରଭୃତି ଯୋଗ ଦେଇଥିଲା ବେଳେ ସମ୍ପାଦକ ଚିନ୍ମୟ ରଞ୍ଜନ ମିଶ୍ର ଓ ସଭାପତି ରଜନୀ କାନ୍ତ ପାଢ଼ୀ ସଭା ପରିଚାଳନା କରିଥିଲେ । ପରେ ପରେକବିତା ପାଠ ଓ ସାହିତ୍ୟ ଆଲୋଚନା କରାଯାଇଥିଲା ।

ଏହା ପୂର୍ବରୁ ଡ଼ଃ. ମହାପତ୍ର ଏହି ସମାରୋହରେ ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁ ସମ୍ମାନ ପାଇଛନ୍ତି । ଫୁଲବାଣୀର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ତାଙ୍କର ଏ ସାରସ୍ୱତ ସାଧନା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ଦୁଇ ଦନ୍ତାହାତୀ ମୃତ୍ୟୁ ଘଟଣା : ୩ ବନ କର୍ମଚାରୀ ନିଲମ୍ବିତ, ୩ ଜଣଙ୍କୁ ଅଟକ ପରେ ଡ଼ିଏଫଓ ଅଫିସ ଘେରାଓ କଲେ ଗ୍ରାମବାସୀ

ବୌଦ୍ଧ,୨୮/୦୫ (ନି.ପ୍ର): ବୌଦ୍ଧ ରେଞ୍ଜ ବଘିଆପଡା ସେକ୍ସନରେ ଦୁଇ ଦନ୍ତାହାତୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ବିଭାଗୀୟ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ ପରେ ପ୍ରାଥମିକ ତଦନ୍ତ କରି ୩ ଜଣ ବନ କର୍ମଚାରୀ ଙ୍କୁ ନିଲମ୍ବିତ କରିଛି ବନବିଭାଗ । ଫରେଷ୍ଟର ଶୁଶୀଲ ହୋତା, ଫରେଷ୍ଟ ଗାର୍ଡ ଜ୍ୟୋତିରଞ୍ଜନ ବାରିକ ଓ ଶରତ ଚନ୍ଦ୍ର ନାଏକଙ୍କୁ ନିଲମ୍ବିତ କରାଯାଇଛି । ସେହିଭଳି ଗତକାଲି ବିରିଗଡ଼ ଅଂଚଳରୁ ହାତୀ ଶିକାରି ସନ୍ଦେହରେ ୩ ଜଣଙ୍କୁ ବନବିଭାଗ ଅଟକ ରଖିଛି । ଏହାର ପ୍ରତିବାଦ ରେ ଆଜି ଗ୍ରାମର ଶତାଧିକ ପୁରୁଷ ମହିଳା ବଘିଆପଡା ସେକ୍ସନ ଅଫିସ ଘେରାଉ କରିବା ସହ ଭଙ୍ଗାରୁଜା କରିଛନ୍ତି । ପରେ ଜିଲ୍ଲା ସଦର ମହକୁମାରେ ଥିବା ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ ଘେରାଓ କରିଛନ୍ତି । ଘଟଣା ସ୍ଥଳରେ ଚାପା ଉତେଜନା ଜାରି ରହିଥିବା ବେଳେ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ବୌଦ୍ଧ ରେଞ୍ଜ ବଘିଆପଡା ସେକ୍ସନ ରେ ଦୁଇ ଦନ୍ତା ହାତୀ ମୃତ୍ୟୁ ଘଟଣା ରେ ପ୍ରାଥମିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବନବିଭଗ । ନିଲମ୍ବିତ ହୋଇଛନ୍ତି ୩ ବନ କର୍ମଚାରୀ । ବୌଦ୍ଧ ରେଞ୍ଜ ହାତୀ ଗତିବିଧି ତଦାରଖ କରୁଥିବା ଫରେଷ୍ଟର ଶୁଶୀଲ ହୋତା, ଜାମଖୋଲ ବିଟ ଫରେଷ୍ଟ ଗାର୍ଡ ଜ୍ୟୋତିରଞ୍ଜନ ବାରିକ ଓ ବେରେଡାବାରି ଫରେଷ୍ଟ ଗାର୍ଡ ଶରତ ଚନ୍ଦ୍ର ନାଏକଙ୍କୁ ନିଲମ୍ବିତ କରାଯାଇଛି । ବୌଦ୍ଧ ରେଞ୍ଜ ବଘିଆପଡା ସେକ୍ସନ ଭୁର୍କାପଡ଼ା ଜଙ୍ଗଲରୁ ମିଳିଥିବା ଦାନ୍ତ ବିହୀନ ଦନ୍ତାହାତୀର ମୃତଦେହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ଏହାର ତଦନ୍ତ କରି ୩ ବନ କର୍ମଚାରୀ ଙ୍କୁ ନିଲମ୍ବିତ କରାଯାଇଛି । ସେହିଭଳି ବଘିଆପଡା ସେକ୍ସନ ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲର କମ୍ପାଟମେଂଟ ନମ୍ବର ୮ ରେ ଦାନ୍ତ ବିହୀନ ଦନ୍ତା ହାତୀର ଅନ୍ୟ ରଳବ ମୃତଦେହ ଠାବ ହୋଇଥିଲା । ଦୁଇଦିନ ମଧ୍ୟରେ ଦୁଇ ଦୁଇଟି ଦନ୍ତା ହାତୀ ମୃତ୍ୟୁ ମାମଲା ବନ ବିଭାଗର ନିଦ ହଜାଇ ଦେଇଛି । ବନବିଭାଗ ପକ୍ଷରୁ ଆଖପାଖ ଅଂଚଳରେ ଥିବା ସନ୍ଦିଗ୍ଧଙ୍କୁ ଉଠାଇ ଆଣି ପଚରା ଉଚାର କରୁଥିବା ବେଳେ ଗତରାତିରେ ବିରିଗଡ଼ ଅଂଚଳରୁ ହାତୀ ଶିକାରି ସନ୍ଦେହରେ ୩ ଜଣଙ୍କୁ ଉଠାଇ ଆଣିଛି ବନବିଭାଗ । ଏହାର ପ୍ରତିବାଦରେ ଟିକରପଡ଼ା ପଂଚାୟତ ବିରିଗଡ଼ ଅଂଚଳର ଶତାଧିକ ମହିଳା ପୁରୁଷ ବଘିଆପଡା ସେକ୍ସନ ଅଫିସ ଏବଂ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଛନ୍ତି । ଆଜି ଗ୍ରାମର ଶତାଧିକ ପୁରୁଷ ମହିଳା ବଘିଆପଡା ସେକ୍ସନ ଅଫିସ ଘେରାଉ କରିବା ସହ ଭଙ୍ଗାରୁଜା କରିଛନ୍ତି । ପରେ ଉତ୍ୟକ୍ତ ଲୋକେ ସେକ୍ସନ କାର୍ଯ୍ୟାଳୟ ରେ ତାଲା ପକେଇଦେଇ ଥିଲେ । ପରେ ଉତ୍ୟକ୍ତ ଲୋକେ ଜିଲ୍ଲା ସଦର ମହକୁମା ରେ ଥିବା ବୌଦ୍ଧ ବନଖଣ୍ଡ ଅଧିକାରୀ ଙ୍କ କାର୍ଯ୍ୟାଳୟ ଘେରାଓ କରିଛନ୍ତି । ଘଟଣା ସ୍ଥଳରେ ଚାପା ଉତେଜନା ଜାରି ରହିଥିବା ବେଳେ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ନିରୀହ ଗ୍ରାମବାସୀଙ୍କୁ ବନବିଭାଗ ନଛାଡିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ସହ ଆବଶ୍ୟକ ହେଲେ ଆନ୍ଦୋଳନ ରାଜରାସ୍ତା ପର୍ଯ୍ୟନ୍ତ ଯିବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ । ସେପଟେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଚଳାଇଛି ।


# ନାରୀ ଶକ୍ତି ସଂଗଠନର ଆତ୍ମସୁରକ୍ଷା ତାଲିମ ପ୍ରଦାନ

ବଲାଙ୍ଗିର ,୨୮/୦୫ (ନି.ପ୍ର): ବଲାଙ୍ଗିର ଡେଲି ମାର୍କେଟ ସ୍ଥିତ ବି.ଏସ୍ ଏରୋବିକସ ଠାରେ ନାରୀ ଶକ୍ତି ସଂଗଠନ ଓ ବି.ଏସ. ଏରୋବିକ୍ସର ମିଳିତ ପ୍ରୟାସରେ ଆଜି ଏକ ଆତ୍ମ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ନାରୀ ଓ ଶିଶୁମାନଙ୍କୁ ଆତ୍ମ ସୁରକ୍ଷା, ଗୁଡ଼ ଟଚ ଓ ବେଡ଼ ଟଚ ବିଷୟରେ ମଧ ଶିକ୍ଷା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଥିଲେ ୱାର୍ଡ ନଂ. ୨ର କାଉନସିଲର ସରିତା ଦାସ ଏବଂ ୱାର୍ଡ ନଂ.୧୩ର କାଉନସିଲର ଇସ୍ମତ ଆରା ଖାନ ଓ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ୨୭ ଓ ୨୮ ଦୁଇ ଦିନ ଧରି ଚାଲିବ ବୋଲି କହିଛନ୍ତି ନାରୀ ଶକ୍ତି ସଂଗଠନର କର୍ମୀ ।

## ଧାରାବାହିକ : ଜୀବନାନୁଭୂତି

ଭାଗ-୭୬

# ମୋର୍ ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବାଲେଶ୍ୱରରେ ମୋ ପରିବାରର ପ୍ରାୟ ସମସ୍ତେ ମେଲେରିଆରେ ପଡ଼ିଲେ । ମେଲେରିଆର ପ୍ରକୋପ ସାଧାରଣତଃ ଜୁଲାଇ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରବଳ ହୁଏ। ଶୀତ ଆରମ୍ଭରେ କ୍ରମେ ତାହା ଉଣା ହୋଇଯାଏ । ୧୯୩୨ ମସିହାର ବର୍ଷାଋତୁରେ ଆମ୍ଭେମାନେ ପ୍ରାୟ ସମସ୍ତେ ଆକ୍ରାନ୍ତ ହେଲୁ । ସେହିବର୍ଷ ଓ ତା' ପରବର୍ଷ ମଧ୍ୟରେ ଆମ୍ଭେମାନେ ଏତେ କଷ୍ଟ ଭୋଗକଲୁ ଯେ ମୁଁ ବାଲେଶ୍ୱର ତ୍ୟାଗ ସଂକଳ୍ପ କରିବାକୁ ଲାଗିଲି । ପ୍ରଥମରେ ଛୁଟି ପାଇଁ ଦରଖାସ୍ତ କଲି । କିନ୍ତୁ କଲେକ୍ଟର ମୋ ଦରଖାସ୍ତ ଉପରକୁ ପଠାଇଲେ ନାହିଁ । ମୋ ପରି ଅନ୍ୟ ଅଫିସରମାନେ ତ ପୀଡ଼ିତ ହୋଇ ସୁଦ୍ଧା କାର୍ଯ୍ୟ କରୁଅଛନ୍ତି । ମୋ ଦରଖାସ୍ତ ନପଠାଇବାର ଏହି କାରଣ କହିଲେ । ଡାକ୍ତର କୃଷ୍ଣପ୍ରସାଦ ମହାନ୍ତି ମୋ ଗୃହଚିକିତ୍ସକ । ପିଲାଦିନେ ସେ ବଲାଙ୍ଗୀରରେ ଡାକ୍ତର ଥିଲେ ଏବଂ ମୋ ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କର ବନ୍ଧୁ ଥିଲେ । ସେ ପିଲାଦିନେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । କେତେବର୍ଷ ହେଲା ଚାକିରି ତ୍ୟାଗକରି ବାଲେଶ୍ୱରରେ ଘରୋଇ ଡାକ୍ତରୀ ବ୍ୟବସାୟ କରୁଥିଲେ । ମୋତେ ବାଲେଶ୍ୱରରେ ଦେଖି ଅତ୍ୟନ୍ତ ଆନନ୍ଦ ପ୍ରକାଶ କଲେ । ଦେଖିଲି, ଯେପରି ମୋ ପ୍ରତି ତାଙ୍କର ପୂର୍ବ ସ୍ନେହ ଅକ୍ଷୁର୍ଣ୍ଣ ରହିଅଛି । ଏହି ମାଲେରିଆରେ ସେ ମୋ ପରିବାରରେ ଯେପରି ଧନ୍ୱନ୍ତରୀ ସ୍ୱରୂପ ହୋଇଥିଲେ । ସେ ଅତ୍ୟନ୍ତ ସଦାଶୟ ଓ ଦୟାଳୁ ଚିକିତ୍ସକ ଥିଲେ । ଦରିଦ୍ର ପରିବାରରେ ସେ ବିନା ପାରିଶ୍ରମିକରେ ଚିକିତ୍ସା କରୁଥିଲେ ଓ ବିନା ମୂଲ୍ୟରେ ଔଷଧ ସୁଦ୍ଧା ବିତରଣ କରୁଥିଲେ । ୧୯୩୩ ମସିହାରେ ଦିନେ ହଠାତ୍ ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଦେହତ୍ୟାଗ କଲେ ।

ମୋର ବାଲେଶ୍ୱରରେ ଅବସ୍ଥାନ ସମୟରେ କଂଗ୍ରେସ ଆନ୍ଦୋଳନ ତୀବ୍ର ଭାବ ଧାରଣ କରିଥିଲା ଓ ଆନ୍ଦୋଳନଜନିତ ସରକାରଙ୍କ ଦମନଶୀଳା ମଧ ତଦନୁରୂପ ହେଉଥିଲା । ସରକାରୀ ଗୁଳିମାଡ଼ରେ କେତେକ ଲୋକ ପ୍ରାଣ ହରାଇଥିଲେ । ଏହି ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳରେ ଲୁଣମରା ଲୋକଙ୍କର ଏକ ପ୍ରକାର ବ୍ୟବସାୟ ଥିଲା । ତାହା କାଳକ୍ରମେ ସରକାରଙ୍କ ଦ୍ୱାରା ବନ୍ଦ ହୋଇଗଲା । ୧୯୩୦ ସାଲ ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀ ଏହି ନୀତି ବିରୁଦ୍ଧରେ ପ୍ରତିବାଦ କରି ବମ୍ବେ ପ୍ରଦେଶସ୍ଥ ଦାଣ୍ଡି ଓ ଧର୍ସାନାରେ ଥିବା ଲୁଣ କାରଖାନାକୁ ଆକ୍ରମଣ କରି ଯିବା ବାଟରେ ଗରିଫ ହୋଇଥିଲେ । ତତ୍ ପରେ ଭାରତର ବଡ଼ଲାଟ ଲର୍ଡ ଇର୍‌ଉଇନ୍ (Lord Irwin)ଙ୍କ ସହିତ ଗୋଟିଏ ଚୁକ୍ତି ହୋଇଥିଲା । ତହିଁରେ ସ୍ଥିର ହୋଇଥିଲା ଯେକୌଣସି ବ୍ୟକ୍ତି ନିଜଘରେ ବ୍ୟବହାର କରିବା ପରିମାଣର ଲୁଣମାରି, ମାରିବା ସ୍ଥାନରୁ ନିଜ ମୁଣ୍ଡ ବା ଭାରରେ ବୋହିଆଣି ପାରିବେ । ବ୍ୟବସାୟ ସକାଶେ କିମ୍ବା ଏଥିରୁ ଅଧିକ ପରିମାଣରେ ଲୁଣଗାଡ଼ି କିମ୍ବା କୌଣସି ଭାରବାହୀ ପଶୁ ଉପରେ ଲଦି ଆଣିପାରିବେ ନାହିଁ । କେତେଜଣ ଲୋକ ଥୋଡ଼ି ବଳଦ ଉପରେ ଲଦି ଲୁଣ ଆଣୁଥିବା ଅପରାଧରେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ଦାଏର ହେଲା ଓ ମୁଁ ସେମାନଙ୍କ ବିଚାରକରି ଆଇନାନୁଯାୟୀ ସେମାନଙ୍କ ପ୍ରତି ଅର୍ଥଦଣ୍ଡ ବିଧାନକଲି । ଲୁଣ ବୁହାରେ ବ୍ୟବହୃତ ବଳଦଗୁଡ଼ିକୁ ବାଜେୟାପ୍ତ କରିନଥିବା ଯୋଗୁଁ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସତ୍ୟେନ୍ଦ୍ର ମୋହନ ଧର, ଆଇ.ସି.ଏସ୍. ମୋତେ ତହିଁର କାରଣ ଜିଜ୍ଞାସା କଲେ । ମୁଁ କହିଲି ଯେ, ଆସାମୀମାନେ ସମସ୍ତେ ଚାଷୀ । ଲୁଣମରା ବା ବିକ୍ରୀ ଏମାନଙ୍କ ବ୍ୟବସାୟ ନୁହେଁ । ଚାଷରେ ବ୍ୟବହୃତ ବଳଦଗୁଡ଼ିକ ବାଜେୟାପ୍ତ କରିଥିଲେ, ସେମାନଙ୍କ ଚାଷରେ ହାନୀ ହୋଇଥା'ନ୍ତା ଓ ସେମାନଙ୍କ ଅପରାଧ ଯୋଗୁଁ ସେମାନଙ୍କ ପରିବାରଭୁକ୍ତ ସ୍ତ୍ରୀ ସନ୍ତାନାଦି ସମସ୍ତେ ଦଣ୍ଡିତ ହେଲାପରି ହୋଇଥାନ୍ତେ । ଏହି କୈଫିୟତ୍‌ରେ ସେ ସନ୍ତୁଷ୍ଟ ହେଲେ ନାହିଁ । ମୋର ବିଚାରରେ ଦୁର୍ବଳତା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କରି ତିରସ୍କାର କରିବାକୁ ଲାଗଲେ । ଉତ୍ତରରେ ମୁଁ କହିବାକୁ ବାଧ ହୋଇଥିଲି ଯେ, ଅପରାଧରେ ବ୍ୟବହୃତ ଦ୍ରବ୍ୟାଦି ବାଜେୟାପ୍ତ କରିବା ଆଇନ୍ ସଙ୍ଗତ ଥିଲେ ମଧ ତାହା କରିବା ନକରିବା ଅବସ୍ଥା ବିବେଚନାରେ ମୋକଦ୍ଦମା ବିଚାରକଙ୍କ ବିଚାରାଧୀନ । ଏହି କାରଣରୁ ମୁଁ ବଳଦ ବାଜେୟାପ୍ତ କରିବା ହୁକୁମ ଦେଲିନାହିଁ । ତଥାପି ଧର ସାହେବ ମୋ ସହିତ ଏକମତ ହେଲେନାହିଁ । ଓ ରାଜନୀତି ସଂକ୍ରାନ୍ତ ମୋକଦ୍ଦମା ମୋତେ ଆଉ ଦିଆଯିବ ନାହିଁ ବୋଲି କହିଲେ । ମୋତେ ମଧ ଏପରି ମୋକଦ୍ଦମା ବିଚାର କରିବାରେ କଷ୍ଟବୋଧ ହେଉଥିଲା । ଏହି ଅପ୍ରୀତିକର କାର୍ଯ୍ୟରୁ ଅବ୍ୟାହତି ପାଇ ମୁଁ ଅତ୍ୟନ୍ତ ଆଶ୍ୱସ୍ତି ଲାଭକଲି ।

କାଖଡ଼ା ବଙ୍ଗପ୍ରଦେଶସ୍ଥ ମେଦିନୀପୁର ଜିଲ୍ଲା ସୀମାନ୍ତରେ ବାଲେଶ୍ୱର ଜିଲ୍ଲାର ଗୋଟିଏ ବଡ଼ ଗ୍ରାମ । ସେଠାରେ ଅଧିକାଂଶ ଅଧିବାସୀ ବଙ୍ଗାଳୀ । ଥରେ ଗୋଟିଏ ବେନାମୀ ପତ୍ରରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସମ୍ବାଦ ଆସିଲା ଯେ ଉକ୍ତ ଗ୍ରାମର କେତେକ ଯୁବକ 'ତରୁଣ ସଂଘ' ନାମକ ଏକ ସଂଘ ସ୍ଥାପନ କରି ସରକାରଙ୍କ ବିରୁଦ୍ଧରେ ବିଦ୍ରୋହାତ୍ମକ କାର୍ଯ୍ୟ କରୁଅଛନ୍ତି । ତାହା ତଦନ୍ତ କରିବା ସକାଶେ ମୁଁ ପ୍ରେରିତ ହେଲି । ସକାଳ ୭ଟା ବେଳେ କଲିକତା ଯାଉଥିବା ପାସେଞ୍ଜର ଗାଡ଼ିରେ ବାହାରି ପ୍ରାୟ ୯ଟା ବେଳେ ଜଳେଶ୍ୱରରେ ପହଞ୍ଚିଲି ଓ ସେଠାରୁ ଭଡ଼ା ମୋଟରରେ ଯାଇ ୧୭ ମାଇଲ ଦୂରବର୍ତ୍ତୀ ବାଟଗାଁରେ ପହଞ୍ଚିଲି । ବାଲେଶ୍ୱରରୁ କଲିକତା ଯାଇଥିବା ଉପକୂଳ କେନାଲ (coast canal) କୂଳରେ ଏହି ବଟଗାଁ ଗ୍ରାମ ଅବସ୍ଥିତ । ରେଲ୍ ଯାତାୟତ ପୂର୍ବେ ଇଷ୍ଟଇଣ୍ଡିଆ କମ୍ପାନୀ ସରକାରଙ୍କଦ୍ୱାରା ଏହି ନାଳ ଖୋଦିତ ହୋଇ ବାଲେଶ୍ୱରରୁ କଲିକତା ପର୍ଯ୍ୟନ୍ତ ବାଣିଜ୍ୟପଥ ନିର୍ମିତ ହୋଇଥିଲା । ନଳା ପାରିହେଲେ ଅପରପାର୍ଶ୍ୱରେ କେତେଗୁଡ଼ିଏ ଗ୍ରାମ । ସେଠାରୁ ସାତ ଆଠ ମାଇଲ ବିସ୍ତୃତ ସମୁଦ୍ରକୂଳ ପର୍ଯ୍ୟନ୍ତ ବାଲୁକାମୟ ଅଞ୍ଚଳ । ଏ ସମସ୍ତ ଗ୍ରାମମାନ ବଙ୍ଗାଳୀ ଓ ଓଡ଼ିଆ ଜମିଦାରମାନଙ୍କ ଅଧିକୃତ । ପ୍ରଜାମାନ ସୁଦ୍ଧା ବଙ୍ଗାଳୀ ଓ ଓଡ଼ିଆ, ସମସ୍ତେ ବଙ୍ଗଳା ଓ ଓଡ଼ିଆ ଭାଷା ଜାଣନ୍ତି । ମେଦିନୀପୁର ଜିଲ୍ଲାରେ ସୁଦ୍ଧା ଓଡ଼ିଆଙ୍କ ସଂଖ୍ୟା କମ୍ ନୁହେଁ। ଛାୟାବହୁଳ ନାରିକେଳ ବୃକ୍ଷଶ୍ରେଣୀ ଦିଗନ୍ତବିସ୍ତୃତ ହୋଇ ଦଣ୍ଡାୟମାନ ଓ ସମୁଦ୍ରଶୀକରବାହୀ ପବନରେ ଆନ୍ଦୋଳିତ ହୋଇ ଏହି ଅଞ୍ଚଳକୁ ସୁଖକର ଛାୟାମଣ୍ଡିତ କରି ରଖିଛି ।

କେନାଲର ଅପରପାର୍ଶ୍ୱରେ ଅନେକ ଲୋକ ରହିଥିଲେ ଓ ପଥିକମାନଙ୍କ ଜିନିଷପତ୍ର ବୋହିନେଇ ପାରିଶ୍ରମିକ ଆଦାୟ କରୁଥିଲେ । ମୋ' ଜିନିଷ ନିକଟବର୍ତ୍ତୀ ଦେହୁଡ଼ାଦା ଗ୍ରାମ ପର୍ଯ୍ୟନ୍ତ ବୋହିନେବା ସକାଶେ ମୋ' ସଙ୍ଗେ ଆସିଥିବା ଚପରାସୀ ଜଣକୁ କହିଲା, କିନ୍ତୁ ସେ ମୋ ପୋଷାକ ଦେଖି ବୋହିବ ନାହିଁ ବୋଲି କହିଲା । ପୁଣି ଆଉ ଜଣକୁ କହିଲା; କିନ୍ତୁ ସେ ମଧ ମନା କରିଦେଲା । ଏପରି ଯାହାକୁ ସମସ୍ତେ ମୋ' ଜିନିଷ ବୋହିବା ପାଇଁ ମନା କରିଦେଲେ । ମୁଁ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ, ମୋ ପୋଷାକରୁ ସେମାନେ ମନେକରୁଛନ୍ତି ଯେ, ମୁଁ ଜଣେ ସରକାର ହାକିମ । ଇଂରେଜଙ୍କ ଗୋଲାମ୍, କୁକୁର । ଗୋଲାମଙ୍କ ମାଲ ବୋହିବେ ନାହିଁ । ସରକାରୀ କର୍ମଚାରୀଙ୍କ ସହିତ ଅସହଯୋଗ ଓ ସେମାନଙ୍କ ବର୍ଜ୍ଜନ ସେହି ସମୟରେ କଂଗ୍ରେସର କାର୍ଯ୍ୟପନ୍ଥା ମଧ୍ୟରେ ଅନ୍ୟତମ ଥିଲା । ବଡ଼ ଅଡୁଆରେ ପଡ଼ିବାକୁ ହେଲା। ଭାବିଲି, ହାକିମ ଚାଲ୍ ଏଠାରେ ଚଳିବ ନାହିଁ । ଏହି ବାଲୁକାମୟ ଅଞ୍ଚଳରେ ପାଲିଙ୍କି ଏକମାତ୍ର ବାହନ । ସେହିଠାରୁ କଖଡ଼ା ଛଅ ମାଇଲ । କେବଳ ବାଲିରେ ଯିବାକୁ ହେବ । ତାହାହେଲେ ପାଲିଙ୍କି ନମିଳିଲେ ଯିବି କିପରି ? ଏହି ଭାବନା ମୋତେ ବିବ୍ରତ କରିବାକୁ ଲାଗିଲା । ବୈଶାଖ ମାସ ଗ୍ରୀଷ୍ମକାଳ, ମଧ୍ୟାହ୍ନ ହୋଇଗଲାଣି । ଏହି ସମୟରେ କେଉଁଠାକୁ ଯାଇ ଆଶ୍ରୟ ନେବି ! ଶୁଣିଲି ଏହି ଅଞ୍ଚଳର ଲୋକେ ସରକାରୀ କର୍ମଚାରୀଙ୍କୁ ଏପରି ବର୍ଜନ କରିଅଛନ୍ତି ଯେ, ସେମାନଙ୍କୁ ପାଣି ମୁନ୍ଦାଏ ସୁଦ୍ଧା ନଦେବା ପାଇଁ ପ୍ରତିଜ୍ଞା କରିଅଛନ୍ତି । ଗ୍ରୀଷ୍ମକାଳରେ ଏହି ଅଞ୍ଚଳରେ ଶୀତଳପବନ ପ୍ରବାହିତ ହେଉଥିଲେ ସୁଦ୍ଧା, ରୌଦ୍ରତାପଜନିତ କ୍ଲାନ୍ତି ଓ କ୍ଷୁଧା ଅନୁଭବ କରିବାକୁ ଲାଗିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ- ୫୦

### ॥ ତୁ ମୋ ଆରମ୍ଭ ତୁ ମୋ ଶେଷ ॥

୨୦୧୧ ମସିହା ମୋ ପାଇଁ ଲକି ସାବ୍ୟସ୍ତ ହୋଇଥିଲା । ସାତୋଟି ସଫଳ ଚଳଚ୍ଚିତ୍ରର ଲେଖକ ଭାବରେ ସେ ବର୍ଷ ପାଇଁ ମୁଁ ପ୍ରାୟତଃ ଭିନ୍ନ ଭିନ୍ନ ଚଳଚ୍ଚିତ୍ର ପାଇଁ ସମ୍ମାନିତ ହୋଇଥିଲି । ସବୁଠାରୁ ବଡ଼କଥା ଥିଲା ୨୦୧୧ ମସିହା ପାଇଁ ଶ୍ରେଷ୍ଠ ସଂଳାପ ଲେଖକ ଭାବରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପୁରସ୍କୃତ ହେବା । ପୂର୍ବରୁ ସଂଳାପ ନିମନ୍ତେ ସ୍ୱତନ୍ତ୍ର ପୁରସ୍କାରର ବନ୍ଦୋବସ୍ତ ନଥିଲା । କିନ୍ତୁ ବହୁ ଦାବି ପରେ ଟେଲି ପୁରସ୍କାର ଓ ଚଳଚ୍ଚିତ୍ର ପୁରସ୍କାରରେ ସଂଳାପ ପାଇଁ ପୁରସ୍କାର ଅନ୍ତର୍ଭୁକ୍ତ ହେଲା । ମୋର ସୌଭାଗ୍ୟ 'ମୁଁ ପ୍ରେମୀ ମୁଁ ପାଗଳ' ସଂଳାପ ପାଇଁ ପୁରସ୍କୃତ ହେଲି । ଏ ପୁରସ୍କାର ଅବଶ୍ୟ ପରବର୍ତ୍ତୀ ସମୟରେ ମିଳିଥିଲା ।

୨୦୧୧ ପରେ ମୁଁ ଉତ୍ଫୁଲ୍ଲିତ ହୋଇ ପଡ଼ିଥିଲି । ଉତ୍ଫୁଲ୍ଲିତ ହେବା ସ୍ୱାଭାବିକ କଥା । କିନ୍ତୁ ୨୦୧୨ରେ ମୋର ପୂର୍ବବର୍ତ୍ତୀ ବର୍ଷମାନଙ୍କର ରେକର୍ଡରେ ଭଟ୍ଟା ପଡ଼ିଗଲା । ମାତ୍ର ୨ଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । 'ତୁ ମୋ ଆରମ୍ଭ ତୁ ମୋ ଶେଷ' ଓ 'ଗୁଡ୍‌ବୟ' । 'ତୁ ମୋ ଆରମ୍ଭ ତୁ ମୋ ଶେଷ' ମେ ମାସ ବାର ତାରିଖ ୨୦୧୨ରେ ରିଲିଜ୍ ହେଲା । ତା'ର ୩ମାସ ପରେ ଅର୍ଥାତ୍ ଅଗଷ୍ଟ ୧୦ ତାରିଖରେ 'ଗୁଡ୍‌ବୟ' ପ୍ରେକ୍ଷାଳୟକୁ ଆସିଲା ।

ତଥାପି ମୁଁ ଖୁସି ଥିଲି । ଦୁଇଟି ଯାକ ଚଳଚ୍ଚିତ୍ର ମୋ ପାଇଁ ସଫଳ ଥିଲା । ଏଇବର୍ଷ ଆଉ ଜଣେ ସଂଗୀତ ନିର୍ଦ୍ଦେଶକଙ୍କର ଆବିର୍ଭାବ ଘଟିଲା । ଆଲୋଚନା ଭିତରେ ନଥାଇ ହଠାତ୍ ବୈଦ୍ୟନାଥ ଦାସ ସଂଗୀତ ନିର୍ଦ୍ଦେଶନା କ୍ଷେତ୍ରକୁ ଲମ୍ଫ ମାରିଲେ । ମୋର ସୌଭାଗ୍ୟ ମୋର ଦୁଇଟି ଯାକ ଚଳଚ୍ଚିତ୍ରରେ ସେ ଥିଲେ ସଂଗୀତ ନିର୍ଦ୍ଦେଶକ । ବୈଦ୍ୟନାଥ ବାବୁ ପୂର୍ବରୁ ଯାତ୍ରାରେ ଗୀତ ଲେଖିବା କଥା ମୁଁ ଜାଣିଥିଲି । ହେଲେ ସେ ଯେ' ଚମତ୍କାର ସଂଗୀତ ନିର୍ଦ୍ଦେଶନା ଦେଇପାରନ୍ତି ଏକଥା ଖାଲି ମୁଁ ନୁହେଁ ସମଗ୍ର ଓଲିଉଡ୍ ପରବର୍ତ୍ତୀ କାଳରେ ସ୍ୱୀକାର କଲେ । 'ଗୁଡ୍‌ବୟ'ର କାମ ଆଗରୁ ଆରମ୍ଭ ହୋଇଥିଲେ ହେଁ ରିଲିଜ୍ ଦୃଷ୍ଟିରୁ 'ତୁ ମୋ ଆରମ୍ଭ ତୁ ମୋ ଶେଷ' ବୈଦ୍ୟନାଥଙ୍କର ପ୍ରଥମ ଚଳଚ୍ଚିତ୍ର ।

'ତୁ ମୋ ଆରମ୍ଭ ତୁ ମୋ ଶେଷ' ଏକ୍ସେଲ ମୁଭିଜ୍‌ର ତଥା ପ୍ରଯୋଜକ ରବୀନ୍ଦ୍ର ପଣ୍ଡାଙ୍କର ଦ୍ୱିତୀୟ ଚଳଚ୍ଚିତ୍ର । ପ୍ରଥମ ଚଳଚ୍ଚିତ୍ର 'ଫ୍ୟାମିଲି ନଂ ୱାନ୍'ର ସଫଳତା ରବୀନ୍ଦ୍ର ବାବୁଙ୍କୁ ପ୍ରେରଣା ଯୋଗାଇଥାଏ । ନିଜର ଆଲବମ୍ ପ୍ରସ୍ତୁତିରେ ତାଲା ଲଗାଇ ଓଲିଉଡ୍‌ରେ ରୀତିମତ୍ ପ୍ରଯୋଜନାରେ ଆଗକୁ ଆସିବା ପାଇଁ ବଦ୍ଧ ପରିକର । ରବୀନ୍ଦ୍ର ବାବୁଙ୍କ ଭଲ ଗୁଣ ହେଲା ସ୍କ୍ରିପ୍ଟଠାରୁ ଆରମ୍ଭ କରି ରିଲିଜ୍ ପର୍ଯ୍ୟନ୍ତ ସବୁ କାମରେ ଜଡ଼ିତ ରହିବା । ନିଜେ ସ୍କ୍ରିପ୍ଟ ଭଲ କରି ପଢ଼ନ୍ତି । ଆଲୋଚନା କରନ୍ତି । ସଂଗୀତ କ୍ଷେତ୍ରରେ ମଧ ସେଇଆ । ନିଜେ ସ୍କ୍ରିପ୍ଟିଂ ସେଟ୍‌ରେ ଉପସ୍ଥିତ ରହି ମନିଟରିଙ୍ଗ୍ କରନ୍ତି । ପ୍ରାୟତଃ ରବୀନ୍ଦ୍ର ବାବୁଙ୍କ ଚଳଚ୍ଚିତ୍ର ଗୁଡ଼ିକ ଫ୍ଲୋର୍‌କୁ ଓହ୍ଲାଇବା ମାନେ ରିଲିଜ୍ କରିବା ନିଶ୍ଚୟ । ସ୍ୱଳ୍ପ ବଜେଟ୍‌ରେ ସଫଳ ଚଳଚ୍ଚିତ୍ର କରିବାର କୌଶଳ ତାଙ୍କୁ ଜଣା ।

'ତୁ ମୋ ଆରମ୍ଭ ତୁ ମୋ ଶେଷ'ର ସ୍କ୍ରିପ୍ଟ ପୂଜା ପର୍ଯ୍ୟନ୍ତ ମୁଁ ଜାଣିନଥାଏ ମ୍ୟୁଜିକ୍ ଡାଇରେକ୍ଟର କିଏ । ରବୀନ୍ଦ୍ର ବାବୁ ସେହିଦିନ ସସ୍‌ପେନ୍ସ ହଟାଇ ମତେ ବୈଦ୍ୟନାଥ ବାବୁଙ୍କ ସହ ପରିଚୟ କରାଇ ଦେଲେ । ସ୍କ୍ରିପ୍ଟ ଆରମ୍ଭ ହେଲା । ନିର୍ଦ୍ଦେଶକ ନିଶିକାନ୍ତ ଦଳବେହେରାଙ୍କୁ ରିପିଟ୍ କରାଗଲା । ନିଶିଙ୍କ ସହିତ ମୁଁ ପୂର୍ବରୁ କାମ କରିଛି । ଗୋଟିଏ ଦକ୍ଷିଣୀ ଚଳଚ୍ଚିତ୍ରର କାହାଣୀ ଆଧାରରେ ଆମେ ସ୍କ୍ରିପ୍ଟିଂ କରୁଥାଉ । ପ୍ରଥମଥର ପାଇଁ ମଣ୍ଟୁ (ଶୁଭାଶିଷ ଶର୍ମା)ଙ୍କୁ ନାୟିକା ପିଙ୍କି ପ୍ରିୟଦର୍ଶିନୀଙ୍କ ବିପକ୍ଷରେ ନାୟକ ଭାବରେ ଚୁକ୍ତିବଦ୍ଧ କରାଗଲା । ପିଙ୍କି ପ୍ରିୟଦର୍ଶିନୀଙ୍କର ଏହା ଥିଲା ପ୍ରଥମ ଚଳଚ୍ଚତ୍ର । ମଣ୍ଟୁ ଦୂରଦର୍ଶନର ଜଣେ ପ୍ରଭାବଶାଳୀ ଅଭିନେତା । ଅନ୍ୟମାନଙ୍କ ମଧ୍ୟରେ ମିହିର ଦାସ, ସଲିଲ ଦାସ, ମୀନକେତନ, ପୁଷ୍ପା ପଣ୍ଡା, କେକେ, ପ୍ରଜ୍ଞା ପ୍ରଭୃତି କଳାକାରଙ୍କୁ ଚୟନ କରାଗଲ । ମୁଖ୍ୟତଃ ଦେଖିବାକୁ ଗଲେ ମିହିର ଦାସ ଓ ପୁଷ୍ପାଙ୍କର ଦାମ୍ପତ୍ୟ ଜୀବନର ବିଫଳତା ଓ ସଫଳତାର କାହାଣୀ ଉପରେ ଚଳଚ୍ଚିତ୍ରଟି ଗତିଶୀଳ । ଉଭୟଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି । ସନ୍ତାନ ମଣ୍ଟୁ ମା' ପୁଷ୍ପାଙ୍କ ପାଖରେ ବଢ଼ୁଛି । ପୁଷ୍ପା ଜଣେ ଅଧ୍ୟାପିକା । ମିହିର ଜଣେ ବିତ୍ତଶାଳୀ ଇଣ୍ଡଷ୍ଟ୍ରିଆଲିଷ୍ଟ, ମିହିର ପୁଅ ମଣ୍ଟୁକୁ ଖୁବ୍ ଭଲ ପାଆନ୍ତି । ଉପରେ ପିତାମାତା ନିଜ ନିଜ ଆଦର୍ଶରେ ପୁଅକୁ ଗଢ଼ିବାକୁ ଚାହାନ୍ତି । ଏଇଠି ଘଟେ ଆଦର୍ଶଗତ ଲଢ଼େଇ । ମଣ୍ଟୁ ମଝିରେ ଛଟପଟ ହୁଏ । ସେ ପିଙ୍କିକୁ ଭଲପାଏ, ପିଙ୍କି ମୀନକେତନଙ୍କ ଅଲିଅଳି କନ୍ୟା । ପିଙ୍କି ଓ ମଣ୍ଟୁଙ୍କ ପ୍ରେମରେ ମଧ ଅନେକ ଘଟଣା ଦୁର୍ଘଟଣା ।

ପ୍ରତିଟି ଚରିତ୍ର ଆଉ ସିକ୍ୟୁଏନ୍ସକୁ ପ୍ରଭାବଶାଳୀ କରିବା ପାଇଁ ଆମେ ଯତ୍ନବାନ ଥାଉ । କାହାଣୀର କ୍ଲାଇମ୍ୟାକ୍ସରେ ପୁଅ ମଣ୍ଟୁର ଜୀବନ ରକ୍ଷା ପାଇଁ ମିହିର ଓ ପୁଷ୍ପା ଏକାଠି ହୋଇଯାନ୍ତି । ଚଳଚ୍ଚିତ୍ରଟିରେ ଉଭୟ ମିହିର ଓ ପୁଷ୍ପାଙ୍କ ବଳିଷ୍ଠ ଅଭିନୟ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା । ନାୟକ ଭାବରେ ମଣ୍ଟୁ ମଧ ଚମତ୍କାର ଅଭିନୟ କରିଥିଲେ । ମୀନକେତନଙ୍କ ବାପା ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ ଥିଲା । ନିର୍ଦ୍ଦେଶକ ଭାବରେ ନିଶିକାନ୍ତ ଭଲ କାମ କରିଥିଲେ । ତେବେ ଅନ୍ୟ ଜଣେ ସହନାୟିକାର ଚରିତ୍ରକୁ ଆମ ଅଲକ୍ଷ୍ୟରେ ହାଇଲାଇଟ୍ କରିବାକୁ ଚେଷ୍ଟା କରିଥିଲେ । ମୁଁ ଏସବୁର ଘୋର ବିରୋଧୀ । ଅବଶ୍ୟ ଏଡିଟିଂରେ କାଣ୍ଟଛାଣ୍ଟ କରିଦିଆଗଲା । ଯାହାକି ଆମମାନଙ୍କୁ ଅସନ୍ତୁଷ୍ଟ କରିଥିଲା ।

ତେବେ ଚଳଚ୍ଚିତ୍ରର ସଫଳତାର ଅନ୍ୟ ଦିଗ ଥିଲା ଏହାର ସଂଗୀତ । ନବାଗତ ହୋଇ ମଧ ବୈଦ୍ୟନାଥ ଦାସ ଖୁବ୍ ଭଲ ଟ୍ୟୁନ୍ କରିଥିଲେ । ଶୀର୍ଷକ ଗୀତଟି ଏବେ ମଧ ଲୋକପ୍ରିୟ । ସମୁଦାୟ ୪ଗୋଟି ଗୀତର ପରିକଳ୍ପନା କରାଯାଇଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ଗୀତ ସଂଯୋଜିତ ହୋଇଥିଲା ଯାହାର ଟ୍ୟୁନ୍ କରିଥିଲେ ନିଜେ ନିର୍ଦ୍ଦେଶକ ନିଶିକାନ୍ତ ଏବଂ ଏହି ଗୀତଟିକୁ ଲେଖିଥିଲେ ଲେଖିକା ସୈରିନ୍ଧ୍ରୀ ସାହୁ । ପ୍ରଥମ କରି ଏହି ସେ ଚଳଚ୍ଚିତ୍ରରେ ଗୀତ ରଚନା କରିଥିଲେ ଓ ତାଙ୍କ ଗୀତଟି ଥିଲା ଜୀବନଧର୍ମୀ । ଅନ୍ୟାନ୍ୟଙ୍କ ମଧ୍ୟରେ ଅରୁଣ ମନ୍ତ୍ରୀ, ମୋହିତ ଚକ୍ରବର୍ତ୍ତୀ, ଦୀପକ ଜେନା ଏଥିରେ ଗୀତ ରଚନା କରିଥିଲେ ।

ବ୍ୟବସାୟିକ ଦୃଷ୍ଟିକୋଣରୁ ଚଳଚ୍ଚିତ୍ରଟି କେତେ ସଫଳ କେତେ ବିଫଳ ହେଲା ତା'ର ହିସାବ ମୋ ପାଖରେ ନାହିଁ । କିନ୍ତୁ 'ତୁ ମୋ ଆରମ୍ଭ ତୁ ମୋ ଶେଷ' ଏକ ସଫଳ ଚଳଚ୍ଚିତ୍ର ଏଥିରେ ସନ୍ଦେହ ନାହିଁ । ଏହି ଚଳଚ୍ଚିତ୍ରରୁ ବୈଦ୍ୟନାଥଙ୍କ ସଫଳ ସଂଗୀତ ଯାତ୍ରାର ମୂଳଦୁଆ ପଡ଼ିଲା । (କ୍ରମଶଃ)

## ଆମ ସମୟର କବିତା.....



### କମଳିନୀ ମଲ୍ଲିକ

### ॥ ଖୋଜୁଥିବା ଉତ୍ତର ॥

ଆଖିକୁ ପଚାର
ସିଏ କହିବ ସାଗରର ଗଭୀରତା
ଛାତିକୁ ପଚାର
ସିଏ କହିବ ପାହାଡର ଉଚ୍ଚତା
କାହା ଅସହାୟତାକୁ ଆଖିଠାରି
ପ୍ରଶ୍ନବାଣରେ ବାଚାଳ କରିବା ପୂର୍ବରୁ
ଥରେ ତ ନିରିଖେଇ ଦେଖ
ନିରବି ଯାଇଥିବା ଓଠକୁ
ଶୁଣି ପାରିବ
ଯେତେ ଅକୁହା ଗୋପନ ଭାଷା ॥

ରାସ୍ତା ସରେ ନାହିଁ
ଯାତ୍ରା ବି ସରେ ନାହିଁ
ହେଲେ ପାଦ କେବେ କହିନି
ଦେହ ଓ ଦହଗଞ୍ଜକୁ ବୋହିବାର ଦୁଃଖ
ଅଥଚ ପାପୁଲିଏ ରେଖାରେ
କାଳେ ନିର୍ଦ୍ଧାରିତ ହେଉଥାଏ
ଜୀବନ ତମାମ ଭାଗ୍ୟ ଓ ଭବିଷ୍ୟତ
ତଥାପି ଆମ ଭିତରେ
କେତେ ଶୂନ୍ୟତା, କେତେ ଶୋଷ
କାହିଁକି ଅହରହ ହଜେଇବା ଓ ଖୋଜିବାର
ବିକଳ ପ୍ରୟାସ, ବାରମାସୀ ଯୁଦ୍ଧ ॥

ସେଦିନ ତ ଏମିତି ନଥିଲା
ଯେବେ ବାପାଙ୍କ ନାଲି ଆଖି ସାମ୍ନାରେ
ମୁଣ୍ଡ ଟେକୁଥିଲା ପ୍ରତିଶ୍ରୁତିର ଦୁର୍ଗ
ବୋଉର ପଣତ ବାଜି ଝଡି ପଡୁଥିଲା
ଯେତେ ଧୂଳି, ଥକ୍କାପଣ, ଅଝଟିଆ ବାଗ
ଜେଜୀମାର କୁହୁକ କାହାଣୀରେ ଥିଲା
କେତେସ୍ୱପ୍ନ, କେତେ ଅଚିନ୍ତା ନିଦ
ଜେଜେଙ୍କ ବଙ୍କୁଲିବାଡିରେ
କେତେ ଶୃଙ୍ଖଳା, କେତେ ନିରାପଦ
ଠିକ୍ ଯେମିତି ଖାଲି ପାଦରେ
ଗାଁକୁ ଗାଁ ବୁଲୁଥିବା
ଅବଧାନେଙ୍କ ଝୁଲାମୁଣିରେ ଥିଲା
ସଂସାର ଯାକର କେତେ ଭେଦ ॥

ଦୂରେଇ ଆସିଲା ପରେ
ସେଇ ଛୋଟ ଅଗଣା ଓ
ଏମୁଣ୍ଡ ସେମୁଣ୍ଡ ଲମ୍ବିଥିବା ଧୂଳିଆ ଦାଣ୍ଡରୁ
ଏବେ ତ ଆମେ ରାଜରାସ୍ତାର ଯାତ୍ରୀ
ସମ୍ପର୍କର ସ୍ୱରକୁ ପାଶୋରି ଦେଲା ପରେ
ପୁଣି ଭିଡ ଭିତରେ ଅଣନିଃଶ୍ୱାସୀ
ଆମ ସହରରୁ ତ ଫିଟିଛି
ସାରା ପୃଥିବୀକୁ ବାଟ
କିନ୍ତୁ ଚାରିକାନ୍ଥ ଘେରା କୋଠରୀ ଭିତରେ
ଆମେ ଯେ କେବେଠୁ ଆବଦ୍ଧ ଓ ସଙ୍କୁଚିତ ॥

କେବେଥରେ ଯାଇ ପଚାରିଛୁ କି
କେଉଁକାଳୁ ଭୁଷୁଡି ପଡିଥିବା
ଦିନେ ଆମ ବିଶ୍ୱାସର ତୁଳସୀଚଉଁରା ଓ
ଆଶ୍ୱସ୍ତିର ମଝି ଦାଣ୍ଡପିଣ୍ଡିକୁ
ଅନ୍ତତଃ ସେଇଠୁ ହିଁ ମିଳିଥାନ୍ତା ଉତ୍ତର
କେମିତି ଭାଙ୍ଗିଛି ଆମ ମେରୁଦଣ୍ଡ
ଏବଂ କେଉଁଠି ଖସି ପଡିଛି
ଆମ ଭିତରୁ ଜିଇଁବାର ମାନଦଣ୍ଡ ॥

ଭୁବନେଶ୍ୱର
(ମୋ) ୯୮୫୩୫୨୩୮୮୩



### ସୁରଞ୍ଜନ ପାତ୍ର

### ॥ ଧୂଆଁ ॥

ପେଟରୁ କାଟି ପେଟରାରେ ସଞ୍ଚିଲି
ଐଶ୍ୱର୍ଯ୍ୟର ଜହ୍ନରାତି
ମାଟିକୁ କଲି ବୈକୁଣ୍ଠ
ଅପବାଦକୁ ଆଲିଙ୍ଗନ କରି
କେତେବାର ପିନ୍ଧିଲି କଳଙ୍କର ପାଟ
ଉଡ଼େଇ ଦେଲି ଦୁଃଖକୁ ପକ୍ଷୀପରି
ମୁକ୍ତା ପରି ସଜେଇଲି ଶ୍ରାବଣର ହାଟ।

ଅଭାବକୁ ଅବଢ଼ା ଭାବି
କେତେଥର ଆବୋରି ନେଲି
ଭାଗ୍ୟର ବେଢ଼ା
ଲୁହର ଲାଉତୁମ୍ବାରେ ସଂଯୋଜିତ କଲି
ମୁହୂର୍ତ୍ତ ମୁହୂର୍ତ୍ତର ଗୀତ
ସମର୍ପି ଦେଲି ଆପଣାକୁ ପଶାପାଲି ଖେଳେ
କେତେ ଥର ପୁଣି
ବିସର୍ଜିଦେଲି ନିଜକୁ ଯଜ୍ଞ ଅନଳରେ।

ଆଜି ଗଜାମରୁଡ଼ିରେ
ଛଟପଟ ଜୀବନର କ୍ଷେତ
ରକ୍ତବର୍ଣ୍ଣ ପଶ୍ଚିମ ଆକାଶ
ଜୁଇରେ ମୁହଁ ମାଡ଼ି ପଡ଼ିଛି
ସୁକୁମାର ଦେହ
ଛ' ଖଣ୍ଡ କାଠକୁ ନିଅଣ୍ଟ
ଛପନ ଇଞ୍ଚର ଛାତି
ଛପନ ବର୍ଷର ଆୟୁଷ।

ସଂପାଦକ- ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର
ବାଲେଶ୍ୱର-୭୫୬୦୪୫
(ମୋ)୮୧୧୭୮୦୫୯୫୯

### ॥ ନିରବ ଆଖିର ଭାଷା ॥

### ହରିଶ୍ଚନ୍ଦ୍ର ବେହେରା



ନିରବ ଆଖିର ଭାଷା କେତେ ବାଙ୍ମୟ
ଖୋଲି ଦିଏ ସମସ୍ତ ନିବୁଜ ଦୁଆର
ସମୟର ସ୍ରୋତ କେତେ ଧାରୁଆ
ସଂସିଲ କରିଦିଏ ମନ ଭିତରର ଅମସୃଣ ପଥର ସବୁ

ଅନ୍ଧାରକୁ ଆଡ଼େଇ ଆଡ଼େଇ ଆସିଛି ଦେଖିବାକୁ
ଅଥଚ ପାଉନି, କେବଳ କାଚ ଭାଙ୍ଗିବାର ଶବ୍ଦ ଶୁଭୁଛି କେଉଁଠୁ

ସ୍ୱପ୍ନ ଭିତରେ ତ ଅନେକଥର ସେ ଆସିଛି
ଛୁଇଁବା ବେଳକୁ ବରଫ ପରି ତରଳି ବୋହିଯାଇଛି ନଈଟିଏ ହୋଇ
କେଉଁ ଅଝଟ ଥିଲା ଯେ ଦେଇପାରିଲିନି ବୋଲି ଏତେ ଅଭିମାନ !!

ମୁଁ କ'ଣ ଜାଣିନି ତା' କେଇପଦ କହି ନ ପାରିଥିବା କଥାରେ
ଖୋଲିଯାଏ ଅଚିହ୍ନା ପୃଥିବୀର ଅର୍ଦ୍ଧେକ ଢ଼ାଙ୍କୁଣି
ସେ ନଥିବାବେଳେ ଗୋଟେ ବାସ୍ନା ମହକୁଥାଏ ଘରଯାକ
କେଉଁଠି ଅଛି ବୋଲି ଦରାଣ୍ଡୁ ଥାଏ ଦେହ ସାରା

ସେ କୁଆଡ଼େ ଇନ୍ଦ୍ରଧନୁରେ ଚାଲେ
କହେ କେତେଥର ଜୁଡ଼ାରେ ବାନ୍ଧିପାରେ ବଣ ସାରାର ମହକ
ନିଃଶ୍ୱାସରେ ବଉଳିଯାଏ ଅଦିନ ବସନ୍ତ


ଅନ୍ଧାରକୁ ସଜେଇ ଦିଏ
ଅସରନ୍ତି ଲୋଡ଼ିବା ପଣର
କୁଟିକମ ତାରକସିରେ
ଲୁହ କେବେ ପଡ଼ିଯାଏ ଘାସ ଉପରେ ତ
ଚୁନା ଚୁନା ମୁକ୍ତାଫୁଲ ଫୁଟେ
କଷି- ଜହ୍ନରେ ସେ ମୁହଁ ଦେଖେ
ଅମାବାସ୍ୟାର ଅନ୍ଧାରକୁ କହେ ଏ ମୋ କେଶ
ଯେଉଁଠି ବସି ମିଃ କାଉଲ ସୁରା ପିଏ
ଆମ୍ବ- ରମଣରେ ମାତି ଥାଏ

ଛମ ଛମ ପାଉଁଜି ଶୁଭେ ସେଇଠି
ଯେଉଁଠି ଗୋଟେ ସଜଫୁଟା ନୀଳକଇଁ ନେବାକୁ ଜିଗର କରୁଥିଲା
ବିଡ଼ମ୍ବିତ ଭାଗ୍ୟ କ'ଣ ଜାଣି ନଥିବା ଅପ୍ରାପ୍ତ ବୟସୀ ଝିଅଟି ।

କଲ୍ୟାଣ ନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
(ମୋ) ୯୪୩୭୮୧୩୭୦୮

### ॥ ମହାସମୁଦ୍ରର ଇତିକଥା ॥

### ମାନସ ରଂଜନ ମହାପାତ୍ର



କାହାକୁ ପଚାରିବା
କେତେ ଭୁଲ୍ ଆଜିକାଲି

କାହାକୁ ପଚାରିବ, କାଂଥ ଶୁଣ୍
ବାଡ଼ ଶୁଣ୍ କହୁଥିବ, କହି ଚାଲିଥିବ
ବୁଲୁଥିବ ଶିଲଂରୁ ଦିଲ୍ଲୀ, ଦିଲ୍ଲୀରୁ ପୁରୀ
ପୁରୀରୁ ଶିଲଂ, ବାଂଗାଲୋର, ପୁରୀ
ବ୍ରହ୍ମାଂଡ ପରିକ୍ରମା କରୁଥିବ
ପାଉନଥିବ ଉତ୍ତର

ଶବ୍ଦମାନେ ବୋଧେ ଏମିତି, ବେପରୁଆ
କେବେ ମଧୁଶାଳାରେ ତ କେବେ
ପାଂଥଶାଳାରେ
ହଜିଲା ଦିନ ପରି ନିରୁଦ୍ଦିଷ୍ଟ
ଶବ୍ଦମାନଂକୁ ଖୋଜିବା
କେତେ କଷ୍ଟ ସତରେ

ସବୁ ଶୀରପା ସଜାଡ଼ି ହୋଇ ରହିଥାଏ ମଶାଣିରେ
ଓ ମୁଁ ଚିରକାଳ ବଂଦୀ
ଅସରଂତି ପ୍ରଶ୍ନ ଭିଡ଼ରେ
ଅସମର୍ଥ ସତ୍ୟପାଠରେ !

ଯାହାର ଯିବା କଥା, ସିଏ ଯିବ
ତାକୁ ରୋକିବ କିଏ ?
ହେଲେ କେତେ କଷ୍ଟ ଖାପଖୁଆଇ ଚଳିବା
ବଦଳୁଥିବା ସମୟ ସହିତ.....

ମୁଁ କେଉଁଠି ନିଜକୁ ଖୋଜିହେଉଛି
ମାନଚିତ୍ରରେ ମିଳୁନି ମୋର ଠିକଣା
ଭୂଗୋଳରେ ବି
ପଚାରିଲେ, ଗୋଟିଏ ଉତ୍ତର, ଖୋଜ
ଖୋଜିଚାଲ ପାଅ କି ନପାଅ !

ମୋ ଗାମୁଛାରେ ବଂଧା ଦେଶ ତ
ପାପୁଲିରେ ପାପୁଲିଏ ଈଶ୍ୱର ।

ଶୀଳା ଚିନ୍ମୟ
ମଧୁବନ ୬ଷ୍ଠ ଗଳି
ଟିକରପଡ଼ା ରୋଡ଼
ପୁରୀ – ୭୫୨୦୦୨
(ମୋ) ୯୮୯୧୯୪୬୧୭୮

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୯ ମଇ, ୨୦୨୨

ପୃଷ୍ଠା ୪ ରବିବାର ଚିତ୍ରାଞ୍ଜଳି ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୪୯)



## ॥ ତୋ ପାଇଁ ବନିଛି କବି ॥


କହୁଅଛି ଆଜି କୋଣାରକ ତୋ'ତେ
ତୋ' ପାଇଁ ବନିଛି କବି,
ତୋ'ର ଅଭିଶପ୍ତ ଆତ୍ମାର ଭିତରୁ
ମୁଁ ଗୋଟିଏ ପ୍ରତିଛବି ।

ପଥର ଛାତିକୁ ଚିରି ଲେଖିଛନ୍ତି
ବାରଶ ବଢ଼େଇ ଯାହା,
ବିରହରେ ଯିଏ ଜଳିନାହିଁ ସିଏ
କେମିତି ବୁଝିବ ତାହା,
ବାର ବରଷର ବିରହକୁ ଶିଳ୍ପୀ
ଆଙ୍କିଛି କୋଣାର୍କେ ଭାବି ।


ଗୋଟି ଗୋଟି ନାରୀ ପ୍ରତିମା ତିଆରି
ରମଣର ମୁଦ୍ରା ତୋଳି,
ମେଣ୍ଟାଇଛି ଶିଳ୍ପୀ କାମନାର ଭୋକ
ନିଜ ଇଚ୍ଛାମତେ ଜଳି,
କେମିତି ସେ ଦୁଃଖ କହିବ କୋଣାର୍କ
ନିଜେ ପରା ଅନୁଭବି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧


## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୫)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


### ॥ ପ୍ରଚଣ୍ଡ ନାଟ୍ୟମନସ୍କ ॥

ମୋର ପ୍ରଥମ ନାଟକ 'ପ୍ରିୟା ନା ପିଶାଚୀ' ନାମରେ ୧୯୭୧ ମସିହା ସେପ୍ଟେମ୍ବର ୮ ଓ ୯ ଦୁଇଦିନ ଧରି ବେଶ ଉତ୍ସାହ ଉଦ୍ଦୀପନାର ସହ ମଂଚସ୍ଥ ହେଲା । ତାର କାହାଣୀର ଆଦ୍ୟ କଥା ମୁଁ ଯାହା କହିଥିଲି ତାର ଯଦିଓ କିୟଦଂଶ ନାଟକରେ ଥିଲା, ନହେଲେ ସେ ବିଷୟ ବଦଳି ବଦଳି ଗୋଟିଏ ରହସ୍ୟ ରୋମାଞ୍ଚଭରା ସାମାଜିକ ଅପରାଧ ମୂଳକ ନାଟକରେ ପରିଣତ ହୋଇ ସାରିଥିଲା । ଯେମିତି ହେଉ ଦର୍ଶକମାନଙ୍କ ଦ୍ୱାରା ଏତେ ଆଦୃତ ହେଲା ଯେ ଆଜି ପଚାଶବର୍ଷ ପରେ ମଧ ମୁଁ ସେଦିନର ସଫଳତାକୁ, ପୁରସ୍କାରକୁ, ତାଳିମାଡ଼କୁ ଭୁଲି ପାରୁନି । ପରେ ପରେ ଦର୍ଶକମାନଙ୍କ ଭିତରେ ପରବର୍ତ୍ତୀ ନାଟକକୁ ନେଇ ଉତ୍କଣ୍ଠା ପ୍ରଶ୍ନବାଚୀ ସୃଷ୍ଟି ହେଲା । ମୁଁ ବି ଭିତରେ ଭିତରେ ନାଟକ ଲେଖିବାକୁ ଉତ୍ସାହିତ ହେଉଥିଲି । ପାରିବାରିକ ଚାପ, ଘରର ବଡ଼ପୁଅ ଭବିଷ୍ୟତ ନିର୍ଭର କରେ ମୋ ଉପରେ; ପାଠ ସରିବ, ଚାକିରୀ ହବ, ଭଉଣୀମାନଙ୍କ ବାହାଘର, ଭାଇମାନଙ୍କର ପାଠପଢ଼ା, ଘର ତିଆରି ଏହି ବୋଝକୁ କେତେଦିନ ଫାଙ୍କି ଦେଇହବ । ତା'ଛଡ଼ା ଆଜ୍ଞା ସତ କହିବି ତାଳିମାଡ଼ର ଆକର୍ଷଣ ଆଗରେ ସବୁ ଯେମିତି ତୁଚ୍ଛ ମନେ ହେଉଥାଏ, ସବୁକୁ ଏକା ସାଥିରେ ନେଇ ଚାଲିବାର ଯନ୍ତ୍ରଣା କେତେ ଯେ ଦୁର୍ବିସହ ତାହା ଅଂଗେ ନ ଲିଭାଇଲେ ବିଶ୍ୱାସ କରିବା ସହଜ ନୁହେଁ । କଷ୍ଟେମଷ୍ଟେ ଆଇ.ଏସ.ସି. ସରିଲା, ଇଂଜିନିୟରିଂ ଅବଶ୍ୟ ପାଇଥିଲି ଅର୍ଥାଭାବରୁ ପଢ଼ି ପାରିଲିନି । ସେତିକିବେଳେ କେନ୍ଦ୍ର ସରକାରଙ୍କ ଶିକ୍ଷକ ନିଯୁକ୍ତି ନିମନ୍ତେ ସେଣ୍ଟ୍ରୋଲସିଟି ନାମରେ ଏକ କୋର୍ସ ଖୋଲିଲା । ଶହେ ଟଙ୍କା ଷ୍ଟାଇପେଣ୍ଡ, ପଶିଗଲି ସେଇ ଯନ୍ତାରେ । ଏଣେ ନାଟକ ଲେଖିବା ନିମନ୍ତେ ଯୋଜନା ବି ଚାଲିଥାଏ, ନାଟକ ଲେଖିବା ଅପେକ୍ଷା ଅଭିନୟ ପ୍ରତି ମୋର ବେଶୀ ଆଗ୍ରହ ହେଲା । ବାସନ୍ତୀକ୍ଲବ୍ ତ ଗଠନ ହେଇଛି, ସେହି ବାସନ୍ତୀ କ୍ଲବ ଆନୁକୂଲ୍ୟରେ ବାସନ୍ତୀପୂଜା ଅବସରରେ ନାଟକ ହେବାର ସ୍ଥିର ହେଲା । କି ନାଟକ ହେବ ସେ ଦାୟିତ୍ୱ ଷଡ଼ଙ୍ଗୀ ବାବୁ ଓ ମୋ ଉପରେ ନ୍ୟସ୍ତ ହେଲା । ଏଇ ନାଟକ ବାଛିବା ନାଁରେ ମୁଁ ଅନେକ ନାଟକ ପଢ଼ିଲି, ଏଇ ପଢ଼ିବା ଭିତରେ ନାଟକ ଲେଖିବାର ଶୈଳୀ ସବୁ ଲକ୍ଷ୍ୟ କଲି । ଦୃଶ୍ୟ ସଜଡ଼ା, ଅଂକ ରହିବ କେମିତି, କେଉଁ ଦୃଶ୍ୟ ପରେ କେଉଁ ଦୃଶ୍ୟ ରହିବ, ନାଟକର ଉତ୍କଣ୍ଠା, ଦ୍ୱନ୍ଦ ସଂଘର୍ଷ କେମିତି ସଂଳାପ କେଉଁ କୌଶଳରେ ଲେଖା ହଉଛି ସବୁ ମୋର ନଜରକୁ ଆସିଲା ଓ ମୁଁ ସେଥିରୁ ଅନେକ ଶିକ୍ଷାପ୍ରାପ୍ତ ହେଲି । ପ୍ରାୟ କୋଡ଼ିଏ ତିରିଶ ଖଣ୍ଡ ନାଟକ ପଢ଼ି ଦୁଇଟି ନାଟକ ବାଛିଲୁ । ଗୋଟିଏ ହେଲା ଭଞ୍ଜକିଶୋର ପଟ୍ଟନାୟକଙ୍କ 'ଦେବୀ' ଅନ୍ୟଟି କାର୍ତ୍ତିକଚନ୍ଦ୍ର ଘୋଷଙ୍କ ନାଟକ 'ମାତୃପୂଜା' । ଦେବୀ ଏକ ସାମାଜିକ ନାଟକ ଓ ମାତୃପୂଜା ହେଉଛି ଏକ ପୌରାଣିକ ନାଟକ । ଅଭ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହେଲା, ଏଥର ଆମ ସହ ଆମ ଗ୍ରାମର ଅନେକ ବରିଷ୍ଠ ତଥା ବୟସ୍କ କଳାକାର ଯୋଗ ଦେଲେ । ମୋର ଅଭିନୟ ନିର୍ଦ୍ଦେଶନା ତଥା ନାଟକର ଆଂଗିକ ତଥା ବାଚନିକ ଗଠନ ପରିପାଟୀ ଉପରେ ଥାଏ ଶିଖିବାର ନଜର । ଯା ଭିତରେ ଯୋଉଠୁ ଯୋଉ ନାଟକ ବହିଟେ ପାଇଲି, ଏକ ନିଃଶ୍ୱାସରେ ପଢ଼ି ଦେଲି । ନାଟକ ଦୁଇଟି ବେଶ ସଫଳତାର ସହ ମଂଚସ୍ଥ ହେଲା । ଲୋକଙ୍କର ପ୍ରଶଂସାରେ ଆମେ ଉତ୍ସାହିତ ହେଲୁ । ଆମ ଭିତରେ ଥିବା କିଛି ବଂଧୁ କହିଲେ ଆମେ କଣ କେବଳ ବର୍ଷଯାକ ନାଟକ କରିବୁ ? ଆଉ କିଛି କାର୍ଯ୍ୟକ୍ରମ ହାତକୁ ନିଆଯାଉ । ଏମିତି ଚିନ୍ତାକରି ଛୋଟବଡ଼ ପିଲାଙ୍କୁ ନେଇ ଗୋଟିଏ ଦୌଡ଼କୁଦ ପ୍ରତିଯୋଗିତା କଲୁ । ତାର ଉଦ୍‌ଯାପନୀ ସଂଧ୍ୟାରେ, ଡାକୁ ଡାକୁ ଜିଲ୍ଲାପାଳଙ୍କୁ ମୁଖ୍ୟଅତିଥି କରି ଡାକିଦେଲୁ । ସେତେବେଳେ ବାଲେଶ୍ୱରର ଜିଲ୍ଲାପାଳ ଥାଆନ୍ତି ମାନନୀୟ ସହଦେବ ସାହୁ । ୧୯୭୨ ମସିହା ମେ ମାସର କଥା । ଜିଲ୍ଲାପାଳ ଆସିବେ ଆମ ନାଟକ ଦେଖିବେନି ? ଆମ ଭିତରେ ଗୋଟେ ଆଲୋଚନା ପଡ଼ିଗଲା । ନାଟକ; କି ନାଟକ ହେବ, ବିଭିନ୍ନ ପ୍ରସ୍ତାବ ଆସିଲା । ଅଡୁଆ ତୁଟିଲାନି ଶେଷରେ ମୁଁ କହିଲି ଆଜି ରାତି ଭିତରେ ନାଟକ ଲେଖାଯିବ । ଦୁଇଦିନ ଅଭ୍ୟାସ ତା' ପରେ ଷ୍ଟେଜ୍ । ସେତେବେଳେ ଆମର ପଢ଼ା ହେଉଥାଏ ଫକୀରମୋହନଙ୍କ ପେଟେଣ୍ଟ ମେଡିସିନ୍ । ମୁଁ ତାକୁ ଟିକିଏ ଏପଟ ସେପଟ କରି ନୂଆ ଢଂଗରେ 'ଛାଞ୍ଚୁଣୀ ମୁଠା' ନାମ ଦେଇ ଲେଖିଦେଲି, ଆମର ତ ସେଠି ମଦ ବହୁଳ ଅଞ୍ଚଳ । ଏଭଳି ନାଟକଟେ ସମସ୍ତଙ୍କ ମନକୁ ପାଇଲା । ବାସ୍ ଦୁଇଟା ଦିନ ରିହାର୍ସେଲ ଜୋର ଚାଲିଲା, ଅତି ଆଗ୍ରହର ସହକାରେ । ନାଟକ ହେଲା । ଜିଲ୍ଲାପାଳ ମହୋଦୟ ବି ନାଟକ ଦେଖିଲେ । ପେଟେଣ୍ଟ ମେଡିସିନ୍ କାହାକୁ ବା ଭଲ ନ ଲାଗିବ । ନାଟକ ପରେ ଅନେକ ପ୍ରଶଂସା, ତା'ପରେ ମୁଁ ସଭ୍ୟ ଜମିଦାର ଓ ରେବତୀରେ ନାଟ୍ୟରୂପ କରିଥିଲି, ତାହା ମଧ ଖୁବ୍ ସଫଳ ହେଲା । ଇତି ମଧ୍ୟରେ ମୁଁ ନାଟକ ବହି, ଆଲୋଚନାମାନ ପଢ଼ି ବିଭିନ୍ନ ସ୍ଥାନରେ ନାଟକମାନ ଦେଖି ଏପରିକି ସିନେମା ତଥା ରେଡିଓରୁ ନାଟକ ଶୁଣି ଅନେକ ଅଭିଜ୍ଞତା ହାସଲ କରିବାରେ ଲାଗିଥାଏ । ସେତେବେଳେ ପ୍ରଜାତନ୍ତ୍ରରେ ପ୍ରତି ମଙ୍ଗଳବାର ଏକ ନାଟକ ଉପରେ ସମୀକ୍ଷାପତ୍ର ନାମରେ ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଉଥାଏ । ସେଥିରେ ନୂଆ ନୂଆ ନାଟକ ସମ୍ବନ୍ଧରେ ସୂଚନା ସହିତ ନାଟକର କାହାଣୀ ଓ ତାର ସମୀକ୍ଷା ପ୍ରକାଶିତ ହୋଇଥାଏ । ତାହାକୁ ପଢ଼ି ମୁଁ ବେଶ୍ ଉପକୃତ ହୋଇଛି, ଯେତେବେଳେ ଯାହା ସହିତ ସାକ୍ଷାତ ହୁଏ, ସେହି ନାଟକ କଥା ଆଲୋଚନା ହୁଏ; ଏ ସମୟରେ ମୋର ଅନେକ ପାଠୁଆ ବଂଧୁ ମୋଠୁ ଦୂରେଇ ଗଲେ, କାରଣ ମୁଁ ନାଟକ କଲି, ଖରାପ ରାସ୍ତାକୁ ଗଲି, ମୋର ଜୀବନ ବରବାଦ୍ ହୋଇଗଲା ଇତ୍ୟାଦି । ଅପରାଧରେ ମୁଁ ଆମ ଶିକ୍ଷିତ ବଂଧୁମହଲରେ ନିନ୍ଦିତ ହେଲି । ମୋତେ ବାଟଘାଟରେ ଦେଖିଲେ କଥା ହେଲେନି, 'ଏଇ ନାଟ୍ୟକାର ଆସିଗଲେ ବାଟ ଛାଡ଼' ଓ ନାଟ୍ୟକାର କେମିତି ଅଛ' । ମୋ ନାଟକର ଅନେକ ସଂଳାପ ମଧ କହି ମୋତେ ପରିହାସ କରିବାକୁ ଲାଗିଲେ । ଯେତେ ବାଧିଲେ ମଧ ମୁଁ ମୋ ଲକ୍ଷ୍ୟରେ ସ୍ଥିର ହୋଇ କାମରେ ଲାଗିଥାଏ । କାହାଣୀ ଖୋଜୁଥାଏ, ଚରିତ୍ର ଗୋଟଉଥାଏ ପରବର୍ତ୍ତୀ ନାଟକ ପାଇଁ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ଏମିତି ଦୁର୍ଘଟଣାକୁ ବି ଆମେ ଥରେ ସାମ୍ନା କରିଥିଲୁ । ଝିଅ ଛାତଉପର ପାଚେରୀରେ ଭରାଦେଇ ଓହଳି ପଡ଼ି ତଳକୁ ଚାହିଁଥିଲା । ପାଦ ଦି'ଟା ଥିଲା ତା'ର କାହିଁ କେତେ ଉପରେ। ହଠାତ୍ ଚମକି ପଡ଼ି ଅଖିଲ୍ ତାକୁ ଘୋଷାରି ଆଣିଥିଲେ । ମତେ ତାଗିଦ୍ କରି କହିଥିଲେ- ପିଲାଟା ପ୍ରତି ନଜର ରଖୁନ କାହିଁକି ? ସେ ତ କିଛି ଜାଣିପାରୁନି । ତମେ ତାକୁ ଛାତ ଉପରକୁ ନ ଯିବାପାଇଁ ମନାକର । ନଚେତ୍ ଏମିତି ଦୁର୍ଘଟଣା ଘଟିଯିବ... ଯାହା ଆମ ଭାବନାର ବାହାର କଥା ।

ତାଙ୍କ ଲମ୍ୱାଭାଷଣ ଶୁଣି ମୁଁ ରାଗିଯାଏ । କହେ-ଛୁଟିଦିନ ବୋଲି ତମେ ସିନା ଆଜିର ଘଟଣାକୁ ଦେଖିପାରିଲ ହେଲେ ବାକି ଦିନମାନଙ୍କରେ ସେ ମତେ ପାଗଳି କରିଦେଉଛି । ସ୍କୁଲ ନଗଲା ଯାଏଁ ଏମିତି ଖୁଜୁବୁଜୁ କାମ ସେ କରୁଥିବ । ତା ପଛରେ ଧାଇଁ ଧାଇଁ ସାରା ଖରାବେଳ ମୋର ଅଯଥାରେ ବିତିଯାଉଛି । କୌଣସି କାମ କରିହେଉନି କି ମୁଁ ବିଶ୍ରାମ ନେଇପାରୁନି ।

ଦୌଡ଼ି ଯାଇ ଛାତ ଉପରେ ଖୋଜିଲି, ହେଲେ ନାହାନ୍ତି ତ ପିଲା ଦି'ଟା ! ଗଲେ କୁଆଡ଼େ... ହେ ଭଗବାନ୍ ! ସନ୍ଧ୍ୟା ହେଲାଣି। ମା' ଆଳତି କଲେଣି ଠାକୁର ଘରେ । ସେଇଠି ଅଛନ୍ତି କି ପିଲାମାନେ ।

ଆରେ ପିଲେ ହାତ ଯୋଡ଼ି ବସ । ଜୁହାର ହୁଅ ଠାକୁରଙ୍କୁ । ବୁଦ୍ଧି ବିଦ୍ୟା ଦିଅ ବୋଲି ଗୁହାରି କର ତାଙ୍କୁ । ସେ ସବୁ ଦେବେରେ । ସେ ପରା ସର୍ବଶକ୍ତିମାନ । ଗଢ଼ିବା ଓ ଭାଙ୍ଗିବାର ସୂତ୍ରଧର ସେ । ସବିନୟ ପ୍ରାର୍ଥନା କଲେ ସେ ସବୁ ଦେଇପାରିବେ । ପିଲାମାନେ ମା'ଙ୍କ ପାଖରେ ଥିବାରୁ...ଆଶ୍ୱସ୍ତ ହେଲି । ଲେଖାର ସୁ-ଆରୋଗ୍ୟ ପାଇଁ ଈଶ୍ୱରଙ୍କୁ ବିନତୀ କରି ଫେରିଆସିଲି ରୁମ୍‌କୁ । ଡାକ୍ତର ଲେଖା ପାଖରେ ବସି ପରୀକ୍ଷା ନିରୀକ୍ଷା କରୁଥାନ୍ତି। ବାପା ଗାଲରେ ହାତଦେଇ ବସିଥାନ୍ତି ଲେଖାକୁ ଏକଲୟରେ ଚାହିଁ । ମୁଁ କିଛି ପଚାରିବାକୁ ଉଦ୍ୟତ ହେଉଛି ତ ଅଖିଲ୍ ମତେ ଚୁପ୍ ରହିବାପାଇଁ ଆଙ୍ଗୁଳି ନିର୍ଦ୍ଦେଶ କଲେ । ବାପାଙ୍କ ପାଖାପାଖି ଛିଡ଼ାହେଇ ମୁଁ ମୋ ଅନ୍ତର୍ଦୃଷ୍ଟିରେ ଦେଖି ପାରୁଥିଲି ମାରାତ୍ମକ କ୍ୟାନସର ରୋଗର ଜୀବାଣୁମାନଙ୍କ ଆକ୍ରମଣରେ ଲେଖାର ମାଂସ ଦବିଯାଇଥିବା ଖୋକଲା ଚମ ଓ ତା' ଭିତରର ଗାଡୁଆ କ୍ଷତମାନଙ୍କୁ। ପ୍ରତିଦିନର ପ୍ରତି ମୁହୂର୍ତ୍ତରେ ତ କିଛି ସରିସରି ଯାଉଛି ଲେଖା ଆୟୁଷ ପେଡ଼ିରୁ ତ ଭାଗ୍ୟସୂଚୀରୁ । ଏତେ ସବୁ ଦେଖିଲା ପରେ କୋହ କୋହ ଲାଗିବାଟା ତ ସ୍ୱାଭାବିକ । ବାହାରେ ତ ଭିତରେ ଏତେ ଦୁର୍ବଳ ଯେ ଆମେ ତା ପାଇଁ କିଛି ବି କରିପାରିବୁନି... ଅଥଚ ନୀରବ ଦର୍ଶକ ଭଳି ଚାହିଁ ରହିଥିବୁ ତା ଅର୍ଦ୍ଧଚେତନ ଶରୀରକୁ ତ ବିଦୀର୍ଣ୍ଣ ଭାଗ୍ୟକୁ । କି ବିଚିତ୍ର ଅନୁଭବ ଏ ! ଧୀରେ ଧୀରେ ସେ ମୃତ୍ୟୁ ଆଡ଼କୁ ଆଗେଇ ଚାଲିଛି ଅଥଚ ଆମେ - ସ୍ଥିର, ଅଥର୍ବ ଭଳି ସମୟର ଗତିକୁ ଚାହିଁ ବସିଛୁ !

ଡକ୍ଟର ଚାଲିଗଲେ ସେଇ ଏକା କଥାର ପୁନରାବୃତ୍ତି କରି - ପୂର୍ବଭଳି ସବୁ କିଛି ଚାଲୁ । ଦୁକ୍‌ଦୁକ୍ ହେଲେ ବି ଜୀବନ ଥିଲାଯାଏଁ ତ ଆମ ଚେଷ୍ଟା ଅବ୍ୟାହତ ରହିବ । ପେଟଭିତର ଘା'ଟା ଫାଷ୍ଟଷ୍ଟେଜ୍‌ରେ ଥିଲାବେଳେ ଅପରେସନ କରିଦେବାଟା ଠିକ୍ ହେଇଥାନ୍ତା। ହେଲେ ରୋଗୀ ନିଜେ ତ ଜିଦ୍ ଧରିଲେ... ଅପରେସନ ହେବେନି । ଏଣୁ ଔଷଧ ଓ ଇଂଜେକ୍‌ସନ୍‌ରେ ଯାହା କିଛି ହେବ !

ବାପା ଓ ଅଖିଲ୍ ମୁହଁ ଶୁଖେଇ ବାହାରକୁ ଚାଲିଗଲେ । ମୁଁ ସ୍ଥାଣୁ ଭଳି ବସିରହି ଘୂରିଘୂରି ଚାହୁଁଥିଲି ତାକୁ । ହଠାତ୍ ମା'ଙ୍କ କଥା ମନେ ପଡ଼ିଗଲା । ସେ ଆଶ୍ଚର୍ଯ୍ୟ ହେଇ କହୁଥିଲେ - ପୂର୍ବରୁ ଲେଖା ହଲ୍‌ଚଲ୍ ନହେଇ ଶୋଇଥାଏ । ଖୁବ୍ କଷ୍ଟ ହେଲେ ଗୋଡ଼ହାତ ପିଟାପିଟି କରେ। ଆଖି ତରାଟି ଏପାଖ ସେପାଖ ଚାହେଁ । ହାତ ଉଠେଇ ଚୁଟି ମୁଠା ମୁଠା କରି ଭେଁଭେଁ ରଡ଼ିଛାଡ଼େ । ହେଲେ ଏବେ ନୀରବରେ ରହି ଏତେ ଯନ୍ତ୍ରଣାକୁ ସହୁଛି କେମିତିକି ଯାଦୁମନ୍ତ୍ର ଜାଣିଛି ଯେ ସେ ଅଦୃଶ୍ୟରେ ଉଡ଼େଇ ଦେଉଛି ତା କଷ୍ଟ ଓ ଅସହ୍ୟ ପରିସ୍ଥିତିକୁ। ଶପଥ କରିଛି କି - ପାଟି ଖୋଲିବନି - ଅସ୍ତବ୍ୟସ୍ତ ହେବନି... ନିଜ ଦୁର୍ଭାଗ୍ୟ ପାଇଁ ଅନ୍ୟ କାହାକୁ ଦୋଷ ଦେବନି ବି !

ହେଲେ କେମିତି ବୁଝିପାରୁନି ଯେ ଲେଖା, ଚୁପ୍‌ଚାପ୍ ଆଖି ବୁଜି ହାତ ଗୋଡ଼ ଜାକି ପଡ଼ିରହିଲେ କଣ ଅନ୍ୟମାନେ ଖୁସୀ ହେବେ, ଅଚିନ୍ତାରେ ଶୋଇ ପଡ଼ିବେ କିଛିକ୍ଷଣ । ଜିଦ୍‌ଖୋର ଝିଅଟା, ନିଜ ଉପରେ ନିଜେ ଦାଉ ସାଧୁଛି । ମୁଁ ତ ବୁଝିପାରୁନଥିଲି ଅନ୍ତତଃ ସେ କଣ ଚାହେଁ । ଏମିତି ଆଖିବୁଜି ଶୋଇ ରହି ଯଦି କାହାର ଯଦି କାହାଠାରୁ ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହେଉଛି ସେ, ତେବେ ନଉ ସେଥିରେ ଆମର ଯାଏ ଆସେ କେତେ !

ଭିତରକୁ ପଶି ଆସିଲା ମାନସୀ ।

କିଛି ସମୟ ଚୁପ୍‌ଚାପ୍ ଛିଡ଼ା ହେଲାପରେ କହିଲା - ସମସ୍ତେ ଶୋଇବାକୁ ଗଲେଣି ମା' ଆପଣଙ୍କୁ ଅପେକ୍ଷା କରିଛନ୍ତି ।

ସେ ଚାଲିଗଲା, ଟେବୁଲ୍ ଉପରେ ଲେଖାର ଖାଇବା ପ୍ଲେଟ ରଖିଦେଇ । ହେଲେ ମୁଁ ବୁଝିପାରିଲିନି... ଏତେ ରାତି ହେଲାଣି ମା ନଶୋଇ ମତେ କାହିଁକି ଅପେକ୍ଷା କରିଛନ୍ତି । ଯିବା ପୂର୍ବରୁ ଲେଖା ଉପରେ ପୁଣି ଥରେ ନଜର ଘୂରେଇ ଆଣି ଭାବିଲି - ବେକାର ସବୁ ବେକାର । ଆମେମାନେ ତୋ ପାଖରେ ରାତି ଦିନ ନସରପସର ହେଉଛୁ ହେଲେ ତୋର କଣ ଯାଏ ଆସେ ଅଛି । ତପସ୍ୟା କରୁଛୁ ପରା...ଧେତ୍...ମତେ ବି ଆଉ ଭଲ ଲାଗୁନି । ଏଭଳି ଜରାଜୀର୍ଣ୍ଣ ଅବସ୍ଥାରେ ତତେ ଯୋଉଦିନ ମୁଁ ପ୍ରଥମ କରି ଦେଖିଲି ସେଦିନ କହିଥିଲୁ ପରା ତତେ ମୋର ବହୁତ କଥା କହିବାକୁ ଅଛି...। ମୋର ଶେଷ ଇଚ୍ଛାଟିକୁ ତୁ ହିଁ ପୂରଣ କରିପାରିବୁ । ହେଲେ ମୋର କଣ ଆଉ କିଛି କାମ ଦାମ ନାହିଁ, ଅପେକ୍ଷା କରି ବସିଥିବି,କୋଉଦିନ ତୁ ପାଟିଖୋଲି ତୋ ମନସ୍କାମନା ପୂରଣ କରିବାର ଉପାୟଟି ଶୁଣିବି ବୋଲି । ମିଛେଇଟା ତୁ..., ତୋ ଜୀବନରେ କିଛି ଘଟିନି କି ଘଟିବନି ବି । କିଛି କହିବାର ବି ନାହିଁ ମତେ ତୋର । ଏମିତିରେ ତ ମାସର ଅଧା ସରିସରି ଆସୁଛି । ତୋ ଗୁପ୍ତ କଥା ଶୁଣିବାପାଇଁ କେତେଦିନ ମୁଁ ଅପେକ୍ଷା କରି ରହିପାରିବି । ମୋର ତ ଦୁନିଆ ଜଞ୍ଜାଳ । କେଜାଣି ସେପଟର ଅବସ୍ଥା କଣ । ସେଇଥିପାଇଁ ତ ଅଖିଲ ଆଗୁଆ ଫେରିଯିବା ପାଇଁ କହୁଛନ୍ତି ।

ଲେଖାର ଏଭଳି ଧ୍ୟାନମଗ୍ନ ଅବସ୍ଥା ଦେଖି ବିରକ୍ତ ହେଇ ମୁଁ ଅନେକଥର ଚାଲିଯିବି ବୋଲି ଧମକ ଦେଇଛି । ଆଜି ବି ସେଇଭଳି ଅବସ୍ଥା ସୃଷ୍ଟି କଲି...ଅଥଚ ସେ କଣ ଶୁଣିଲା... ! ସେମିତି ଶୁଖିଲା ଗଛର ଗଣ୍ଡି ଭଳି ପଡ଼ି ରହିଲା ପୂର୍ବଭଳି ।

ଏଁ, ମାନସୀ କଣ ଏଯାଏଁ ଯାଇନି... ! ମୋ ପଛପଟେ ଛିଡ଼ା ହେଇ ସବୁ ଶୁଣୁଛି । ପଚାରିଲି - ତୁ' ଏଯାଏଁ ଯାଇନୁ ଯେ...। ପିଲା ଦି'ଟା ଏକ୍‌ଲା ଶୋଇଥିବେ । ଦେବାର ଘୁଙ୍ଗୁଡ଼ି ଶବ୍ଦରେ ଚମକି ପଡ଼ି ନିଦ ଭାଙ୍ଗିଯିବଣି ସେମାନଙ୍କର ।

: ନାଇଁ ମ' ନାନୀ...ସେମାନଙ୍କୁ ଖୁବ୍ ନିଦ ହେଇଯିବାର ଦେଖିଲା ପରେ ମୁଁ ଏଇଠିକୁ ଆସିଲି । ହେଲେ କୁହନ୍ତୁ ନା... ଏତେ ଶୀଘ୍ର ଭାଇନା କାହିଁକି ଫେରିଯିବେ ? ଝୁମୁରୀଙ୍କ ସ୍କୁଲ ଏବେ ତ ଖୋଲୁନି..., ଆପଣ ମନା କରନ୍ତୁ ଭାଇନାଙ୍କୁ । ସେ ନରହିଲେ ବାପାଙ୍କ ବଳ ଭାଙ୍ଗିଯିବ। ଏକୁଟିଆ ହେଇଯିବେ ବାପା । ଆଉ କିଛି ଦିନ ରୁହନ୍ତୁ ସେ ।

: ହଉ ଚାଲ ମା' ପରା ମତେ ଅପେକ୍ଷା କରିଛନ୍ତି, କଣ ସବୁ ଆଉ କହିବେ ବୋଲି, ବୁଝିଲୁ ନା, ମାନସୀ, ମତେ ଭାରି ବିରକ୍ତ ଲାଗିଲାଣି । ଏଇ ଛନ୍ଦାଛନ୍ଦି ସମସ୍ୟାରୁ ଆମେମାନେ କେବେ ଯେ ମୁକୁଳିବା ଚିନ୍ତା'ଇ କରିପାରୁନି ମୁଁ ।

: ଲେଖା ନାନୀ ଯୋଉ କଷ୍ଟ ଭୋଗୁଛନ୍ତି ସମସ୍ତେ ବି ଦୁଃଖିତ ଆଉ ଭୟଭୀତ । କାହାକୁ ବା ଭଲ ଲାଗୁଛି - ରୋଗୀ ପାଖରେ ସହଜ ସରଳ ଭାବେ ବୁଲାଚଲା କରିବାପାଇଁ ଛାଡନ୍ତୁ... ଆମେ ବା କଣ କରିପାରିବା । କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଛଡ଼ା ଆମେ ଆଉ କିଛି କରିପାରିବାନି । ସେ ରଖିଲେ ରଖିବେ...ମାରିବେ ଯଦି..., ସମ୍ପୂର୍ଣ୍ଣ ଭାବେ ବାକ୍ୟଟିକୁ କହିନପାରି ମାନସୀ କାନ୍ଦ କାନ୍ଦ ହେଇ ଚାଲିଗଲା ଭିତରକୁ ।

ଏଇ କିଛିଦିନ ହେବ ଲେଖା ପାଖ ରୁମ୍‌ରେ ଶୋଉଥିଲି ମୁଁ । ମଝିରେ କବାଟ ଥିବାରୁ ତା'ର ଦେଖାଶୁଣା ପାଇଁ ମତେ ସୁବିଧା ହେଉଥିଲା। ଆଜି ମୋ ମନ ମାନିଲାନି । ଏଣୁ ମୁଁ ଭୁସ୍ କିନା ଉଠିଯାଇ ମା'ଙ୍କ ରୁମ୍‌ରେ ପଶି କହିଲି - ଏଇଠି ଶୋଇବି ମୁଁ...ତମ ପାଖରେ ।

: ଠିକ୍ ଅଛି । ତୁ ଆଜି ମୋ ପାଖରେ ଶୋଇପଡ଼ । ଯିଏ ଯେତେ ପ୍ରକାର ଦେଖାଶୁଣା କଲେ ବି ବାପା କଣ ତାଙ୍କ ଡିୟୁଟିରୁ ହଟିଯିବେ। ଆମେ ସବୁ ଥିଲେ ବି ସେ ଲେଖାର ଦାୟିତ୍ୱ ସ୍ୱତନ୍ତ୍ର ଭାବେ ତୁଲାନ୍ତି । ଅନେକ ଦିନ ହେଲା ଆମେ ମା' ଝିଅ ଦୁଃଖ ସୁଖ ହେଇନୋ ଝୁମୁରୀ ତ ମାନସୀ ପାଖରେ ନିର୍ଦ୍ୱନ୍ଦରେ ଶୋଇ ପଡ଼ିଛି । ତା' ପାଇଁ ତୁ ଜମାରୁ ବ୍ୟସ୍ତ ହ'ନା।

: କାହାପାଇଁ ମୋର ବ୍ୟସ୍ତତା ନାହିଁ କେବଳ ଲେଖା ପାଇଁ ମୁଁ ଅସ୍ଥିର ଅନ୍ୟମନସ୍କ ।

: ତୋ' ଅସ୍ଥିରତାକୁ ମୁଁ ଦେଖିପାରୁଛି । ହେଲେ କଣ କରିପାରିବି ମୁଁ..., କେହି ବି ତ କିଛି କରିପାରିବେନି ଏ ଜଟିଳ ପରିସ୍ଥିତିରେ। ଚୁପ୍‌ଚାପ୍ ସମୟର ଗତିକୁ ନିରେଖିବା ଛଡ଼ା ଆଉ କିଛି ବି ନାହିଁ ଆମ ହାତରେ । ତୁ ତ ଦେଖୁଛୁ ପୂଜା ପ୍ରାର୍ଥନା, ଦାନ ଧର୍ମ ଦକ୍ଷିଣା ମାଜଣା ସବୁ କିଛି ପାଳିତ ହେଇସାରିଲାଣି । ଆମ ଶକ୍ତିକୁ ଚାହିଁ ଯାହା ଯାହା କରିବା କଥା...କରିସାରିଛୁ ଆମେ । ଆୟୁଷ ଥିଲେ ମହାକାଳ ବି ହାରିଯିବ ଲୋ ଝିଅ ! ସେଥିପାଇଁ ତ ମୁହୂର୍ତ୍ତ ମୁହୂର୍ତ୍ତ ଧରି ପ୍ରାର୍ଥନା କରିଚାଲିଛି ମୁଁ ।

ଥକିଗଲେ ମା, ଲୁହ ଦୁଇଠୋପା ଗଡ଼ିଆସିଲା ତାଙ୍କ ଆଖି କୋଣରୁ । ବାଧହେଇ ମୁଁ ତାଙ୍କୁ ଅନ୍ୟମନସ୍କ କରିବାପାଇଁ କହିଲି- ଉଠ ଉଠ ତମକୁ ନିଦ ଲାଗିଲାଣି । ମୁଁ ବିଛଣା ସଜାଡ଼ି ଦେଉଛି...ଚାଲ ଶୋଇପଡ଼ିବା ।

: ବିଛଣା ପରା ସଜଡ଼ା ସରିଛି !

ନିର୍ଦ୍ୱନ୍ଦରେ ନିଶ୍ଚିନ୍ତରେ ଶୋଇ ପଡ଼ିଲି ମା'ଙ୍କ ସ୍ନେହ ସଜଡ଼ା ଶେଯ ସୁପାତି ଓ ତା'ର ଝୁମାଝୁମା ସୁଗନ୍ଧକୁ ଆଘ୍ରାଣ କରି ।

\+ \+ \+ \+

ଏବେ ତ ମା' ଓ ମୁଁ ଦୁହେଁ ଦୁହିଁଙ୍କୁ ଖୋଜୁଥିଲୁ ପରସ୍ପର ପରସ୍ପରଙ୍କ ଭିତରେ । ଅନେକ ଦିନର ବ୍ୟବଧାନକୁ ନେଇ କିଏ କାହାଠାରୁ ହଜି ଯାଇଛି ନା' ମନରୁ ପାଶୋର ହେଇଯାଇଛି ସେଇ ସନ୍ଦେହକୁ ନେଇ ଭାବିଲୁ ଅନେକ କିଛି । ଛୁଆ ଦିନରୁ ମୁଁ ତ ଏଇଭଳି ମନୋଭାବ ନେଇ ଚଳିଆସିଛି । ମା' ମତେ ବେଶୀ ଭଲ ପାଆନ୍ତି ନା ଆଉ କାହାକୁ ସେଇ ଚିନ୍ତାରେ ଅଧିକାଂଶ ସମୟ ଅଯଥାରେ ମୋର ବିତିଯାଏ ।

ଦେବା ଜନ୍ମ ହେବାଠାରୁ ଅନେକଟା ଏକପାକ୍ଷିଆ ହେଇଯାଉଥିଲି ମୁଁ । ପୁଅ ବୋଲି ଘରଯାକର ଲୋକେ ତାକୁ ଖୁବ୍ ଆଦର ଯତ୍ନ କରୁଥିଲେ । ଅଳ୍ପଦିନ ପାଇଁ ହେଲେ ବି ଜେଜେମା' ତାକୁ କାହ୍ନୁ ବୋଲି ଡାକୁଥିଲେ । ଦେବା ପୂର୍ବରୁ ଯଦିଓ ପିଇସୀଙ୍କ ପୁଅମାନେ ସୁଧୀର ସୁଦୀପ ଜନ୍ମ ହେଇସାରିଥିଲେ ତଥାପି ଦେବା ଥିଲା ସମସ୍ତଙ୍କ ପ୍ରିୟ । କାରଣ ସେ ଦୁଇ ଭାଇଙ୍କ ଠାରୁ ମୋ ଭାଇଟା ଥିଲା ରୂପରେ ଗୁଣରେ ଢେର୍ ଅଧିକ । ଖୁବ୍ ଶାନ୍ତ ଶିଷ୍ଟ ତା'ର ସ୍ୱଭାବ । ଅନ୍ୟର ମନ କିଣି ନେଲାଭଳି ହୃଦୟ ବି ।

ଜେଜେ ମା' ଦେବାକୁ ଗେଲବସର କରି ମୁଣ୍ଡରେ ବସେଇବା ଦେଖି ପିଇସୀ ମୁହଁ ଶୁଖେଇ ଦିଅନ୍ତି । ପିଇସା ଏଭଳି ଧାରଣାକୁ ନେଇ କିଛି କହିବା କି କରିବା ଭଳି ଲୋକ ନଥିଲେ । ସେ ଥିଲେ ଖୁବ୍ ଧୀରସ୍ଥିର । (କ୍ରମଶଃ)

## ସେଇ ଭିକାରି

ଅଣୁ ଗଳ୍ପ






କନ୍ଦର୍ପ ବେହେରା


ମୁଁ ଭୀମଭୋଇ ଛକ ପାଖରେ ଠିଆ ହୋଇଥାଏ । ଖବର ସଂଗ୍ରହ ବ୍ୟସ୍ତତା ଭିତରେ ଥିବାବେଳେ ମୋ ପାଖକୁ ଚାଲି ଆସିଲେ ଦି ଜଣ ଭିକାରି । ମଳିମୁଣ୍ଡିଆ ଦିଶୁଥିଲେ ଦି ଜଣ । ଚିରା ଫଟା କପଡା ଦେହକୁ ଘୋଡାଇ ଦେଇଥାଏ । ମୁହଁରେ ମେଂଚାଏ ଦାଢି ଉଭୟଙ୍କର । କାନ୍ଧରେ ଖଣ୍ଡିଏ ଚିରାଫଟା ଗାମୁଛା । ଖଣ୍ଡିଏ ଝୁଲାମୁଣି । ଗୋଡରେ ଫଟା ଚପଲ । ପିନ୍ଧିଥିବା ବସ୍ତ୍ର କେବେଠୁ ସଫା ହେଇନି ବୋଧହୁଏ । ଅଳନ୍ଧୁ ଲାଗିଥିଲା ଭଳି ମନେ ହେଉଥିଲା ପିନ୍ଧିଥିବା ଲୁଗାପଟା । ମୁଖମଣ୍ଡଳକୁ ଦେଖିଲେ ଦୟା ଭାବ ମନରେ ଜାଗ୍ରତ ହେବ ନିଶ୍ଚୟ । ଜଣେ ଜଣଙ୍କର ହାତ ଧରାଧରି ହୋଇ ରାସ୍ତାରେ ଯିବା ଆସିବା କରିବା ଆଜିକାର କଥା ନୁହଁ । ବହୁବର୍ଷ ହେଲା ଦି' ଜଣ ଏମିତି ଯିବା ଆସିବା କରନ୍ତି । ଗାଁ ଗାଁ ବୁଲି ଭିକ ମାଗନ୍ତି ।

ରାସ୍ତାରେ ଯାଉଥିବା ବେଳେ ଥଟ୍ଟା ତାମ୍‌ସା କରିବାର ଦୃଶ୍ୟ ଦେଖି କୌତୁହଳ ମନେ ହେଲା ମୋର । ଧରିଥିବା ଝୁଲାମୁଣି ଭିତରେ କିଛି କପଡା ଓ ଗଂଜେଇ ସାଙ୍ଗକୁ ବରଡାରେ ତିଆରି ଚିଲମ୍ ଥିବାର ମନେହେଲା । ମୋତେ ହାତ ପତେଇ କିଛି ପଇସା ମାଗିଲେ ଦି ଜଣ । ମୁଁ ପଛ ପକେଟରେ ହାତ ମାରିଲି ମନିପର୍ସଟି ଆଣି କିଛି ଦେବାକୁ । ଦେଖେତ, ପର୍ସଟି ଛାଡି ଆସିଛି ଘରେ । ପକେଟରେ ଯାହାକିଛି ଥାଏ ।

ସାର୍ କିଛି ଦିଅନ୍ତୁ ......

ଦି ଦିନ ହେଲା କିଛି ବି ଖାଇନୁ । ଭୋକରେ ଆଉଟୁ ପାଉଟୁ ଲାଗୁଛି ସାର୍ । ଦିଅନ୍ତୁ ସାର୍ ।

ମନରେ ଦୟା ଭାବ ଜାଗ୍ରତ ହେଲା ମୋର । ପକେଟରୁ ଚାରିଟଙ୍କା ବଢାଇ ଦେଲି ଭିକାରି ଦି' ଜଣଙ୍କୁ । ମୋତେ ଆର୍ଶୀବାଦ ଦେଇ କଣ ମନେ ମନେ କହିପକାଇଲେ ଯେ ମୁଁ ବୁଝିବାକୁ ଚେଷ୍ଟା କରି ପାରି ନ ଥିଲି ବ୍ୟସ୍ତତା ଭିତରେ । ମୋ ପାଖରୁ ଚାଲିଗଲେ ସେମାନେ କିଛି ବାଟ । ଗୋଟେ ଦୋକାନ ପଛ ପାଖରେ ବସି ମଦ ପିଉଥିବାର ଆଖିକୁ ମୋର ଝାପ୍‌ସା ଝାପ୍‌ସା ଦିଶିଲା । ହେଲେ ଠଉରେଇ ପାରି ନ ଥିଲି ସେମାନେ କଣ କରୁଛନ୍ତି । ମୁଁ ଜାଣିଛି ସେଠି ମଦ ପିଅନ୍ତି ଲୋକମାନେ । ଚା ବିସ୍କୁଟ, ଆଦି ବିକ୍ରି ବାହାନାରେ ଏଭଳି ନିଶା କାରବାର ସେଠି ଚାଲେ ବୋଲି ଜାଣିଛି ମୁଁ ବହୁ ଦିନରୁ ।

ପୁଣି ମୋ ପାଖକୁ ଆସି ପୂର୍ବ ଭଳି ସେଇ ଢଙ୍ଗରେ ହାତ ପାତି ପଇସା ମାଗିଲେ ସେଇ ଦି' ଜଣ ଭିକାରି । । ପାଟିରୁ ମଦ ଗନ୍ଧ ବାହାରୁ ଥାଏ । ମୁଁ କହିଲି ଆରେ ବାବା .. କେତେ ଥର ପଇସା ମାଗୁଛ ।

ଭିକାରିଟିଏ କହିଲା- ସାର୍ ମାଫ୍ କରିଦିଅନ୍ତୁ । ଆଖିକୁ ଭଲ ଭାବରେ ଦେଖାଯାଉନି ସାର୍ । ଚିହ୍ନି ହେଉନି ।

ମଦ ପିଉଛ କଣ ପାଇଁ ? ପ୍ରଶ୍ନ କଲି ମୁଁ ।

ବାବୁ, ମଦ ଟିକେ ପିଇ ଦେଲେ ବଢିଆ ଲାଗୁଛେ । ଦେହ ହାତ ପୀଡା ନାଇଁ ହେବାର୍ । ରିଲାକ୍ସ ଲାଗୁଛେ । ଦିନ୍‌ବେଲା ଚାଲିଚାଲି ଗୋଡ୍ ବିନ୍ଧୁଚେ । କାଣା କର୍‌ମୁ ।

ଏମିତି କହି ପୁଣି ଦୁଇଜଣଯାକ ହାତ ଧରାଧରି ହୋଇ ଜଗନ୍ନାଥଙ୍କ ଭଜନ ଗାନ କରି କରି ଚାଲିଲେ ରଥ ସାହି ଆଡକୁ । ଆଗକୁ କିଛି ପାଇବା ଆଶାରେ । ମୁଁ ସେମିତି ଚାହିଁ ରହିଥାଏ ସେମାନଙ୍କ ଯିବା ବାଟକୁ । ଆଉ ଭାବୁ ଥାଏ ଏଭଳି ଭିକାରି ଥିଲେ ଦେଶଟା ଆଗେଇ ଯିବ ନିଶ୍ଚୟ ।


♥ କବି କୁଟୀର, ସା/ପୋ-ଡଇଁଚା, ଭାୟା-ରେଢାଖୋଲ, ଜି-ସମ୍ବଲପୁର, ପିନ୍ – ୭୬୮୧୦୬ , ମୋ-୭୦୭୭୫୭୯୩୧୭

## ବହି ଆଲୋଚନା

# ଏମିତି ଚାଲିଥିବ : ସମ୍ଭାବିତ ପରିବର୍ତ୍ତନର ଏକ ପ୍ରଶ୍ନ




ଶୁଭ ନାରାୟଣ ସ୍ୱାଇଁ

ଚଳିତମାସ ପ୍ରକାଶ ପାଇଛି ସୁବର୍ଣ୍ଣଶ୍ରୀ ପ୍ରକାଶନୀ ତରଫରୁ ପ୍ରକାଶିତ ଔପନ୍ୟାସିକ ସୃଷ୍ଟିଧର ପରିଡାଙ୍କ ସଦ୍ୟ ପ୍ରକାଶିତ ଉପନ୍ୟାସ 'ଏମିତି ଚାଲିଥିବ' । ଓଡିଶାରେ ଯେଉଁ କେତେଜଣ ଲେଖକ ରାଜନୈତିକ ଉପନ୍ୟାସମାନ ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଔପନ୍ୟାସିକ ସୃଷ୍ଟିଧର ପରିଡା ଅନ୍ୟତମ । ପୂର୍ବରୁ ସେଇ ରାଜନୈତିକ ବିଷୟକୁ ଆଧାର କରି ଶ୍ରୀଯୁକ୍ତ ପରିଡା 'ଅରଣ୍ୟ ଅରଣ୍ୟ', 'ନକ୍ସଲ୍', 'ଆତଙ୍କ', '୨୦୫୦', 'ସନ୍ଧିକ୍ଷଣ' ଓ 'ରାଜନୀତି' ନାମରେ ପ୍ରାୟ ଛଅ ଗୋଟି ଉପନ୍ୟାସ ପୁସ୍ତକ ଓଡିଆ ସାହିତ୍ୟକୁ ଭେଟି ଦେଇ ସାରିଛନ୍ତି । ମୋର ସୌଭାଗ୍ୟ ଯେ ସେହି ଛଅ ଗୋଟି ଉପନ୍ୟାସ ଭିତରୁ ତିନୋଟି ଉପନ୍ୟାସ ପଢିବାର ସୁଯୋଗ ମୁଁ ପାଇ ସାରିଛି । ଏଣୁ ଏବେ ତାଙ୍କର ସପ୍ତମ ରାଜନୈତିକ ଉପନ୍ୟାସ 'ଏମିତି ଚାଲିଥିବ' ପ୍ରକାଶ ପାଉଥିବା କଥା ଜାଣି ଏହାକୁ ପଢିବା ପାଇଁ ମନରେ ଏକ ଅହେତୁକ ଆଗ୍ରହ ସୃଷ୍ଟି ହେଲା । ଏଣୁ ବହିଟିକୁ ମଗାଇଲି ଏବଂ ଏଇ ଏବେ ଏବେ ପଢି ଶେଷ କଲି ବହିଟିକୁ।

ଏହି ଉପନ୍ୟାସଟି ପଢିଲା ପରେ ମୋତେ ଯାହା ଲାଗିଲା, ନିଶ୍ଚିତ ଭାବରେ ଏହି ଉପନ୍ୟାସଟି ଲେଖକଙ୍କ ଅନ୍ୟାନ୍ୟ ଉପନ୍ୟାସଠୁ ଭିନ୍ନ ନିଶ୍ଚୟ। ଲେଖକଙ୍କର ଅନ୍ୟ ସମସ୍ତ ଉପନ୍ୟାସ ଗୁଡିକରେ ଗୋଟିଏ ଲେଖାଏଁ କାହାଣୀ ଥାଏ ଏବଂ ସେ କାହାଣୀ ଭିତରେ ଆଉ ଏକ କାହାଣୀ ଲୁଚି ଲୁଚି ଆଗକୁ ବଢୁଥାଏ। କେତେବେଳେ ସେ କମ୍ୟୁନିଜିମ୍‌ର କଥା କହିବାକୁ ଚେଷ୍ଟା କରିଥାଏ ତ କେତେବେଳେ ଗାନ୍ଧୀବାଦର କଥା କହିବାକୁ ଚେଷ୍ଟା କରୁଥାଏ।

କିନ୍ତୁ ଏହି 'ଏମିତି ଚାଲିଥିବ' ଉପନ୍ୟାସଟିରେ ମୁଁ କୈଣସି କାହାଣୀକୁ ପାଇଲି ନାହିଁ ବରଂ ପାଇଲି ଏକ ସୁଦୀର୍ଘ କଥୋପକଥନକୁ। ଏଠି ପାଇଲି କିଛି ସମ୍ବାଦକୁ, କିଛି ବାସ୍ତବ ଚିତ୍ରକୁ। ପୁରାଟା ଉପନ୍ୟାସରେ ହାତ ଗଣତିରେ ପାଞ୍ଚ ଛଅଟି ଚରିତ୍ର ଥିଲେହେଁ ପୁରାଟା ଉପନ୍ୟାସ ବାରମ୍ବାର ଘୁରି ବୁଲିଛି ସଞ୍ଜୟ, ଶିବାନୀ ଓ ଅବିନାଶ ଭଳି ମାତ୍ର ତିନୋଟି ଚରିତ୍ରଙ୍କ ଆଗ ପଛରେ। ମୋତେ ବ୍ୟକ୍ତିଗତ ଭାବରେ ଯାହା ଅନୁଭବ ହେଲା ଏଠି ଲେଖକ ଏହି ତିନୋଟି ଚରିତ୍ରର ସାହାଯ୍ୟରେ ନିଜର ଆକ୍ରୋଶ ଓ ରାଜନୈତିକ ବିତୃଷ୍ଣାର କଥା ହିଁ କହିଛନ୍ତି। ସମାଜରେ ଘଟୁଥିବା ରାଜନୈତିକ ଅଧଃପତନର କଥା କହିଛନ୍ତି ଚରିତ୍ର ମାନେ। ରାଜନୈତିକ ନେତା ଓ ଅମଲାତନ୍ତ୍ରୀକ ବ୍ୟବସ୍ଥା ଭିତରେ ଚାପି ହୋଇ ଯାଉଥିବା ସାଧାରଣ ଜନତାଙ୍କର ଆଖିର ଲୁହ ଓ ଛାତିର କୋହକୁ ଲେଖକ ଦେଖାଇଛନ୍ତି ସଞ୍ଜୟ, ଶିବାନୀ ଓ ଅବିନାଶ ଚରିତ୍ର ମାଧ୍ୟମରେ। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଗୁପ୍ତ ପ୍ରଣୟ ଓ ମଧୁଚନ୍ଦ୍ରିକାରେ କିଭଳି ଅତିଷ୍ଠ ହେଉଛି ସମାଜ, ସେହି କଥା କହୁଛି ଏହି ଉପନ୍ୟାସ ।

ଶିବାନୀ, ସଞ୍ଜୟ ଓ ଅବିନାଶ ପରସ୍ପର ଭିତରେ କଥା ହେଉଛନ୍ତି ଓ ଅନୁଭବ କରୁଛନ୍ତି ଆମ ରାଜ୍ୟରେ ସରକାରୀ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଅମଲାତନ୍ତ୍ର, ଖାଦ୍ୟ ଓ ଯୋଗାଣ, ମଣ୍ଡିରେ ଧାନ କିଣା, କୃଷି ଓ ଜଳ ସେଚନ, ଆରକ୍ଷୀ ବିଭାଗ, ରାଜସ୍ୱ ବିଭାଗ ଏବଂ ରାସ୍ତା ଓ ପୋଲ ନିର୍ମାଣ ଭଳି ବିଭିନ୍ନ ସରକାରୀ ବିଭାଗରେ ଯେଉଁଠି ଦେଖିବ ସେଇଠି କେବଳ ଦୁର୍ନୀତି ହିଁ ଦୁର୍ନୀତି।




ଯେଉଁଠି ଦେଖିବ ସେଇଠି ହତ୍ୟା, ଲୁଣ୍ଠନ ଓ ଧର୍ଷଣ । ସବୁଠି ସବୁ ଅପରାଧ କରୁଥିବା ଅପରାଧି ଓ ଦୁର୍ନୀତି କରୁଥିବା ଅଧିକାରୀ ମାନଙ୍କୁ ସୁରକ୍ଷା ଦେଉଛନ୍ତି ରାଜନୈତିକ ନେତା ମାନେ ସେମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ। ଅନ୍ୟ ପକ୍ଷରେ ଶୋଷିତ ହେଉଛନ୍ତି ସାଧାରଣ ଜନତା । ଲୋକଙ୍କ ଭିତରେ ଗରିବ ହେବା ପାଇଁ ଲାଗୁଛି ଦୌଡ। କାରଣ ଗରିବଙ୍କ ପାଇଁ ସବୁ ଯୋଜନା, ଗରିବଙ୍କ ପାଇଁ ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ଡାଲମା ଭାତ, ଶ୍ରମିକ ମଜୁରି ତିନି ଶହ ଏବଂ ଆହୁରି ଅନେକ କିଛି। ସେଇଥିପାଇଁ ତ ସରକାରୀ କାଗଜରେ ଗରିବ ରେଖାର ତଳେ ୩୬ ପ୍ରତିଶତ ଲୋକ, ଅଥଚ ଟଙ୍କିକିଆ ଚାଉଳ ନେଉଛନ୍ତି ୮୯ ପ୍ରତିଶତ ଲୋକ। ତଥାପି ଗରିବ ହେବାକୁ ଲାଗିଛି ଆହୁରି ଭିଡ।

ସତରେ ଏହା ଏକ ଚିନ୍ତା ଜନକ ବିଷୟ ନୁହେଁ କି। ଲେଖକ ଚିନ୍ତା ପ୍ରକଟ କରିଛନ୍ତି ଏହିସବୁକୁ ଦେଖି। ତାଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି କଣ ଏସବୁ ସବୁବେଳେ ଏମିତି ଚାଲିଥିବ। ଏହି ପ୍ରଶ୍ନଟିକୁ ଲେଖକ ଉତଥାପନ କରିଛନ୍ତି ଶିବାନୀର ସ୍ୱର ମାଧ୍ୟମରେ।



**ଏମିତି ଚାଲିଥିବ**
(ରାଜନୈତିକ ଉପନ୍ୟାସ)
ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୨
ପୃଷ୍ଠା ସଂଖ୍ୟା : ୧୩୪
ମୂଲ୍ୟ : ୧୨୦ ଟଙ୍କା ମାତ୍ର

ଲେଖକ ଆଶାବାଦୀ, ପରିବର୍ତ୍ତନ ଅବଶ୍ୟ ସମ୍ଭବ। ହେଲେ ପରିବର୍ତ୍ତନ ପାଇଁ କାହାକୁ ହେଲେ ପ୍ରଥମେ ମଙ୍ଗ ଧରିବାକୁ ହେବ। କାହାକୁ ହେଲେ ପ୍ରଥମେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବାକୁ ପଡିବ, ହେଲେ ହେଉ ପଛେ ସେ ପରମ ପ୍ରଭାବଶାଳୀ ନେତା ପ୍ରଣବ ପ୍ରକାଶ ରାୟଙ୍କ ଝିଅ ଶିବାନୀ। ଏଣୁ ଶେଷରେ ଶିବାନୀ କହୁଛି ଏ କାମ ଆମକୁ ହିଁ ଆରମ୍ଭ କରିବାକୁ ହେବ, ଚାଲ ଯିବା.. ଆଜିଠୁ ମୁଁ ହିଁ ପ୍ରଥମେ ଆରମ୍ଭ କରୁଛି ଏକାମ। ଏତିକି ବେଳେ ସଞ୍ଜୟ ତା ନିଜ ଯାଗାରୁ ଉଠି ଆସି ଶିବାନୀର ହାତ ଉପରେ ହାତ ରଖି କହୁଛି, ଚାଲ.. ମୁଁ ବି ତୁମ ସହିତ ଅଛି ।

ଏମିତିରେ ଅନେକ ନିରାଶାରୁ ଆରମ୍ଭ ହୋଇ ପରିବର୍ତ୍ତନର ଏକ ଡାକ ଆଶାବାଦରେ ଶେଷ ହୋଇଛି ଉପନ୍ୟାସଟି । ଆଶା କରୁଛି ଏହା ପାଠକଙ୍କୁ ଭଲ ଲାଗିବ ନିଶ୍ଚୟ।

♥ ଭାନୁପୁରୀ ଛକ, ରାୟପୁର
(ଛତିଶଗଡ଼)
(ମୋ) ୮୪୮୦୧୯୬୫୩୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୧୧

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହ୍ମୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ (ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ : ୯୪୩୭୨୬୭୧୨୫

କୋଠ ଘରେ ବସି ନନା ଗାଉଥା'ନ୍ତି
ମନବୋଧ ଚଉତିଶା
ଦେହ ଅରମାରେ ଭରିଦେଇ ଦୀପ୍ତି
ଜଗାଇ ମନରେ ଆଶା । ୧୧୧ ।

ଆମରି ଗାଆଁର ପୁରିଲା ଓଠରେ
ଫୁଲ ଫୁଟିବାର ଦୃଶ୍ୟ
ନିରବ ଛାତିର ପ୍ରତି ନିଳୟରେ
ବିଗଳିତ ତା'ର ସ୍ୱର୍ଶ । ୧୧୨ ।

ଆଶ୍ୱିନ ଆସିଲେ ଆମ ଗାଆଁ ଯେବେ
ଚିତ୍ତଚୋରା ଗୀତ ଗାଏ
ମଥା ଥାପି ଦେଇ ପୂନେଇଁର ଜହ୍ନ
ଆମ ଗାଁ ଛାତିରେ ଶୁଏ । ୧୧୩ ।

ଆମ ଗାଆଁ ଆଙ୍କେ ସୁନାର ମୁରୁଜ
ଅଗଣାରେ ଲକ୍ଷ୍ମୀପାଦ
ରାତି ସ୍ଥିର ହେଲେ ରୁଣୁଝୁଣୁ ଶୁଭେ
କଅଁଳ ପାଦ ଶବଦ । ୧୧୪ ।

ରସାଳ ଡାଳରୁ ପବନ ଯେ' ବେଳେ
ହଳଦିଆ ପତ୍ର ତୋଳେ
ଗାଆଁ ବଗିଚାର କୋଣ ଅନୁକୋଣେ
ଆଶାର ଦିହୁଡ଼ି ଜଳେ । ୧୧୫ ।

କଣ୍ଟା ବାଉଁଶର ପତରର ଧାର
ଶୁଭେ ଯେବେ ଖସ ଖସ
ଡାହୁକ କଅଁଳ ସୋହାଗକୁ ଫେରେ
ଛାଇ ଲେଉଟାଣି ହସ । ୧୧୬ ।

ପଣତରେ ଯେବେ ଗଣ୍ଠି ପକାଏ
ଆମ ଗାଁ ଶଙ୍କରା ଝିଅ
ଭାଇ କଥା ଭାଳି ଦେହ ଶୁଖିଯାଏ
ଶୁଖେନା ମାଣିକ ଲୁହ । ୧୧୭ ।

ଗାଁ ବାନ୍ଧିଆଣେ ପଣତ କାନିରେ
ସବୁରତୁଙ୍କ ପସରା
ଚାଙ୍ଗୁଡ଼ି ସଜାଏ ହାତୀ ପଲଙ୍କରେ
ଶତ ଉଲ୍ଲାସ ଭରା । ୧୧୮ ।

ଆକାଶ ଛାତିରୁ ପାହାଡ଼ ଛାତିକୁ
ଓହ୍ଲାଏ ଯେବେ ଜହ୍ନ
ଲଳିତ ନିଆଁରେ ଜଳେ ସାରା ଗାଆଁ
ନୀଳ ନୀଳ ତନୁମନ । ୧୧୯ ।

ସ୍ମୃତି ଭର୍ତ୍ତି ସବୁ ଚୁମ୍ବନର ଦାଗ
ଭରେ ଯେବେ ମନେ କୋହ
ନେହୁରା ହେଲେ ବି ଗାଆଁ ସାଜିଯାଏ
ସତେ ଗୋଟେ ଘୁଂଗୀ ଝିଅ । ୧୨୦ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

୨୫




ଦୀପକ ରଂଜନ ମିଶ୍ର

## ॥ ଭାଇ ପରମାନନ୍ଦ-୩ ॥

ଜେଲ ଭିତରେ ତମ୍ବାଖୁର ଚାହିଦା ଖୁବ୍ ଅଧିକ । ତାକୁ ସେଠି 'ସୁଖା' ବୋଲି କହନ୍ତି । କାରାଗାର ଭିତରକୁ ଆଣିବା ନିୟମ ବିରୁଦ୍ଧ ହେଲେ ବି ପେଟି ଅଫିସର ତଥା ୱାର୍ଡ଼ରମାନେ ତାକୁ ଲୁଚେଇ କରି ବାହାରୁ ଆଣୁଥିଲେ । ଧରାପଡ଼ିଗଲେ ସେଥିପାଇଁ କଠୋର ଦଣ୍ଡ ଭୋଗିବାକୁ ପଡୁଥିଲା ସେମାନଙ୍କୁ । ଯେତେ ନିୟମ କଡ଼ାକଡ଼ି କଲେ ବି 'ସୁଖା'ର ଆଗମନ ଓ ବ୍ୟବହାରକୁ ରୋକିବାରେ ଅସମର୍ଥ ହୋଇଥିଲେ ଜେଲ୍ ଅଧିକାରୀମାନେ । ଦୁଇ ପଇସାର ସୁଖା ଜେଲ୍ ଭିତରେ ବିକ୍ରିହୁଏ ଗୋଟିଏ ଅଣାରେ । କଏଦୀମାନେ ତାକୁ କଳରେ ଯାକି ଆସ୍ତେ ଆସ୍ତେ ଚୋବାଇ ରସ ଢୋକିଥାନ୍ତି । ନଖାଇଲା ଲୋକ ବି ଏମାନଙ୍କର ସାଙ୍ଗରେ ପଡ଼ି ଅଳ୍ପଦିନ ଭିତରେ ତାକୁ ବ୍ୟବହାର କରିବା ଶିଖିଯାଏ । କାରାଗାର ଭିତରେ ଏହା ମୁଦ୍ରାର କାମ କରେ । ଯା'ବଦଳରେ ଜଣେ ତା' କାମ ଅନ୍ୟଦ୍ୱାରା କରେଇବା ସହ ରୁଟି, ଦହି, କ୍ଷୀର ଆଦି କିଣି ବି ପାରିବ । ଯେଉଁ କଏଦୀମାନଙ୍କ ଓଜନ କମ୍ କିମ୍ବା ଯେଉଁମାନେ ଅସୁସ୍ଥ ରହୁଥାନ୍ତି ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ଦିଆହୁଏ । ତାହା ସେମାନଙ୍କ ପାଖରେ ପହଞ୍ଚେ କି ନାହିଁ ତାହା ଭିନ୍ନ କଥା । ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ କ୍ଷୀରକୁ ତଣ୍ଡିଲ୍ ତଥା ପେଟି ଅଫିସରମାନଙ୍କ ଠାରୁ ସୁଖା ବିନିମୟରେ ସଂଗ୍ରହ କରାଯାଇପାରେ । ଯାହା ପାଖରେ ସୁଖା ଅଧିକ ପରିମାଣରେ ଥିବ ସେ ହିଁ ଅଧିକ ଧନୀ ବୋଲି ପରିଗଣିତ ହେଉଥିଲା କାରାଗାର ଭିତରେ । ସୁଖ ପାଇବାର ମାଧ୍ୟମ ହୋଇଥିବାରୁ ବୋଧେ ତାହାର ଏପରି ନାମକରଣ ।

ଗୁପ୍ତରେ ପଇସା ତଥା ସୁନା ରଖିବା ପାଇଁ ସେତେବେଳେ କଏଦୀମାନେ ଗୋଟେ ଉପାୟ କରୁଥିଲେ । କାଚ ଗୁଳିକୁ ସୁତାରେ ବାନ୍ଧି ତଥା ସେଥିରେ କିଛି ଗୋଟେ ଲେପ ଦେଇ ତାକୁ ପାଟି ଭିତରେ ତଣ୍ଟି ପାଖରେ ନିୟମିତ ଝୁଲେଇ ରଖୁଥିଲେ କିଛିଦିନ ପାଇଁ । ଆସ୍ତେ ଆସ୍ତେ ସେଇ ଜାଗାର ମାଂସ ଖାଇଯାଇ ସେଠାରେ ଗୋଟେ ମୁଣା ଭଳି ହୋଇଯାଉଥିଲା । ଏଇ ପ୍ରକ୍ରିୟା କିନ୍ତୁ ଥିଲା ଖୁବ୍ ବିପଦପୂର୍ଣ୍ଣ । ବେଳେ ବେଳେ ଟିକିଏ ଅସାବଧାନତା ଯୋଗୁଁ କାଚ ଗୁଳିଟି ପେଟ ଭିତରକୁ ଚାଲିଗଲେ ଭାରି ଅସୁବିଧାରେ ପଡ଼ିବାକୁ ହୁଏ । ସେଇ ମୁଣା ଭିତରେ କଏଦୀମାନେ କିଛି ପଇସା ତଥା ସୁନା ଲୁଚେଇ କରି ରଖୁଥିଲେ । ଦରକାର ବେଳେ କୌଶଳରେ ସେଇଠୁ ପଇସା ବାହାର କରି ସେମାନେ ଆପଣା ଆବଶ୍ୟକତା ପୂରଣ କରୁଥିଲେ । ପୁଣି ତା'ରି ଭିତରେ ସାଇତି ଦେଉଥିଲେ । ସିପାହୀମାନେ ଏହାର ଟେର୍ ସୁଦ୍ଧା ପାଇ ପାରୁ ନଥିଲେ ।

କଳାପାଣିରେ ଅନେକ ସ୍ତ୍ରୀଲୋକ ମଧ୍ୟ ଜେଲଦଣ୍ଡ ଭୋଗୁଥାନ୍ତି । ସେମାନଙ୍କ ରହିବା ପାଇଁ ଭିନ୍ନ ବ୍ୟବସ୍ଥା କରାଯାଇଥାଏ ଯାହାକୁ 'ରଣ୍ଡି ବେରେକ୍' କୁହାଯାଏ । ତାଙ୍କ ଭିତରୁ ଅଧିକାଂଶ ନିଜ ନିଜ ସ୍ୱାମୀଙ୍କୁ ବିଷଦେଇ ହତ୍ୟା କରିବାର ଅଭିଯୋଗରେ ଦଣ୍ଡିତ ହୋଇଥାନ୍ତି । କିଛିବର୍ଷ ଜେଲ୍ ଖଟିବା ପରେ ସେମାନଙ୍କ ଭିତରୁ କେତେକଙ୍କୁ ପେଟି ଅଫିସର ତଥା 'କଣ୍ଡଲନୀ' ଇତ୍ୟାଦି ପଦରେ ନିଯୁକ୍ତ କରାଯାଇଥାଏ । ତିନିବର୍ଷ ଜେଲ୍ ଭିତରେ ରହିବା ପରେ ଯଦି ସେମାନେ ଚାହାନ୍ତି ତେବେ ସେଠାରେ ୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିସାରିଥିବା ଯେକୌଣସି କଏଦୀକୁ ବିବାହ କରି ଘର ସଂସାର କରି ପାରିବେ । ସେମାନେ ସେଠାରେ ଚାଷ କରି କିମ୍ବା ଗାଈ/ଛେଳି ରଖି ଜୀବିକାର୍ଜନ କରନ୍ତି । ସେଇମିତି କିଛି ଦମ୍ପତି ମିଶି ଗୋଟେ ଗୋଟେ ବସ୍ତି ଗଢ଼ିଥାନ୍ତି । ବିଭିନ୍ନ ଅଞ୍ଚଳର ଅଧିବାସୀ ହୋଇଥିଲେ ସୁଦ୍ଧା ସେଠାରେ ପ୍ରାୟତଃ ସେମାନେ ପରସ୍ପର ମଧ୍ୟରେ ହିନ୍ଦୁସ୍ଥାନୀ ଭାଷାରେ ହିଁ କଥାବାର୍ତ୍ତା କରନ୍ତି । ବର୍ମା, ଆଫଗାନିସ୍ଥାନ, ମୁମ୍ବାଇ ତଥା ମାଡ୍ରାସ୍‌ରୁ ଆସିଥିବା ଲୋକେ ସେଠାରେ ଏକାଠି ମିଳିମିଶି ରହୁଥିବାରୁ ସେମାନଙ୍କ ମଧ୍ୟରେ କୌଣସି ପ୍ରକାରର ଭେଦଭାବ ନଥାଏ । ସେମାନଙ୍କ ଛୁଆଙ୍କ ପାଇଁ 'ଇବ୍ରାଡିନ୍' ଠାରେ ଗୋଟିଏ ଆଙ୍ଗ୍‌ଲୋ ଭର୍ଣ୍ଣାକୁଲାର ମିଡିଲ୍ ସ୍କୁଲ ଗଢ଼ା ହୋଇଥାଏ । ଦେଢ଼ଶହରୁ ଦୁଇଶହ ପିଲା ସେଠାରେ ପଢୁଥାନ୍ତି । ସେଇଠୁ ପାଶ୍ କଲାପରେ ସେଇପିଲାମାନେ ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକରେ କ୍ଲର୍କ ଭାବେ ନିଯୁକ୍ତି ପାଆନ୍ତି ।




ଜେଲ୍ ଭିତରେ ମାତ୍ରାଧିକ ପରିଶ୍ରମ କରିବାକୁ ପଡୁଥିବାରୁ କଏଦୀମାନେ ନାନା ଉପାୟରେ ନିଜକୁ ଅସୁସ୍ଥ ପ୍ରମାଣିତ କରେଇ କାମରୁ ବର୍ତ୍ତିବାର ଉପାୟ କରନ୍ତି । ସେଇଭଳି କେତେକ ଉପାୟ ବିଷୟରେ ଭାଇ ପରମାନନ୍ଦ ତାଙ୍କ ବହିରେ ଉଲ୍ଲେଖ କରିଛନ୍ତି । କାଚଖଣ୍ଡକୁ ପାଲିସ୍ କରି ବାଟିଦେଇ ତାକୁ ଖାଇଦେଲେ ତାହା ପେଟ ଭିତରକୁ ଯାଇ ଅନ୍ତନଳୀକୁ ଚିରି ଦେବାରୁ ଭିତରେ ପ୍ରବଳ ରକ୍ତସ୍ରାବ ହୁଏ । ବେଳେ ବେଳେ ଏହା ଏତେ ସାଂଘାତିକ ହୋଇଯାଏ ଯେ ରୋଗୀ ମୃତ୍ୟୁବରଣ ମଧ୍ୟ କରିଥାଏ ଏଥିଯୋଗୁଁ । ନହେଲେ ମାସ ମାସ ଡାକ୍ତରଖାନାରେ ରହି ଚିକିତ୍ସିତ ହେବାକୁ ପଡ଼େ । କେତେକ ବନ୍ଦୀ ଆଖିରେ ଚୂନ ପକାଇ ଘା' ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। କିଛି ଏହା ଫଳରେ ଅନ୍ଧ ହୋଇଯାଆନ୍ତି ଆଉ କିଛି ମାସାଧିକ କାଳ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି । ଏକ ପ୍ରକାର ଲାଲ୍‌ଗୁଣ୍ଡ ବିଷୟରେ ମଧ ବର୍ଣ୍ଣନା ରହିଛି ଯାହାକୁ ସୁତାରେ ଲଗାଇ ଛୁଞ୍ଚି ସାହାଯ୍ୟରେ ହାତ କି ପାଦରେ କଣା କରି ପୂରାଇ ଦେଲେ ସେଇ ଜାଗା ଅସ୍ୱାଭାବିକ ଭାବେ ଫୁଲି ଘା' ହୋଇଯାଏ । 'ଜାମାଲ୍‌ଗୋଟା' ମଞ୍ଜିରୁ ଗୋଟେ ଦୁଇଟି ବାଟି ଖାଇଦେଲେ ଭୀଷଣ ରକ୍ତଝାଡ଼ା ହୋଇ ଖୁବ୍ ଦୁର୍ବଳ ହୋଇଯାଏ ମଣିଷ । ଧଳା କନିଅର ଗଛର ଚେରକୁ ବାଟି ତହିଁରେ ଗୁଡ଼ ମିଶାଇ ଚଣା ଆକାରର ଗୁଳି କରି ତାକୁ ଖାଇଲେ ଖଇଫୁଟା ତାତି ଭରିଯାଏ ଦୁଇ ତିନିଘଣ୍ଟା ମଧ୍ୟରେ । ଦିନେ ଦୁଇଦିନ ପରେ ସେଇ ତାତି ଆପେ ଆପେ ଓହ୍ଲାଇ ଯାଏ । କଏଦୀଙ୍କ ଏଇ ସବୁ ଫନ୍ଦିଫିକରକୁ ଡାକ୍ତରମାନେ ଦେଖିଲା ମାତ୍ରେ ହିଁ ଜାଣି ପାରନ୍ତି । ସେଥିପାଇଁ ଅଧିକାଂଶ ସମୟରେ ସେମାନେ ଚିକିତ୍ସା କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଇଚ୍ଛା କରିକି ରୋଗରେ ପଡ଼ିଛ ତ ଭୋଗ । ଏଇଭଳି ରୋଗୀଙ୍କୁ ଚିକିତ୍ସା ପରିବର୍ତ୍ତେ କାରାଗାରରେ ବନ୍ଦୀକରି ହାତକଡ଼ି ଲଗାଇ ଦଣ୍ଡ ମଧ ଦିଆଯାଉଥିଲା ।

ପଞ୍ଜାବରେ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତିରେ କେବେ ତେଲର ବ୍ୟବହାର ଆଦୌ ହୁଏନାହିଁ । ଘିଅ ମହଙ୍ଗା ହେଲେ ମଧ୍ୟ ଲୋକେ ତେଲ ଖାଇବାକୁ ଚାହାନ୍ତିନି । ଏହା ସ୍ୱାସ୍ଥ୍ୟପକ୍ଷରେ ହାନିକାରକ ବୋଲି ଭାବନ୍ତି । କିନ୍ତୁ ଆଣ୍ଡାମାନରେ ଡାଲି କିମ୍ବା ତରକାରୀରେ ପ୍ରତି କଏଦୀ ହିସାବରେ ଚାରିଡ୍ରାମ୍ ତେଲ ପକାଇବାର ବ୍ୟବସ୍ଥା ଥାଏ । ପ୍ରଥମେ ପ୍ରଥମେ କିଛିଦିନ ତେଲର ସ୍ୱାଦ ରୁଚିକର ମନେହୁଏନି । କିନ୍ତୁ 'ଅଭାବ ହିଁ ଭାବର ଜନନୀ' ନ୍ୟାୟରେ ତାହା ଘିଅ ପରି ସ୍ୱାଦିଷ୍ଟ ମନେହୁଏ । କଏଦୀମାନେ ଚାହାନ୍ତି ଡାଲିର ଉପରଭାଗ ସେମାନଙ୍କୁ ମିଳୁ ବୋଲି ଯେଉଁଥିରେ ଛୁଙ୍କ ଦିଆଯାଇଥିବା ତେଲ ଭାସୁଥାଏ । ସେଇ ଭାସୁଥିବା ତେଲ ଟିକକ ପାଇବା ପାଇଁ କେତେ ଝଗଡ଼ା ତଥା ମାଡ଼୍‌ପିଟ୍ । ଗୁଡ଼ ମଧ ଜେଲ୍ ଭିତରେ ମିଳିବା ଥାଏ ସ୍ୱପ୍ନ । କେବେ କେମିତି କାହାଦ୍ୱାରା ଲୁଚେଇ କରି ଟିକିଏ ଜେଲ ଭିତରକୁ ଅଣାଗଲେ ତାକୁ ଦେଖି ଖୁବ୍ ଆନନ୍ଦିତ ହୋଇଯାଆନ୍ତି କଏଦୀମାନେ । ତାକୁ ଖାଇବା ପାଇଁ ଛଡ଼ାଛଡ଼ି ଲାଗିଯାଆନ୍ତି ପରସ୍ପର ଭିତରେ । ଦିନେ ଜଣେ ବନ୍ଦୀ ଲୁଚେଇ କରି ଫାଳେ ପିଆଜ ଭାଇ ପରମାନନ୍ଦଙ୍କୁ ଆଣି ଦିଏ । ତାହା ଅତି ସାଧାରଣ ଜିନିଷ ହୋଇଥିଲେ ସୁଦ୍ଧା ଖୁବ୍ ସ୍ୱାଦିଷ୍ଟ ଲାଗେ ତାଙ୍କୁ । ସେଦିନ ତା ବାସ୍ନା ବି ଥାଏ ମନମୁଗ୍ଧକର । ସେଇ ପିଆଜ ଫାଳକ ଗୋଟେ ବିରାଟ ଶିକ୍ଷା ଦେଇଯାଏ ତାଙ୍କୁ । ପ୍ରକୃତରେ ପ୍ରତ୍ୟେକ ଜିନିଷର ସଠିକ୍ ମୂଲ୍ୟ ଆମକୁ ସେତେବେଳେ ଜଣାପଡ଼େ ଯେତେବେଳେ ଦୀର୍ଘକାଳ ପର୍ଯ୍ୟନ୍ତ ଆମେ ସେଥିରୁ ବଞ୍ଚିତ ଥାଉ ।

ନିଷ୍ଠୁର ହୃଦୟର ଦୁର୍ଦ୍ଦାନ୍ତ କଏଦୀମାନେ ବି ଦେଶଠାରୁ ପ୍ରାୟ ହଜାରେ ମାଇଲ ଦୂରରେ ସମୁଦ୍ର ଭିତରେ ଅବସ୍ଥିତ ଏକ ଦ୍ୱୀପରେ ବନ୍ଦୀଭାବରେ ଜୀବନ ବିତାଉଥିବା ବେଳେ ମାତୃଭୂମି ତଥା ତାଙ୍କ ବନ୍ଧୁ ପରିଜନଙ୍କ କଥା ସ୍ମରଣ କରି ଖୁବ୍ ଭାବପ୍ରବଣ ହୋଇ କାନ୍ଦି ପକାଉଥିଲେ । ସତରେ ଏଇ ଜୀବନରେ ଆଉ କ'ଣ ସେମାନେ ନିଜ ଗାଁକୁ କେବେ ଫେରି ପାରିବେ ? ଗାଁ ମାଟିର ଡାକ ସେମାନଙ୍କୁ ଅହରହ ଅସ୍ତବ୍ୟସ୍ତ କରିପକାଉ ଥାଏ । ଜେଲ୍ ବାହାରକୁ କାମ କରିବାକୁ ଯାଉଥିବା କଏଦୀମାନେ କେତେବେଳେ କେମିତି ସୁଯୋଗ ପାଇଲେ ଜଙ୍ଗଲରୁ ମୋଟା ମୋଟା ବାଉଁଶ କାଟି ତାକୁ ବାନ୍ଧି ଭେଳା ତିଆରି କରନ୍ତି । କିଛି ଅଟା ଓ ପିଇବା ପାଣି ପାଖରେ ରଖି ଭେଳା ଭସାଇ ଦିଅନ୍ତି ସମୁଦ୍ର ଗର୍ଭକୁ । ଆଖି ପାଉ ନଥିବା ଦୂରତ୍ୱ ସତରେ କ'ଣ ସେମାନେ ଅତିକ୍ରମ କରି ସ୍ୱଦେଶରେ ପହଞ୍ଚି ପାରିବେ ? ଅଧିକାଂଶ କଏଦୀଙ୍କର ସେଇ ସମୁଦ୍ର ଭିତରେ ହିଁ ଜଳସମାଧି ଘଟେ । ଖାଦ୍ୟ ତଥା ପିଇବା ପାଣି ଅଭାବରୁ ମଧ୍ୟ ଅନେକେ ମୃତ୍ୟୁବରଣ କରନ୍ତି । କିଏ ସୌଭାଗ୍ୟକୁ ଭାରତ ଭୂଖଣ୍ଡରେ ପହଞ୍ଚିଗଲେ ସେମାନଙ୍କୁ ସ୍ଥାନୀୟ ମୁଖିଆଙ୍କ ଅଭିଯୋଗ କ୍ରମେ ଗିରଫ୍ କରି ପୁଣି କଳାପାଣିକୁ ପଠାଇ ଦିଆଯାଉଥିଲା । ଶହ ଶହଙ୍କ ଭିତରୁ କାଁ ଭାଁ ଜଣେ ଦୁଇଜଣଙ୍କ ଭାଗ୍ୟରେ ମୁକ୍ତ ଜୀବନ ବଞ୍ଚିବାର ଲେଖା ହୋଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତି ବେଳକୁ ଆଣ୍ଡାମାନର ଚିଫ୍ କମିଶନର ଥାଆନ୍ତି କର୍ଣ୍ଣେଲ ଡଗ୍‌ଲସ୍ । ସେଲ୍ୟୁଲାର ଜେଲ୍ ଭିତରେ ରାଜବନ୍ଦୀମାନଙ୍କ ସହିତ କେମିତି ବ୍ୟବହାର କରାଯିବ ତାହା ମୁଖ୍ୟତଃ ତାଙ୍କରି ନିର୍ଦ୍ଦେଶ ଉପରେ ନିର୍ଭର କରୁଥାଏ । ସେ ଥିଲେ ଭାରି କଡ଼ା ମିଜାଜ୍‌ର ଲୋକ । ସାଧାରଣ ବନ୍ଦୀଙ୍କ ତୁଳନାରେ ରାଜବନ୍ଦୀମାନଙ୍କୁ ଅଧିକ ଯନ୍ତ୍ରଣା ଦେବା ନିହାତି ଆବଶ୍ୟକ ବୋଲି ସେ ମନେ କରୁଥିଲେ । ଥରେ ବ୍ୟକ୍ତିଗତ କାମରେ ତିନିମାସ ଛୁଟି ନେଇ ସେ ଇଂଲଣ୍ଡ ଯାଆନ୍ତି । ତାଙ୍କ ଅନୁପସ୍ଥିତିରେ ସୁପରିଂଟେଣ୍ଡେଣ୍ଟ୍ ମେଜର୍ ମରେ ଚିଫ୍ କମିଶନର ଦାୟିତ୍ୱରେ ରହନ୍ତି । ଭାଇ ପରମାନନ୍ଦଙ୍କ କଥାବାର୍ତ୍ତା ତଥା ଆଚାର ବିଚାର ଦେଖି ସେ ତାଙ୍କୁ ଭାରି ସ୍ନେହ କରୁଥାନ୍ତି । ଜେଲ୍ ଡାକ୍ତରଖାନାରେ ଅଭିଜ୍ଞ କମ୍ପାଉଣ୍ଡରଙ୍କ ଅଭାବ ଥିବାରୁ ସେ ପରମାନନ୍ଦଙ୍କୁ ସେଇ କାର୍ଯ୍ୟରେ ନିଯୁକ୍ତ କରନ୍ତି । ସେ ଭାବନ୍ତି ଆମେରିକାରେ ଫାର୍ମାସୀ ପଢ଼ିଥିବାରୁ ଏଇ କାର୍ଯ୍ୟ ସେ ଖୁବ୍ ଆରାମ୍‌ରେ ତୁଲାଇ ପାରିବେ ବୋଲି । ସେ ଠିକ୍ ନିଷ୍ପତ୍ତି ନେଇଥିଲେ । ଡାକ୍ତରଖାନାରେ କାମ ସୁରୁଖୁରୁରେ ଚାଲେ । ଡାକ୍ତର ବି ତାଙ୍କ କାମରେ ସନ୍ତୁଷ୍ଟ । ଏଣେ ଜେଲ୍ ଜୀବନର ମାତ୍ରାଧିକ ଯନ୍ତ୍ରଣା ତୁଳନାରେ ଏଥର ଜୀବନ ଟିକିଏ ଆରାମ୍‌ରେ କଟେ ଭାଇ ପରମାନନ୍ଦଙ୍କର । କିନ୍ତୁ ଏଇ ସୁଖର ଅବଧି ଥାଏ ଖୁବ୍ ଅଳ୍ପଦିନର । କର୍ଣ୍ଣେଲ୍ ଡଗ୍‌ଲାସ୍ ଛୁଟି ସରିବା ପରେ ଇଂଲଣ୍ଡରୁ ଫେରି ଡାକ୍ତରଖାନାରେ ଭାଇ ପରମାନନ୍ଦଙ୍କୁ କାମ କରୁଥିବା ଦେଖି ରାଗି ନିଆଁବାଣ୍ ହୋଇଯାଆନ୍ତି । ତାଙ୍କ ବିନା ଅନୁମତିରେ ଏଭଳି ସ୍ଥାନାନ୍ତରଣ କରି ଜଣେ ରାଜବନ୍ଦୀକୁ ଡାକ୍ତରଖାନାର କାମରେ ଲଗାଇବା ଆଦୌ ଉଚିତ୍ ହୋଇନି । କିନ୍ତୁ ଭଲ କାମ କରୁଥିବାରୁ ଡାକ୍ତର ମଧ ପରମାନନ୍ଦଙ୍କ ସପକ୍ଷରେ ମତ ଦିଅନ୍ତି । ହେଲେ ରାଜବନ୍ଦୀକୁ ଅଧିକ ସ୍ୱାଧୀନତା ଦେବାର ଫଳ ଖୁବ୍ ଅଳ୍ପ ଦିନ ଭିତରେ ମିଳିଯାଏ ସେମାନଙ୍କୁ । ଭାଇ ପରମାନନ୍ଦ ତାଙ୍କୁ ମିଳୁଥିବା ସୁବିଧାର ଫାଇଦା ଉଠାଇ ପଞ୍ଜାବର 'ଟ୍ରିବ୍ୟୁନ୍' ନାମକ ସମାଚାର ପତ୍ରକୁ କିଛି ଚିଠି ପଠାଇ ଦେଇଥାନ୍ତି ଯେଉଁଥିରେ ଜେଲ୍‌ର ଅକଥନୀୟ ଯନ୍ତ୍ରଣା ବିଷୟରେ ବିସ୍ତାରରେ ଉଲ୍ଲେଖ କରିଥାନ୍ତି । ତାହା ସେଇ ସମାଚାରପତ୍ରରେ ଛପା ହୋଇଯିବାରୁ ସାରା ଦେଶରେ କଳାପାଣିର କଏଦୀମାନଙ୍କ ପ୍ରତି ସମବେଦନା ଦେଖାଦିଏ । ଇଂରେଜ ସରକାର ପ୍ରମାଦ ଗଣନ୍ତି । ଚିଫ୍ କମିଶନରଙ୍କୁ ଏଇ ସୂଚନା ମିଳିବା ପରେ ସେ ତତ୍‌କ୍ଷଣାତ୍ ଭାଇ ପରମାନନ୍ଦଙ୍କ ନିଯୁକ୍ତିକୁ ରଦ୍ଦ କରି ତାଙ୍କୁ ଜେଲ୍‌ର କାଳ କୋଠରୀରେ ବନ୍ଦ୍ କରିଦେବା ପାଇଁ ଆଦେଶ ଜାରି କରନ୍ତି । ସନ୍ଧ୍ୟା ସମୟରେ ଡାକ୍ତରଖାନାରେ କାର୍ଯ୍ୟବ୍ୟସ୍ତ ଥିବା ସମୟରେ ଜେଲର୍, ହାବିଲ୍‌ଦାର ଓ ଜମାଦାର ତିନିହେଁ ଏକତ୍ର ଆସି ତାଙ୍କର ତଲାସି ନେବା ସହିତ ତାଙ୍କୁ କାରାଗାରରେ ନେଇ ବନ୍ଦ କରିଦିଅନ୍ତି । କିଛିଦିନର ସ୍ୱଚ୍ଛନ୍ଦ ବିଚରଣ ପରେ ପୁଣି କାଳ କୋଠରୀ ଭିତରେ ସମୟ ଅତିବାହିତ କରିବା ତାଙ୍କୁ ଖୁବ୍ କଷ୍ଟକର ମନେହୁଏ ।

ଦିନକୁ ଦିନ ଭାଇ ପରମାନନ୍ଦ ଖୁବ୍ ଉଦାସ ରହିବାକୁ ଲାଗନ୍ତି । ଏମିତି କାରାରୁଦ୍ଧ ହୋଇ କେତେଦିନ ବା ଜଣେ ବଞ୍ଚିପାରିବ ? ଜୀବନର ନିରସତା ତାଙ୍କୁ ମୃତ୍ୟୁ ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ । ଖାଇବା ପିଇବା ତ୍ୟାଗକରି ସେ ଆପଣା ଜୀବନଲୀଳା ସମାପ୍ତ କରିବାକୁ ମନସ୍ଥ କରନ୍ତି । ଏଇ ବିଚାର କାହାକୁ ଡରେଇବା କି ଧମକେଇବା ପାଇଁ ନଥାଏ । ସାତଦିନ ଯାଏଁ ସେମିତି ନଖାଇ ନପିଇ କୋଠରୀ ଭିତରେ ପଡ଼ି ରହନ୍ତି । ପ୍ରଥମ ଦୁଇଦିନ ଭାରି କଷ୍ଟ ହୁଏ । ଗୋଡ଼ ହାତର ଶିରା ପ୍ରଶିରାରେ କ'ଣ ଯେମିତି ଗୋଟେ ଚାଲିଲା ଭଳି ଲାଗେ । ମଣିଷର ସଂକଳ୍ପ ବି ବଡ଼ ବିଚିତ୍ର । ଥରେ ଦୃଢ଼ ନିଷ୍ପତ୍ତି ନେଇଗଲେ ଦୁଃଖ କଷ୍ଟ ସବୁ ତା'ଆଗରେ ତୁଚ୍ଛ ମନେହୁଏ । ଏଇ ସମୟରେ ରାଜବନ୍ଦୀମାନଙ୍କୁ ମୁକ୍ତି ଦେବାକୁ ସରକାର ଚିନ୍ତା କରୁଥିବା କଥା ଶୁଣିବାକୁ ମିଳେ । ସାଥୀମାନେ ଆସି ତାଙ୍କୁ ଏଇ ହଠଧର୍ମିତା ଛାଡ଼ିଦେବାପାଇଁ ବହୁ ପ୍ରକାରେ ବୁଝାନ୍ତି । କିନ୍ତୁ ପରମାନନ୍ଦ ଆପଣା କଥାରେ ଥାଆନ୍ତି ଦୃଢ଼ । ଦୁଇ ଓଳି ଖାଦ୍ୟ ତାଙ୍କ କୋଠରୀ ଭିତରେ ଆଣି ରଖିଦିଆଯାଏ । ଜଣେ ୱାର୍ଡ଼ର ଦିନରାତି ତାଙ୍କୁ ଜଗି ବସିଥାଏ । ସାତ ଆଠଦିନ ଏମିତି ନଖାଇ ନପିଇ ବିତିଯିବା ପରେ ଡାକ୍ତର ଆସି ତାଙ୍କୁ ବଳାତ୍‌ପାନ କରେଇବାକୁ ଚେଷ୍ଟା କରନ୍ତି । ହାତଗୋଡ଼ ବାନ୍ଧିପକାଇ ନାକରେ ରବର ନଳୀ ପୂରାଇ ତହିଁରେ କ୍ଷୀର ଢଳାଯାଏ । ଖୁବ୍ କଷ୍ଟକର ଥାଏ ଏଇ ବଳାତ୍‌ପାନ ପ୍ରକ୍ରିୟା । ପ୍ରାୟ ଆଠ ସପ୍ତାହ ଧରି ଚାଲେ । ପରମାନନ୍ଦ କିନ୍ତୁ ଥାଆନ୍ତି ପୂର୍ବ ଭଳି ଦୃଢ଼ ଆପଣା ନିଷ୍ପତ୍ତିରେ । ତାଙ୍କ ମନ ସଦା ସର୍ବଦା ସଂସାରରୁ ବିମୁଖ ରହିଥାଏ । ପୂର୍ବେ ଲାହୋର ସେଣ୍ଟ୍ରାଲ୍ ଜେଲ୍‌ରେ ପ୍ରାୟ ଦେଢ଼ମାସ ସେ ଫାଶୀ କୋଠରୀରେ ବିତାଇ ସାରିଥାନ୍ତି । ଆଉ ଏବେ ଆଣ୍ଡାମାନ୍‌ରେ ପୁଣି ଆସନ୍ନ ମୃତ୍ୟୁର ପ୍ରସ୍ତୁତି । ତାଙ୍କ ପାଇଁ ଅସୀମ ଆନନ୍ଦର ସମୟ । ମନ ରହିଥାଏ ବିକାରଶୂନ୍ୟ । ନୂଆ ଆସିଥିବା ସୁପରିଂଟେଣ୍ଡେଣ୍ଟ ସବୁବେଳେ କତର୍କ କରି ଏହା ବୁଝାଇବାକୁ ଚାହୁଁଥାନ୍ତି ଯେ ଆତ୍ମହତ୍ୟା କରିବା ମହାପାପ । ତେଣୁ ସେ ଆପଣା ନିଷ୍ପତ୍ତି ବଦଳାଇବା କଥା । ହେଲେ ପରମାନନ୍ଦଙ୍କ ଯୁକ୍ତି ଥାଏ ଭିନ୍ନ । ଶରୀର ତ୍ୟାଗ ପାପ କାହିଁକି ହେବ ଯେ ? ଆର୍ଯ୍ୟ ଜାତିରେ କେତେ କେତେ ଉଦାହରଣ ଅଛି ଏଭଳି କାଷ୍ଠାରେ ରହି ମରଶରୀରକୁ ତ୍ୟାଗ କରିବାର । ନାଶବାନ ଶରୀର ପ୍ରତି ଏତେ ମୋହ କାହିଁକି ଯେ ? ତାଙ୍କୁ ଯୁକ୍ତିରେ ହରାଇବା କାହା ପକ୍ଷରେ ସମ୍ଭବ ହୋଇ ପାରେନି । ଏତିକିବେଳେ କେତେଜଣ ରାଜବନ୍ଦୀଙ୍କ ମୁକ୍ତିର ଖବର ଆସି ପହଞ୍ଚେ । ନିକଟ ଭବିଷ୍ୟତରେ ତାଙ୍କୁ ମଧ କାରଗାରରୁ ମୁକ୍ତି ମିଳିଯିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ସୁପରିଂଟେଣ୍ଡେଣ୍ଟ ଭରସା ଦେବାରୁ ଆସ୍ତେ ଆସ୍ତେ ତାଙ୍କ ମନ ପରିବର୍ତ୍ତନ ହେବାକୁ ଲାଗେ । ଯଦି ଅବସର ମିଳୁଛି ତେବେ ପୁଣିଥରେ ଏଇ ଶରୀରରୁ କିଛି ଲାଭ ଉଠାଇବାର ପ୍ରୟାସ କରାଯାଉ ଭାବି ସେ ଅନ୍ୟମାନଙ୍କ କଥାରେ ରାଜି ହୋଇ ଖାଇବା ପାଇଁ ସ୍ୱୀକୃତି ପ୍ରଦାନ କରନ୍ତି ........ (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଆଲୋଚନା

# ସାହିତ୍ୟ ଓ ମହାକାଶ ବିଜ୍ଞାନ

## ମଣୀନ୍ଦ୍ର ମେହେର



ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ 'ପୃଥିବୀ' ନାମକ ଗ୍ରହଟିରେ ଯେ କେବଳ ଜୀବନର ସତ୍ତା ରହିଛି ଏକଥା ସହଜରେ ବିଶ୍ୱାସ କରାଯାଇ ପାରୁନାହିଁ । ମଣିଷର ଜିଜ୍ଞାସା ହେଉଛି ସୀମାହୀନ । ମହାକାଶ ବିଜ୍ଞାନୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ନିରୀକ୍ଷଣ କରିଚାଲିଛନ୍ତି ମହାକାଶର ଅନନ୍ତ ରହସ୍ୟକୁ । ଆମର ସୌରମଣ୍ଡଳ ସମ୍ପର୍କରେ ବୈଜ୍ଞାନିକମାନଙ୍କ ବିସ୍ତୃତ ଜ୍ଞାନ ରହିଛି ନିଶ୍ଚୟ । ପୃଥିବୀ ବ୍ୟତୀତ ଏ ମଣ୍ଡଳରେ ଅନ୍ୟ କୌଣସି ସ୍ଥାନରେ ଜୀବନର ଅଭିବ୍ୟକ୍ତି ଯେ ନାହିଁ ଏହା ସେମାନେ ପ୍ରମାଣସହ ପ୍ରଦର୍ଶନ କରି ସାରିଛନ୍ତି । କେଉଁ କେଉଁ ଦୃଷ୍ଟିରୁ ଚନ୍ଦ୍ର ବା ମଙ୍ଗଳ ଗ୍ରହରେ ଜୀବନର ବିକାଶ ସମ୍ଭବପର ତାହା ମଧ୍ୟ ନୂତନ ନୂତନ ଗବେଷଣା ଦ୍ୱାରା ପ୍ରମାଣ କରାଯାଇ ସାରିଛି । ଚନ୍ଦ୍ର ଓ ମଙ୍ଗଳ ଗ୍ରହ ମଣିଷ ନିମିତ୍ତ ବାସଉପଯୋଗୀ ହୋଇ ପାରିବାର ସମ୍ଭାବନା ଥିବାରୁ ସେଠି ଜମି-ବିକ୍ରୟ ମଧ୍ୟ ଆରମ୍ଭ ହୋଇଯାଇଛି । ଅନେକ ଧନାଢ଼୍ୟ ବ୍ୟକ୍ତି ସେଥିପାଇଁ ବିପୁଳ ଅର୍ଥ ବ୍ୟୟ କରି ଜମିକ୍ରୟ କରିବାର ମହାନନ୍ଦ ମଧ୍ୟ ପ୍ରାପ୍ତ ହୋଇସାରିଲେଣି । ଆମର ଏହି ପ୍ରିୟ ପୃଥିବୀ ଧୀରେ ଧୀରେ କିପରି ପ୍ରଦୂଷିତ ହୋଇଯାଉଛି ତାହା କାହାରିକୁ ଅଜଣା ନୁହେଁ । ପୃଥିବୀର ପରିବେଶକୁ କଲୁଷ-ମୁକ୍ତ କରିବାର ନିଷ୍ଠାପର ଉଦ୍ୟମ କରାଯାଇନପାରି ଚନ୍ଦ୍ର ବା ମଙ୍ଗଳରେ ମଣିଷ ବସବାସ କରିପାରିବ ବୋଲି ଯେପରି ନୂତନ ସମ୍ଭାବନା ସୃଷ୍ଟି କରାଯାଉଛି ତାହା କେତେଦୂର ବିବେକାନୁମୋଦିତ ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନବାଚୀ ।

ତେବେ ସେ ଯାହା ହେଉନା କାହିଁକି ମହାକାଶର ରହସ୍ୟକୁ ଭେଦ କରିବା ପାଇଁ ବୈଜ୍ଞାନିକମାନଙ୍କ ଉଦ୍ୟମର ଅନ୍ତଃ ନାହିଁ । 'ଉଡ଼ନ୍ତାଥାଳିଆ' ସଂପର୍କରେ ଅନେକ ବର୍ଷଧରି ସମ୍ବାଦପତ୍ର ଓ ବିଭିନ୍ନ ପତ୍ରିକାରେ ଅନେକ ପ୍ରାମାଣିକ ଲେଖା ପ୍ରକାଶ ପାଇ ସାରିଛି । ଏକ ଥାଳି ଆକାରର ଅଦ୍ଭୁତ ଯନ୍ତ୍ର କିପରି ଦୃଶ୍ୟମାନ ହେଉଛି ଓ ପୁଣି କୁହୁକ ଦୁନିଆର କୁହେଳିକା ପରି ପୁନଶ୍ଚ ଅଦୃଶ୍ୟ ହୋଇଯାଉଛି ତାହା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିରଖିଛି । ପୃଥିବୀ ବାହାରେ ଅନ୍ତରୀକ୍ଷ ମଧ୍ୟରେ କୌଣସି ନା କୌଣସି ଏକ ଗ୍ରହରେ ମଣିଷଠାରୁ ଆହୁରି ବିକଶିତ ଏକ ସଭ୍ୟତା ରହିଛି ବୋଲି ଅନୁମାନ କରାଯାଉଛି ଏହାଦ୍ୱାରା । ଯେଉଁ ଜୀବ-ସତ୍ତା ଏହି ଉଡ଼ନ୍ତା ଥାଳିଆ ସଦୃଶ ଉନ୍ନତତର ଯାନ ଜରିଆରେ ଯିବା ଆସିବା କରୁଛନ୍ତି ସେମାନଙ୍କୁ 'ଏଲିଅନ୍' ବୋଲି କୁହାଯାଉଛି । ଏପରି ବିଷୟବସ୍ତୁକୁ କେନ୍ଦ୍ରକରି ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହେଉଛି, ଯାହା ଦର୍ଶକମାନଙ୍କୁ ପ୍ରଦାନ କରୁଛି ଆଶ୍ଚର୍ଯ୍ୟଜନକ ଅନୁଭୂତି । ଏହି ଏଲିଅନମାନେ କାହିଁକି ପୃଥିବୀ ପୃଷ୍ଠକୁ ଆସୁଛନ୍ତି ଓ କାହିଁକି ପୁଣି ତୀବ୍ର ଗତିରେ ଅଦୃଶ୍ୟ ହୋଇଯାଉଛନ୍ତି ତାହା ବୈଜ୍ଞାନିକମାନଙ୍କୁ ଚକିତ କରି ଆସୁଛି ବାରମ୍ବାର । ବର୍ତ୍ତମାନ ମହାକାଶ ବିଜ୍ଞାନୀମାନେ ଏକଥା ସ୍ୱୀକାର କରିବାକୁ କୁଣ୍ଠିତ ନୁହନ୍ତି ଯେ ଆମ ସୌର ମଣ୍ଡଳ ପରି ଆହୁରି ଅନେକ ସୌର ମଣ୍ଡଳର ଅବସ୍ଥିତି ଅସମ୍ଭବ ନୁହେଁ । ସେମାନଙ୍କ କହିବା କଥା ହେଲା ଏହି ଅଚିନ୍ତନୀୟ ବିଶ୍ୱ ବ୍ରହ୍ମାଣ୍ଡରେ ଆହୁରି ଅନେକ ସୂର୍ଯ୍ୟଙ୍କର ବାସ୍ତବତା ଅବିଶ୍ୱାସ ଯୋଗ୍ୟ ନୁହେଁ । ଟେଲିସ୍କୋପ ମାଧ୍ୟମରେ ବୈଜ୍ଞାନିକମାନଙ୍କ ଦୃଷ୍ଟିଶକ୍ତି ଯେତେଦୂର ପର୍ଯ୍ୟନ୍ତ ନିରୀକ୍ଷଣ କରିପାରୁଛି ତା' ମଧ୍ୟରେ ଏହି ଏକାଧିକ ସୌରମଣ୍ଡଳର ରହସ୍ୟକୁ ଉନ୍ମୋଚନ କରିବା ସମ୍ଭବ ହେଉନାହିଁ ।

ଏସବୁ ଘଟଣା ନିଶ୍ଚୟ ଏକ ଭିନ୍ନ ସ୍ତରର ସତ୍ୟକୁ ସ୍ୱୀକାର କରୁଛି, ଯାହା ମଣିଷ ବ୍ୟତୀତ ନିଶ୍ଚୟ କୌଣସି ନା କୌଣସି ସ୍ଥାନରେ ଉନ୍ନତତର ଜୀବସତ୍ତାର ଅବସ୍ଥିତି ସଂକେତାତ୍ମକ ଭାବରେ ଅଭିବ୍ୟକ୍ତ ହୋଇଉଠୁଛି । ବାସ୍ତବରେ ଏହି ଅଚିନ୍ତନୀୟ ବିଶ୍ୱବ୍ରହ୍ମାଣ୍ଡ ସଂପର୍କରେ ଚିନ୍ତାକଲେ ସାଧାରଣ ମଣିଷଟିଏ ମଧ୍ୟ ଏହା ଅନୁଭବ କରିପାରିବ ଯେ ଏ ପୃଥିବୀ କେବଳ ଏକମାତ୍ର ସ୍ଥାନ ନୁହେଁ ଯେଉଁଠି ଜୀବନର ବିକାଶ ସଂସାଧିତ ହୋଇପାରିଛି କେବଳ । ଅନ୍ୟ କୌଣସି ନା କୌଣସି ଅଦୃଶ୍ୟ ଜଗତରେ ଯେ ମାନୋବୋତ୍ତର ଜୀବନଧାରା ବିକଶିତ ଓ ସମୃଦ୍ଧ, ଏହାକୁ ଅସ୍ୱୀକାର କରାଯାଇ ପାରୁନାହିଁ । ସଂପ୍ରତି ଜିଜ୍ଞାସାର ଓ ଅନୁସନ୍ଧାନର ଯେଉଁ ଦ୍ୱାରଦେଶରେ ମଣିଷ ଉପସ୍ଥିତ ସେ ଆଉ ପଶ୍ଚାତ୍‌ଗାମୀ ହେବା ସମ୍ଭବ ନୁହେଁ କିମ୍ବା ଶୋଭନୀୟ ମଧ୍ୟ ହୋଇପାରେନା । ଅଜଣା ଜାଣିବାର ଆଗ୍ରହ ମଣିଷ ଭିତରେ ପ୍ରଥମରୁ ହିଁ ବିଦ୍ୟମାନ । ଏହି ଅନୁସନ୍ଧାନର ଧାରା ଏଣୁ ଅବ୍ୟାହତ ରହିବ ନିଶ୍ଚିତ ଭାବରେ । ଆମେରିକା ବା ଋଷିଆ ପରି ସୁବିକଶିତ ରାଷ୍ଟ୍ରରେ ଏ ସଂପର୍କୀତ ଗବେଷଣାକୁ ଯେପରି ପ୍ରାଧାନ୍ୟ ଦିଆଯାଇଛି ତାହା ନିଶ୍ଚୟ ସତ୍ୟ ଆବିଷ୍କାର ଦିଗରେ ଏକ ଏକ କ୍ରାନ୍ତିକାରୀ ପଦକ୍ଷେପ ।

କବି ଲେଖକମାନେ ଏପରି ଜଗତର ପ୍ରକୃତ ଅବସ୍ଥିତିକୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି ନାହିଁ । ବୈଜ୍ଞାନିକମାନେ ଦୃଶ୍ୟମାନ ପ୍ରାମାଣିକତା ଉପରେ ଆସ୍ଥାଶୀଳ ଥିବା ବେଳେ ସାହିତ୍ୟ ଶିଳ୍ପୀମାନେ ଅଦୃଶ୍ୟଜଗତର ବାସ୍ତବତାକୁ ସହଜରେ ବିଶ୍ୱାସ କରିନେଇ ପାରନ୍ତି । ବୈଜ୍ଞାନିକ ଯନ୍ତ୍ରାଂଶ ସାହାଯ୍ୟରେ ମହାକାଶକୁ ନିରୀକ୍ଷଣ କରିବା ବେଳେ ସାହିତ୍ୟ ସ୍ରଷ୍ଟା ନିଜସ୍ୱ ଅନ୍ତର୍ଦୃଷ୍ଟି ଓ ତୀକ୍ଷ୍ଣ କଳ୍ପନା ଶକ୍ତି ବଳରେ ମହାକାଶରେ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିଥାଏ । ଭଗବାନ ମଣିଷକୁ ଯେଉଁ କଳ୍ପନାଶକ୍ତି ଦାନ କରିଛନ୍ତି ତାହାର ବ୍ୟବହାର ସବୁଠାରୁ ଯଦି କିଏ ଉପଯୁକ୍ତ ଭାବରେ କରିପାରେ ସେ ହେଉଛି ସାହିତ୍ୟଶିଳ୍ପୀ ବା କଳାକାର । ଏହି କାରଣରୁ 'ଏଲିଅନ'ର ପୃଥିବୀ ଉପରେ ପଦାର୍ପଣକୁ ନେଇ ସୃଷ୍ଟି ହୋଇସାରିଛି ଆକର୍ଷଣୀୟ ଚଳଚ୍ଚିତ୍ର । ବୈଜ୍ଞାନିକଙ୍କର ଯେ କଳ୍ପନା କରିପାରିବାର ସାମର୍ଥ୍ୟ ନାହିଁ, ଏ କଥା ମଧ୍ୟ କଦାପି କୁହାଯାଇ ପାରିବ ନାହିଁ । କାରଣ ଆଜି ଗବେଷଣାର ଯେଉଁ ସ୍ତରକୁ ବୈଜ୍ଞାନିକମାନେ ଉପନୀତ ହୋଇପାରିଛନ୍ତି ତାହାର ମୂଳ ପ୍ରେରଣା ହେଲା ସେଇ 'କଳ୍ପନା' । ପ୍ରଥମେ କଳ୍ପନା ଓ ତା' ପରେ ସତ୍ୟାନୁସନ୍ଧାନର ପ୍ରୟାସ ସମ୍ଭବ ହୋଇଥାଏ । କଳ୍ପନା ବ୍ୟତିରେକେ ବିଜ୍ଞାନର ବିକାଶ ଅକଳ୍ପନୀୟ । ସାହିତ୍ୟ ଶିଳ୍ପୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଯେଉଁ ସୂକ୍ଷ୍ମ ପ୍ରଭେଦ ରହିଛି ତାହା ହେଲା ମନର ଡେଣାରେ ସାହିତ୍ୟିକ ବିଶ୍ୱ ବ୍ରହ୍ମାଣ୍ଡ ଭ୍ରମଣ କରିବାରେ ସମର୍ଥ ହୋଇଥିବା ବେଳେ, ବୈଜ୍ଞାନିକମାନେ ଯାହା କଳ୍ପନା କରିଛନ୍ତି ତାହାର ବାସ୍ତବତାକୁ ସମସ୍ତଙ୍କ ଆଗରେ ପ୍ରମାଣିତ କରିଦେବା ପାଇଁ ବ୍ୟାକୁଳ । ଏହା ମଧ୍ୟରେ ଆଉ ଏକ ସୂକ୍ଷ୍ମତର ସତ୍ୟକୁ ଅସ୍ୱୀକାର କରାଯାଇ ପାରିବ ନାହିଁ, ତାହାହେଲା ବୈଜ୍ଞାନିକ ସାହିତ୍ୟିକମାନଙ୍କ ଆତ୍ମୀକ ସାମଞ୍ଜସ୍ୟର ସୌନ୍ଦର୍ଯ୍ୟ । ସାହିତ୍ୟ ଶିଳ୍ପୀର ଆତ୍ମାରେ ଯେଉଁ ସୂକ୍ଷ୍ମ ଦୃଷ୍ଟି ଅନ୍ତର୍ଗୁମ୍ଫିତ ତାହା ବୈଜ୍ଞାନିକମାନଙ୍କ ଅଜାଣତରେ ମଧ୍ୟ ସେମାନଙ୍କ ମଧ୍ୟରେ ସର୍ବଦା କ୍ରିୟାଶୀଳ, ତେଣୁ ଉଭୟଙ୍କ ଆତ୍ମୀକ ସତ୍ତା ଅନ୍ତରାଳରେ ସତ୍ୟାନୁସନ୍ଧାନର ଯେଉଁ ଅମିତ ଆବେଗ ପରିପୂର୍ଣ୍ଣ ହୋଇ ରହିଛି ତାହାକୁ ଭିନ୍ନ ଭିନ୍ନ କରି ବିଚାର କରିବା ସମ୍ଭବ ହୋଇନପାରେ ।

ମହାକାଶ ବିଜ୍ଞାନୀ ବୃନ୍ଦ ଯେଉଁ ନିଗୂଢ଼ ବାସ୍ତବତାର ସନ୍ଧାନ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ସାହିତ୍ୟ ଶିଳ୍ପୀ ମଧ୍ୟ ସେହିପରି ଅଦୃଶ୍ୟର ମହିମାକୁ ଉପଲବ୍ଧି କରିବା ସକାଶେ ଆପଣାକୁ ସମର୍ପିତ କରି ରଖିଛନ୍ତି । ବିଜ୍ଞାନର ଅନୁସନ୍ଧାନ ଓ ପରୀକ୍ଷଣକୁ ଅବଲମ୍ବନ କରି ଯେଉଁ ସାହିତ୍ୟ ରଚିତ ହୋଇଛି ତାହାକୁ ଆମେ 'ବୈଜ୍ଞାନିକ ସାହିତ୍ୟ' ବୋଲି ଅବିହିତ କରିସାରିଛୁ । ତେବେ ବୈଜ୍ଞାନିକଙ୍କ କଳ୍ପନାକୁ ଭିତ୍ତିକରି ସାହିତ୍ୟ ଶିଳ୍ପୀମାନେ ଯେଉଁ ପରିମାଣରେ ମହାକାଶର ଅସୀମ ରହସ୍ୟକୁ ଉନ୍ମୋଚନ କରିଦେବାରେ ନିଜର କଳ୍ପନା ସାମର୍ଥ୍ୟକୁ ପ୍ରୟୋଗ କରିପାରିବାର ସମ୍ଭାବନା ରହିଛି ସେତିକି ପରିମାଣରେ ସାହିତ୍ୟରେ ପ୍ରୟୋଗ ଓ ପରୀକ୍ଷା ହୋଇପାରି ନାହିଁ । ଏକଥା ଏକାନ୍ତ ଭାବରେ ସତ୍ୟ ଯେ ସାହିତ୍ୟିକ ନିମନ୍ତେ ଏ ପ୍ରିୟ ପୃଥିବୀଟି ଅନନ୍ୟ । ସେଥିପାଇଁ ପୃଥିବୀ ପ୍ରତି ମମତା ସୃଷ୍ଟି କରିପାରୁଥିବା ସାହିତ୍ୟର ବିକାଶ ଘଟି ପାରିଛି ଆଶାତୀତ ଭାବରେ । ବିଶିଷ୍ଟ ବିଜ୍ଞାନ ସାହିତ୍ୟର ବିକାଶ ଘଟି ପାରିଛି ଆଶାତୀତ ଭାବରେ । ବିଶିଷ୍ଟ ବିଜ୍ଞାନ ସାହିତ୍ୟର ସ୍ରଷ୍ଟା ଗୋକୁଳାନନ୍ଦ ମହାପାତ୍ର ତାଙ୍କର ଏକ ସୃଷ୍ଟିରେ ଦର୍ଶାଇ ଦେଇଛନ୍ତି ଯେ ଏକ ବୈଜ୍ଞାନକ ଦଳ ଜୀବନର ସନ୍ଧାନ ସକାଶେ ଯାତ୍ରା କରୁଛନ୍ତି ଅନ୍ତରୀକ୍ଷ ଉଦ୍ଦେଶ୍ୟରେ । ସମଗ୍ର ବିଶ୍ୱ ପରିଭ୍ରମଣ କରିସାରିବା ପରେ ମଧ୍ୟ ସେମାନେ କେଉଁଠି ହେଲେ ଜୀବନର ସତ୍ତା ଲକ୍ଷ୍ୟ କରିପାରି ନାହାନ୍ତି । ନିଜର ପ୍ରିୟ ପୃଥିବୀକୁ ସେମାନେ ପ୍ରତ୍ୟାବର୍ତ୍ତନ କରିବା ବେଳେ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିଛନ୍ତି ଯେ ପୃଥିବୀବାସୀଙ୍କୁ ସେମାନେ କି ବାର୍ତ୍ତା ବା ସନ୍ଦେଶ ପ୍ରଦାନ କରିବେ । ସେମାନେ ସମସ୍ତେ ଏହି ଚୂଡ଼ାନ୍ତ ନିଷ୍ପତ୍ତିରେ ଉପନୀତ ହୋଇଛନ୍ତି ଯେ- ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ହେଉଛି ଅତୁଳନୀୟ । ତେଣୁ ହେ ପୃଥିବୀବାସୀ ପ୍ରିୟ ଭାଇ ଓ ଭଉଣୀମାନେ ଚାଲନ୍ତୁ ଆମର ଏହି କ୍ଷୁଦ୍ର ପୃଥିବୀଟିକୁ ଅଧିକ ସୌନ୍ଦର୍ଯ୍ୟମୟ କରି ଆମେ ଗଢ଼ିବା । ଏହି ମହାନ ସନ୍ଦେଶ ଦେବାକୁ ସେମାନେ କେତେବେଳେ ପୃଥିବୀ ପୃଷ୍ଠରେ ଅବତରଣ କରିବା ପାଇଁ ଚାହୁଁଛନ୍ତି ସେତେବେଳେ ଦେଖିପାରିଛନ୍ତି ଯେ ସେମାନଙ୍କ ଅତିପ୍ରିୟ ପୃଥିବୀଟି ବିଧ୍ୱସ୍ତ ହୋଇସାରିଛି । ଏପରି ସାହିତ୍ୟ ସର୍ଜନା ଦ୍ୱାରା ପରମାଣୁ ଅସ୍ତ୍ର ପ୍ରତିଯୋଗିତାରେ ପୃଥିବୀ ଧ୍ୱଂସପ୍ରାପ୍ତ ହୋଇନଯାଉ ଏ ଚେତାବନୀ ଶୁଣାଇଦେବାକୁ ଚାହିଁଛନ୍ତି ସାହିତ୍ୟ ସ୍ରଷ୍ଟା । ଏପରି ଅନ୍ତର୍ଭେଦୀ ବାର୍ତ୍ତାର ବାସ୍ତବିକ ତୁଳନା ନାହିଁ ଓ ଆମେ ମହାକାଶ ଅଭିମୁଖୀ ନ ହୋଇ ବରଂ ଆମର ସୁନ୍ଦରତମ ପୃଥିବୀଟିକୁ ସବୁପ୍ରକାରର ଆପଦବିପଦଠାରୁ ରକ୍ଷା କରିପାରିବା ହେଉଛି ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ଦାୟିତ୍ୱ ।

ଏହି ମହାନ ବାର୍ତ୍ତାର ସଦୁପଯୋଗ କରିବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଏ ବିଶ୍ୱବ୍ରହ୍ମାଣ୍ଡରେ ଯେଉଁଠି ଜୀବନର ଅବସ୍ଥିତି ଥାଉ ନା କାହିଁକି ଆମେ ପୃଥିବୀକୁ ଧ୍ୱଂସାଭିମୁଖୀ କରି ମହାକାଶ ଅଭିମୁଖୀ ହେବା ଆଦୌ ମନୁଷ୍ୟତ୍ୱର ପରିଚାୟକ ହୋଇ ନପାରେ । ପ୍ରଥମେ ପୃଥିବୀର ସୁରକ୍ଷା ଓ ତା'ପରେ ମହାକାଶ ମଧ୍ୟକୁ ଦୃଷ୍ଟି ନିକ୍ଷେପର ଯଥାର୍ଥତା ରହିଛି । ତେଣୁ ଆଜିର ଆହ୍ୱାନ ହେଉଛି ପୃଥିବୀର ପରିବେଶକୁ ମନୁଷ୍ୟ ବାସୋପଯୋଗୀ କରିରଖିବା ପାଇଁ ପ୍ରଥମେ ଆନ୍ତରିକ ଉଦ୍ୟମ କରିବା ଓ ଏହା ସହିତ ରହସ୍ୟପୂର୍ଣ୍ଣ ମହାକାଶରେ ଜୀବନର ସଂଧାନ ସକାଶେ ନିଷ୍ଠା ପ୍ରକଟ କରିବା । ପୃଥିବୀ ଯଦି ସୁନ୍ଦର ଓ ସୌହାଦ୍ୟପୂର୍ଣ୍ଣ ହୋଇ ରହିବ ନାହିଁ ତା' ହେଲେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଗବେଷଣାର କୌଣସି ଅର୍ଥ ମଧ୍ୟ ଅନୁଭବ କରିବା ସମ୍ଭବ ନୁହେଁ । ପୃଥିବୀ ସୁରକ୍ଷିତ ଥିଲେ ସିନା ଅନ୍ତରୀକ୍ଷର ରହସ୍ୟମୟ ଜଗତକୁ ଯାତ୍ରା କରିବାରେ ରହିଛି ପରମାନନ୍ଦ । ଯଦି ଅନ୍ୟ କୌଣସି ସ୍ଥଳରେ ଜୀବନର ସତ୍ତା ବିଦ୍ୟମାନ ଓ ଏଲିଅନ ପରି ଦିବ୍ୟ ଶକ୍ତି ଧାରଣକ୍ଷମ ଜୀବସତ୍ତାର ଏ ପୃଥିବୀକୁ ଆଗମନ ବାସ୍ତବ, ତା'ହେଲେ ପୃଥିବୀ ସୌନ୍ଦର୍ଯ୍ୟମୟ ହୋଇ ରହିଥିଲେ ସିନା ଏଲିଅନମାନେ ଏହାକୁ ଦେଖି ହେବେ ଆହ୍ଲାଦିତ । ଆମେ ଯେମିତି ବିଶ୍ୱ ବ୍ରହ୍ମାଣ୍ଡରେ ଜୀବନର ସତ୍ତା ଅନ୍ୱେଷଣ କରିବା ପାଇଁ ବ୍ୟାକୁଳ ସେପରି ଅନୁସନ୍ଧାନ ଦ୍ୱାରା ହିଁ ଏଲିଅନମାନଙ୍କ ଆଗମନ ପୃଥିବୀକୁ ଘଟିଥିବା ସମ୍ଭବ । ସେମାନେ କୌଣସି ଅସତ୍ ଉଦ୍ଦେଶ୍ୟ ନେଇ ପୃଥିବୀ ପୃଷ୍ଠକୁ ଆସିଥିବେ ଏପରି ଆଶଙ୍କା ଆମେ କରିବାକୁ ଯିବା କାହିଁକି ? ହୁଏତ ସେମାନେ ମନୁଷ୍ୟ ଜାତିର ଅଗ୍ରଗତି ସକାଶେ କୌଣସି ଶୁଭଙ୍କର ଶକ୍ତି ଏଠାରେ ପ୍ରୋଥିତ କରିବା ଲକ୍ଷ୍ୟରେ ଆସୁଥାଇ ପାରନ୍ତି ! ଯଦି ପୃଥିବୀ ଧ୍ୱଂସାଭିମୁଖୀ ହେବ ତେବେ ଏଲିଅନମାନଙ୍କ ମହାନ ଆଶା ମଧ୍ୟ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ । ଏସବୁ କାରଣରୁ ଆମେ ପୃଥିବୀକୁ ଅମାପ ପ୍ରେମରେ ଭରିଦେବାର ଯଥାର୍ଥ୍ୟ ଯେପରି ରହିଛି ଠିକ୍ ସେହିପରି ମହାକାଶ ସଂପର୍କରେ ଆମର ଅସୀମ ଆଗ୍ରହକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତା ମଧ୍ୟ ନିଶ୍ଚୟ ଯେ ରହିଛି ଏହାକୁ ଅସ୍ୱୀକାର କରାଯାଇ ନପାରେ । ସାହିତ୍ୟସ୍ରଷ୍ଟା ଓ ମହାକାଶ ବିଜ୍ଞାନୀମାନେ ଏହି ମହାନ ଆବଶ୍ୟକତାକୁ ଦୃଷ୍ଟି ସମକ୍ଷରେ ରଖି ସାହିତ୍ୟ ଓ ମହାକାଶ ବିଜ୍ଞାନ ଜଗତକୁ ଯେତିକି ସମୃଦ୍ଧଶାଳୀ କରିପାରିବେ ତାହା ସମସ୍ତଙ୍କ ପାଇଁ ହେବ ସେତିକି କଲ୍ୟାଣକର ।

ପ୍ରଫେସର ଓ ବିଭାଗମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,(ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯

ସ୍ମୃତି ଶତଦଳ ୨୪୩

# ଜୀବନ ଜୀଇଁବାର କଳା



## ଡା. ସରୋଜିନୀ ଷଡଙ୍ଗୀ

♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନ ଜୀଇଁବାର କଳା ଅନନ୍ୟ । କିନ୍ତୁ ଏ କଳା ସମସ୍ତଙ୍କୁ ଜଣା ନଥାଏ । ଜୀବନ ଯେ ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦ, କଷ୍ଟ, କ୍ଲେଶ, ଯନ୍ତ୍ରଣା, ସ୍ୱପ୍ନ ଓ କଳ୍ପନା ସହ ଜାଗତିକ ଅନୁଭୂତିର ଏକ ସୂକ୍ଷ୍ମ ସମାହାର ଏକଥା କେତେଜଣ ଅନୁଭବ ବା' କରିପାରନ୍ତି ? ଜୀବନର ଅନେକ ପରମ ପ୍ରାପ୍ତି ଭିତରେ ନିଜକୁ ସେମାନେ ଏତେ ମାତ୍ରାରେ ହଜାଇ ଦିଅନ୍ତି ଯେ, ମାତ୍ର ଥରଟିଏ ଅପ୍ରାପ୍ତି ଭିତରେ ମଧ୍ୟ ଅଣନିଃଶ୍ୱାସୀ ହୋଇପଡନ୍ତି । ବାରଂବାର ପ୍ରଭୁଙ୍କ ଆଗରେ ଦୁଃଖରେ ଗୁହାରି କରି କୁହନ୍ତି 'ପ୍ରଭୁ ମୋ ବେଳକୁ କାହିଁକି କରୁଣା ଉଣା କଲ ? ମତେ କାହିଁକି ଏତେ ଦୁଃଖ ଦେଲ ?' ପାନରୁ ଚୂନ ଖସିଗଲେ ବି ଅସ୍ଥିର ହୋଇପଡନ୍ତି ଏବଂ ଧୈର୍ଯ୍ୟ ହରାଇ କହନ୍ତି- 'କେବଳ ମୋ କ୍ଷେତ୍ରରେ ହିଁ ଏଇଆ ସବୁବେଳେ ଘଟୁଛି । ସାରା ପୃଥିବୀରେ ଆଉ କାହାକୁ ପାଇଲନି ପ୍ରଭୁ ମତେ ହିଁ ସବୁ ଦୁଃଖ ଦେଇଦେଲ ।' ଯେତେବେଳେ କଥାପଦେ କହିଲେ ବି ପଚାରିଲେ ବି ମୁହଁ ଶୁଖେଇ ତାର ଜବାବ ଦିଅନ୍ତି । 'କେମିତି ଅଛ କହିଲେ ଦୁଃଖପୂର୍ଣ୍ଣ ଉତ୍ତରଟିଏ ମିଳେ, 'ଆଦୌ ଭଲ ନାହିଁ । ମୋର ଏମିତି ଦେହ ଖରାପ ହେଲା ଯେ, ସେ ଭଳି ଅବସ୍ଥା ଆଉ କାହାକୁ ପ୍ରଭୁ ଦେଇନଥିବେ ।' ଆମେ ଖୁବ୍ ଛୋଟ ଛୋଟ ଆନନ୍ଦକୁ ସହଜରେ ଗ୍ରହଣ କରି ପାରୁନି ଅଥଚ ଏଇ ଜୀବନରେ ଠାକୁର ଆମକୁ ଜନ୍ମରୁ ଆଜିଯାଏଁ କେତେକେତେ ଅନୁଗ୍ରହ କରି ନାହାନ୍ତି । ଏଥିପାଇଁ ଲେଖିଥିବା କବିତାଟିଏ ମୋର ମନେପଡେ' କିଏ କହେ ପୃଥିବୀରେ ଏତେ ଦୁଃଖ ଥାଏ, କିଏ କହେ କ୍ଲେଶରେ, କଷ୍ଟରେ ଏ ଜୀବନ ସବୁଦିନ ଲୁହରେ ବତୁରେ ?'

ସେଥିପାଇଁ ଆମ ଭିତରେ ଏକ ମୁଗ୍ଧ ଅନୁଭବ ସୃଷ୍ଟି ହେବା ଦରକାର । ପ୍ରତ୍ୟେକଟି ଛୋଟ ଛୋଟ ଖୁସି ମିଳିବାର ମୁହୂର୍ତ୍ତକୁ, ନିର୍ମଳ ଆନନ୍ଦ ଆହରଣର ସମୟକୁ ବାନ୍ଧିରଖିବା ଦରକାର । ଅନ୍ୟପାଇଁ କିଛି କାମ କରିପାରିଲେ ବା' ଅନ୍ୟକୁ ଆମେ କିଛି ଖୁସିର ଉପାଦାନ ଯୋଗାଇ ପାରିଲେ, ଆମ ଜୀବନ ଧନ୍ୟ ହୋଇଯାଏ । ଆଜିକାଲି ଟଙ୍କା, ଧନ, ରତ୍ନ, ଅଳଙ୍କାର ନୁହେଁ କିଏ ଯଦି କାହା ପାଇଁ ନିରୋଳା ସମୟ ଟିକକ ଦେଇ ପାରିଲ, କିଏ ଯଦି କାହାକୁ ଭଲ ପାଇବାର ସ୍ୱରଟିଏ ଶୁଣାଇ ପାରିଲା ତାହା ହିଁ ସର୍ବୋତ୍ତମ ଦାନ ଓ ସର୍ବୋତ୍ତମ ସମର୍ପଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ପଦିଏ ଭଲ କଥା, ଧାରେ ଅମୃତ ବୋଳା ହସ ସବୁ ଅସହଜକୁ ସହଜ କରିଦିଏ, ସବୁ କରୁଣ ସ୍ୱରକୁ ମଧୁର କରିଦିଏ । ଜୀବନରେ କୌଣସି ସମସ୍ୟା ଆସିଲେ ଆମେ ତାକୁ ଭ୍ରୂକୁଂଚନର ସହ ଗ୍ରହଣ କରୁ । ଅଧିକାଂଶ ବ୍ୟକ୍ତି ସାଧାରଣ କଥା କହୁ କହୁ ମଧ୍ୟ ଦୁଇଟି ଯାକ ଭ୍ରୁରୁ କପାଳରେ ଥୋଇ କଥା କହନ୍ତି । ଏ ସବୁ ଦେଖିଲେ ମନରେ ତ' ଯାହା ବିରକ୍ତି ସୃଷ୍ଟି ହୁଏ, ତା ଛଡା ଭ୍ରୁରୁ କୁଂଚାଉଥିବା ମଣିଷଟିର ବି କପାଳରେ କୁଂଚିତ ରେଖା ପଡିଯାଏ । ଯେକୌଣସି କଥା କହିଲେ ମଧ୍ୟ ଭ୍ରୂକୁଂଚନ ହୋଇଯାଏ । ଆମ ପିଲାମାନେ ଛୋଟ ଥିଲାବେଳେ ଆମେ ତାଙ୍କର ବହୁତ କିଛି ଚାହିଦାକୁ ବ୍ୟସ୍ତରହୁ ଥିବାର ଦ୍ୱାହି ଦେଇ ଏଡେଇ ଦେଇଛେ, ତାଙ୍କୁ ସମୟ ଦେଇ ପାରିନେ, ଯାହା ପରିପୂର୍ଣ୍ଣ ବୟସରେ ଆମ ପାଇଁ ଅନୁତାପର ବହ୍ନି ପାଲଟି ଯାଇଛି । ଯେତେବେଳେ ପିଲାମାନେ ଆତୁର ହୋଇଛନ୍ତି, ଆମେ ସମୟ ଦେଇନେ । ଆମେ ଆମ ବାପା ମା'ଙ୍କ ପାଇଁ ମଧ୍ୟ ଉପଯୁକ୍ତ ସମୟ ଦେଇ ପାରି ନାହୁଁ, ତାଙ୍କ ରୋଗାକ୍ରାନ୍ତ ଶରୀର ପାଖରେ ବେଶୀକ୍ଷଣ ବସି ତାଙ୍କୁ ସେବା ଯୋଗାଇ ଦେଇ ପାରିନାହୁଁ, ତେବେ ଶ୍ରାଦ୍ଧରେ ଘଣ୍ଟା ଘଣ୍ଟା ସମୟ ଦେଇ ଲାଭ କ'ଣ ?

ଜୀବନରେ ଅନେକ ଜିନିଷ ଆମେ ହାତ ପାଖରେ ଥାଇ ହରାଇ ଦେଇଛେ, ସମସ୍ତଙ୍କୁ ସେବା କରିବାର ମହାନ ସୁଯୋଗ ସବୁ ଛାଡି ଦେଇଛେ ଯାହା ପରବର୍ତ୍ତୀ ସମୟରେ ଆଉ କେବେହେଲେ ମିଳିନଥାଏ, ଅନୁତାପର ଅନଳରେ ଜଳିଜଳି ସେମାନଙ୍କୁ ଖୋଜିଲେ ବି ଇଥରର ତରଙ୍ଗରେ ସେମାନଙ୍କର ସ୍ୱର ଶୁଣାଯାଏ ସିନା ସେମାନେ ଫେରନ୍ତିନି । ପିଲାମାନେ ନିଜ ନିଜ କାମରେ ବାଇ ଚଢେଇ ବସା ଛାଡି ଫୁରଫାର ଉଡିଯାଆନ୍ତି । ଅସଲ କଥା ଜୀଇଁବାର କଳା କେତେ ଜଣ ବା ଶିଖିଥାନ୍ତି ଏବଂ ଜାଣିଥାନ୍ତି । ଆଜିକାଲି ଅନେକ ସେଣ୍ଟରରେ ଜୀଇଁବାର କଳା ବା' 'ଆର୍ଟ ଅଫଲିଭିଂ' ଟିଚିଂ ଦିଆଯାଉଛି । କିନ୍ତୁ ଏଇ କଳାଟିକୁ ଆନ୍ତରିକତାର ସହ ଜାଣିଲେ ଓ ହୃଦୟଙ୍ଗମ କଲେ ଜୀବନର ସୂକ୍ଷ୍ମତମ ଆନନ୍ଦକୁ ମଧ୍ୟ ଆମେ ଆହରଣ କରିବାର ଶକ୍ତି ପାଇ ପାରିବା । 'ଥରେ ଖାଲି ଇଚ୍ଛାକଲେ ସହସ୍ର ପାଖୁଡା ମେଲି, ଏ ବିଶ୍ୱ ବଦଳି ହୁଏ ପଦ୍ମଟିଏ ବିଚିତ୍ର ବିଶ୍ୱାଳ ! ବସନ୍ତ ଖଞ୍ଜିଦିଏ ତା' କୋରକରେ ରଙ୍ଗର ବର୍ଣ୍ଣାଳୀ, ମଳୟ ବି ମଣ୍ଡିଦିଏ ତା' ଭାଗ୍ୟରେ ଚିରନ୍ତନ ଐଶ୍ୱର୍ଯ୍ୟର ପୂର୍ଣ୍ଣ ଚଇତାଳି !'


(କ୍ରମଶଃ)



ମୂଳ ହିନ୍ଦୀ – ଅମରକାନ୍ତ

ଧାରାବାହିକ ଅନୁବାଦ ଉପନ୍ୟାସ...(୯ମ ଭାଗ)

# ଶୁଖିଲା ପତ୍ର






ଅନୁସୃଜନ- ନମିତା ପାଇକରାୟ

(ପ୍ରଥମ ଖଣ୍ଡ)

## ମନମୋହନ

ମୋର ଏ ନିଃସହାୟ ମାନସିକ ସ୍ଥିତି ପାଇଁ ମନମୋହନଙ୍କର ଚିଠି ଘରେ ସମସ୍ତଙ୍କୁ ଦେଖେଇଦେଲି । ବାପା ବହୁତ ଗାଳି କଲେ 'ସେଇଥିପାଇଁ ତୋତେ ମନା କରୁଥିଲି ଏତେ ମନମୋହନ ସହ ବୁଲାବୁଲି କରନା, ପଢ଼ାପଢ଼ିରେ ଧ୍ୟାନ ଦେ ।'

ମୋ ମା' ତ ଘଣ୍ଟା ଘଣ୍ଟା ଧରି ମନମୋହନକୁ ଏବଂ ତାଙ୍କ ଘର ବାଲାଙ୍କୁ ଗାଳି ଦେବାରେ ବ୍ୟତୀତ କରିବାକୁ ଲାଗିଲା । ସେତେବେଳେ ଭାଇ ନଥିଲେ । ମୋତେ ସବୁଠାରୁ ଅଧିକ ଭାଇଙ୍କୁ ଡର ଥିଲା । ଭାଇ ମୋତେ ମନା କରିଥିଲେ ତାଙ୍କ ସହ ମିଳାମିଶି କରିବାକୁ କିନ୍ତୁ ମୁଁ ତାଙ୍କ କଥା ନମାନି ମିଶିଥିଲି । ମୁଁ କୋଉ ମୁହଁ ନେଇ ଭାଇଙ୍କ ପାଖକୁ ଯିବି । ତାଙ୍କୁ ସବୁ କଥା ପରେ ଜଣା ପଡ଼ିଲା । କିନ୍ତୁ ସେତେବେଳକୁ କଥା ଅଲଗା ଥିଲା ।

ମନମୋହନଙ୍କ ସହ ମୋର ସଂପର୍କ କଟିଗଲା । ପରେ ଧିରେ ଧିରେ ପୁଣି ମୋର ପୁରୁଣା ବନ୍ଧୁ ମନୋହର, ଦିନେଶ୍ୱର ଆଉ ଦୀନାନାଥ ଜୁଟିଗଲେ । କୃପାଶଂକର ବହୁତ କଠିନ ପରିଶ୍ରମ କରୁଥିଲା, ତେଣୁ ସେ ଆସୁ ନଥିଲା ।

ମୋର ଅନ୍ୟ ବନ୍ଧୁମାନଙ୍କୁ ମନମୋହନ ସହ ମୋର ବନ୍ଧୁତା ପସନ୍ଦ ନଥିଲା । କିନ୍ତୁ ସେମାନେ ମୋତେ କିଛି କହନ୍ତିନି ଏ ବିଷୟରେ । କିନ୍ତୁ କୃପାଶଙ୍କର ଅଲଗା ଥିଲା । ସେ ସବୁବେଳେ ମୋତେ କହୁଥିଲା ଏ ଦୁନିଆ ବହୁତ ସ୍ୱାର୍ଥପର । ସମସ୍ତେ ନିଜ ନିଜ ମତଲବରେ ଥାନ୍ତି । ମୋ ପ୍ରତି ସ୍ନେହ ଓ ତା' ପଢ଼ାପଢ଼ି ଛଡ଼ା ତାକୁ ଆଉ କିଛି ଦେଖା ଯାଏନି ।

କିଛି ଦିନ ପରେ ମନମୋହନ ମୋ ସାମ୍ନାରେ ଏକ ଭିନ୍ନ ରୂପରେ ଆସିଲେ । ମୋ ଘରକୁ ସେ ଆସୁନଥିଲେ । କିନ୍ତୁ ଦିନକୁ ଅନେକ ଥର ଆମ ଘର ସାମ୍ନା ଦେଇ ଯିବା ଆସିବା କରୁଥିଲେ । ରାତିରେ ଘର ସାମ୍ନା ଦେଇ ଗଲା ବେଳେ କେବେ କେବେ ଗଜଲ ଫଜଲ ଗାଇ ଗାଇ ଯିବା ଶୁଣାଯାଏ । ସୁନ୍ଦର ଧୋତି କମିଜ ସହ ରେଶମୀ ଚାଦର ଘୋଡ଼େଇ ମୁଣ୍ଡକୁ ଗୋଟେ ପଟକୁ ଢଳେଇ ଚାଲନ୍ତି । ବାରବାର ତାଙ୍କ ସାମ୍ପୁକରା ବାଳ ସବୁ କପାଳ ଉପରେ ଦୋଳି ଖେଳନ୍ତି । ତାଙ୍କ ଏଭଳି ରୂପରଙ୍ଗ ଦେଖି ମୋତେ ମୋ ନିଜ ଉପରେ କ୍ରୋଧ ଆସିଲା ।

ୟା' ଭିତରେ ଆମ ସାଇର ବନଓ୍ୱାରୀ ନାମକ ଟୋକାକୁ ତାଙ୍କ ଚେଲା ବନେଇ ସାରିଲେଣି । ପ୍ରାୟତଃ ତାଙ୍କରି ଘରେ ବସାଉଠା କରୁଛନ୍ତି । ବନଓ୍ୱାରୀ ମୋ ସାଙ୍ଗରେ ପଢୁଥିଲା । ସେ ବହୁତ ଦୁର୍ବଳ ଥିଲା । ତାର ପହଲିମାନ ହବାର ଭୂତ ନୂଆ ନୂଆ ଗଢ଼ିଥିଲା । ତା' ଶରୀରର ଅନୁପାତରେ ହିଁ ତାର ଶକ୍ତି ଓ ସାହସ ଥିଲା । କିନ୍ତୁ ଖୁବ୍ ଚଞ୍ଚଳମନା ଥଟ୍ଟା ମଜା ପ୍ରିୟ ଥିଲା । ନିର୍ଲଜତାରେ ଭରପୁର ତା ମନ ମସ୍ତିଷ୍କ । ମନ୍ଦିରରୁ ଜୋତା ଚୋରି କରି ଲୋକଙ୍କୁ ହଇରାଣ କରିବା କି ଗୁଡ଼ିଆ ଦୋକାନରୁ ଖାଇ ପିଇ ବିନା ପଇସାରେ କୌଶଳ କ୍ରମେ ବାହାରି ଆସିବାକୁ ସେ ପରାକ୍ରମ ଭାବୁଥିଲା ।

ଗୋଟେ ଦିନ ମନୋହର, ଦୀନାନାଥ, ଦିନେଶ୍ୱର ଓ ମୁଁ ମୋ ଘର ସାମ୍ନା ଘର ଛାତ ଉପରେ ବସି କଥାବାର୍ତ୍ତା ହେଉଥିଲୁ । ସେଇଠି ବନଓ୍ୱାରୀ ବି ଆସି ବସିଗଲା । କିଛି ସମୟ ପର୍ଯ୍ୟନ୍ତ ବହୁତ ଫୁଟାଣି ମାରି କଥାବାର୍ତ୍ତା ହେଲା, ଆଉ ସିଧା ଉଠି ଚାଲିଗଲା । ଅଧଘଣ୍ଟା ପରେ ପୁଣି ଆସିଲା । ଏଥର ବଡ଼ ଉତ୍ସାହର ସହିତ ଆମମାନଙ୍କ କଥାବାର୍ତ୍ତାରେ ଯୋଗ ଦେଲା । ଯେତେବେଳେ ସନ୍ଧ୍ୟାରୁ ରାତି ହବାକୁ ଲାଗିଲା ଆମେ ସବୁ ଉଠି ନିଜ ନିଜ ଘରକୁ ବାହାରିଲୁ, ବନଓ୍ୱାରୀ ବି ବାହାରିଲା । କିନ୍ତୁ ଉଠୁ ଉଠୁ ଚମକି କି କହିଲା 'ଆରେ ମୋ ଚପଲ ?'

ଏ ଆଶ୍ଚର୍ଯ୍ୟର କଥା ଥିଲା, କାହିଁକି ନା ସେଇଠିକୁ କେହି ତ ଆସି ନାହାଁନ୍ତି ଚପଲ ନବ କିଏ କାହିଁକି ? ଆମେ ସାରା ଛାତ ଖୋଜିଲୁ କେଉଁଠି ନଥିଲା । ତା' ପରେ ବନଓ୍ୱାରୀ ଦୀନାନାଥ ଉପରେ ରାଗିକି କହିଲା, 'ତୁ ମୋତେ ହଇରାଣ କରିବା ପାଇଁ ମୋ ଚପଲ ଫୋପାଡ଼ି ଦେଇଛୁ । ତୁ'ହିଁ ମୋତେ ହଇରାଣ କରିବାକୁ ଏମିତି କରିଛୁ । ତୁ ହିଁ ଚପଲ କୁଆଡ଼େ ଫୋପାଡ଼ିଛୁ ।'

ଦୀନାନାଥ ଉପରେ ଏମିତି ଫାଲତୁ ଆରୋପ ଶୁଣି ଦୀନାନାଥ ବୋକା ପରି ବନଓ୍ୱାରୀକୁ ଚାହିଁଲା । ଆମକୁ ବି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା, କାରଣ ଦୀନାନାଥ ସେଇଠି ବସିବା ଜାଗାରୁ ହଲି ନଥିଲା ବିଲକୁଲ । ଦୀନାନାଥ କେମିତି ତା ଚପଲ ଫୋପାଡ଼ିବ ?'

'ଆରେ ତୁ କେମିତି କଥାବାର୍ତ୍ତା କରୁଛୁ ? ବିଦ୍ୟାରାଣ ପକଉଛି ତୋ ଚପଲ ମୁଁ ଦେଖିନି । ତୋ ଚପଲ ମୁଁ ନେଇ କ'ଣ କରିବି ? ଦୀନାନାଥ ତାର ସଫାଇ ଦେଲା ।

'ମୋତେ ବୋକା ବନାନି, ମୁଁ ତୋତେ ଠିକ୍ ଜାଣିଛି, ତୋ ଛଡ଼ା ଆଉ କେହି ନୁହେଁ, ତୁ ହିଁ ନେଇଛୁ । ଦେଖ ମୁଁ କହୁଛି ... ମୋତେ ସତ କହିଦେ, ନହେଲେ ପରେ ମୋତେ ଦୋଷ ଦେବୁ ନାହିଁ ।' ବନଓ୍ୱାରୀର କ୍ରୋଧ ବଢୁଥିଲା ।

ଦୀନାନାଥ ମୁଣ୍ଡକୁ ବି କ୍ରୋଧ ଚଢୁଥିଲା । ସେ କିଛି କହିବାକୁ ଯାଉଥିଲା କି ଗୋଟେ ଅପ୍ରତ୍ୟାଶିତ ଘଟଣା ଘଟିଗଲା । ଠିକ୍ ସେହି ସମୟରେ ମନମୋହନ ବିଜୁଳି ଗତିରେ ଆସି ପହଞ୍ଚିଗଲେ ସେଠାରେ । କିଛି କଥାବାର୍ତ୍ତା କରିବା ପୂର୍ବରୁ ଦୀନାନାଥ ଗାଲରେ ଦୁଇ ଚଟକଣା କଷିଦେଲ । ଯିବା ପୂର୍ବରୁ କହିଲେ, 'ଶଳା ଏଡ଼େ ବକଟେ ଟୋକା ଏମିତି ଫାଲତୁ କାମ କରୁଛୁ । ଶୁଣ୍ ଦୁଇ ଦିନ ଭିତରେ ଯଦି ଚପଲ ନ ଫେରେଇଛୁ ତୋତେ ଜୀବନରୁ ମାରିଦେବି । ଶୁଣ୍ ଭାବିବୁନି କି ମୁଁ ଚାପ୍‌ଚାପ୍ ରହିବି । ମୁଁ ଯାହା କହେ ତା' କରେ ।'

ଏହାପରେ ସେ ଛିପ ପକାଇଲେ ଓ ସିଧା ଚାଲିଲେ । ତାଙ୍କ ପଛେ ପଛେ ବନଓ୍ୱାରୀ ବି ପଳେଇଲା । ଏ ଘଟଣା ଏତେ ଶୀଘ୍ର ଘଟିଗଲା କି ଆମେ ସ୍ତମ୍ଭୀଭୂତ ହୋଇଗଲୁ । ହେଲେ ଏମିତି କାହିଁକି ହେଲା ? ଏଇଟା ସତକଥା କି ଦୀନାନାଥ ଛୁଆବେଳେ ବହୁତ ଦୁଷ୍ଟ ଥିଲା । ବୟସରେ ଓ ଉଚ୍ଚତାରେ ଛୋଟ ହେଲେ ବି ସେ ବଡ଼ ମାନଙ୍କ ସହ ଦୁଷ୍ଟାମୀ କରିଦିଏ ଛୁଆବେଳେ । ସେଇଥିପାଇଁ ସେ ବଡ଼ ମାନଙ୍କଠାରୁ ଗୋଟେ ଦୁଇଟା ଚଟକଣା ବି ଖାଏ । କିନ୍ତୁ ଯେବେ ଠାରୁ ସେ ବଡ଼ ହେଲାଣି ହାଇସ୍କୁଲକୁ ଆସିଲାଣି ତା' ପାଖରେ ଏଭଳି ଦୁଷ୍ଟାମୀ କେବେ ଦେଖିବାକୁ ମିଳିନି । ସେ ସବୁବେଳେ ଆଧ୍ୟାତ୍ମିକତା, ପବିତ୍ରତା ଉପରେ କଥାବାର୍ତ୍ତା କରେ । ତାକୁ ସବୁ ଶୁଣି ଆମେ ଆଶ୍ଚର୍ଯ୍ୟ ହେଉ । ତା' ପରେ ସେ ତ ସେଠାରୁ ବିଲକୁଲ ଉଠିକି କୁଆଡ଼େ ଯାଇନି, ତାହାହେଲ ଚପଲ କୁଆଡ଼େ ଲୁଚେଇବ ?

'ଚପଲ ଫପଲ କିଛି ହଜିନି । ଏସବୁ ବାହାନା । ବନଓ୍ୱାରୀ ଯେତେବେଳେ ମଝିରେ ଉଠି କରି ଗଲା ପୁଣି ଫେରିକି ଆସିଲା । ତା' ପାଦରେ ଚପଲ ନଥିଲା । ସେ ଚପଲ ଘରେ ରଖି ଆସିଥିଲା । ମନମୋହନ ବୁଦ୍ଧିରେ ସେ ଏୟା କରିଥିବ ।' ମନୋହର ସବୁ ରହସ୍ୟର ଭେଦ ଖୋଲିଦେଲା ।

କଥା କ'ଣ କି, ଏ କଥାର ସତ୍ୟତା ଜଣା ପଡ଼ିଲା । ମୋର ମନେ ପଡ଼ିଲା ଯାହା ସେ ଦ୍ୱିତୀୟଥର ଆସିଲା ବେଳେ ତା' ପାଦରେ ଚପଲ ନଥିଲା । ଏହା ସବୁ ପୂର୍ବ ପ୍ରାୟୋଜିତ ଥିଲା କି ? ମନମୋହନ ଆମକୁ ଡରେଇବାକୁ ଏହା କରିଥିଲା । କିନ୍ତୁ ପ୍ରକୃତରେ ଆମେ ସବୁ ବହୁତ ଡରି ଯାଇଥିଲୁ । ଡର ଛଡ଼ା ମୋତେ ବହୁତ ସଂକୋଚ ଲାଗିଲା । ଦୀନାନାଥ ଯେତେ ବି ଦୁଷ୍ଟ ହେଉ ସେ ମୋର ସାଙ୍ଗ ଥିଲା । ବିନା କାରଣରେ ତାକୁ ଏମିତି ପିଟିବା ଅପମାନଜନକ କଥା । ଅତ୍ୟନ୍ତ ଲଜ୍ଜା । କିନ୍ତୁ ଏ ଅପମାନର ମନମୋହନଠାରୁ କେମିତି ପ୍ରତିଶୋଧ ନିଆଯିବ ? ଏଥିରେ ମୁଁ ମୋ ନିଜକୁ ପୂର୍ଣ୍ଣ ଅସମର୍ଥ ଭାବୁଥିଲି । ମୋ ମୁହଁ ଲଜ୍ଜାରେ ତଳକୁ ହୋଇ ଯାଇଥିଲା ।

ତିନି ଚାରିଦିନ ପରେ ପୁଣି ଆଉ ଗୋଟେ ଘଟଣା ଘଟିଲା । ସନ୍ଧ୍ୟା ସମୟରେ ମୁଁ ସ୍କୁଲରୁ ଫେରି ଦେଖିଲି ଆମ ଘର ଦୁଆର ମୁହଁରେ ନିରଂଜନ ଓ ପାରସ ନିମ୍ବ ବାଡ଼ି ଧରି ଷଡ଼ଯନ୍ତ୍ରକାରୀ ପରି କ୍ରୋଧରେ ଠିଆ ହୋଇଥିଲେ । ଦୁଇଜଣ ଯାକ ଆମରି ସାହିର ପିଲା । ନିରଂଜନ ପୁରା ପିନପିନିଆ, ପତଳା ଟୋକା । ଦୁଇବର୍ଷ ପୂର୍ବରୁ ତା ସହ ମୋର ଝଗଡ଼ା ହୋଇଥିଲା । ଆଜିଯାଏ ତାର ମୋର କଥାବାର୍ତ୍ତା ନଥିଲା । ପାରସ ମୋଟା ଥିଲା ଚେହେରାରେ କିନ୍ତୁ ହୁଣ୍ଡା ବୋକା ଥିଲା । କଥା କଥାକେ କାନ୍ଦୁଥିଲା । ହାତରେ ତାଙ୍କର ଥିଲା ଖଣ୍ଡେ ଖଣ୍ଡେ ଝଞ୍ଜିର । ଆଶ୍ଚର୍ଯ୍ୟର କଥା ସେମାନଙ୍କର ଏତେ ସାହସ କେବେଠାରୁ ହେଲା ? ଏମାନେ ଅଦଭୂତ ପ୍ରକାର ବ୍ୟବହାର କରୁଥିଲେ । ମିଛରେ କ୍ରୋଧ ପ୍ରକାଶ କରୁଥିଲେ । ନାକ ଫୁଲାଇ ହନୁମାନଙ୍କ ପଟୁଆରରେ ଚାଲୁଥିଲେ ଗଦା ହଲାଇ, ଝାଞ୍ଜ ପିଟିଲା ପରି । କ୍ଷିପ୍ରଗତିରେ ଦୁଇଜଣ ଯାକ ପଇଁତରା କାଟୁଥିଲେ ମଝିରେ ମଝିରେ ଫୁସ୍‌ଫାସ୍ ହୋଇ କାନରେ ମୁହଁ ଲଗାଇ କଥାବାର୍ତ୍ତା ହେଉଥିଲେ ।

ଜଳଖିଆ ଖାଇସାରି ମନୋହର, ଦୀନାନାଥ, ମୁଁ ଆଉ ଦୀନେଶ୍ୱର ବୁଲିବାକୁ ବାହାରିଲୁ । ଷ୍ଟେସନ ପାଖରେ ବାବୁଲାଲ ଦୋକାନ ସାମ୍ନା ବେଞ୍ଚ ଉପରେ ମନମୋହନ, ନିରଂଜନ, ପାରସ ବସିଥିଲେ । ମୁଁ ମୋ ସାଙ୍ଗମାନଙ୍କୁ ନିରଂଜନ ଓ ପାରସଙ୍କ ଆମ ଘର ସାମ୍ନାରେ ପଇଁତରା ମାରିବା କଥା କହିଦେଲି । ଆମେ ଯେତେବେଳେ ସେ ଦୁଇଜଣଙ୍କୁ ମନମୋହନଙ୍କ ସହିତ ବସିବା ଦେଖିଲୁ ନିଶ୍ଚିତ ରୂପେ ଡରିଗଲୁ । ଆମେ ବୁଝିଗଲୁ ଆଜି କିଛି ହୋଇପାରେ । ଆମେ ଯେମିତି ଚା ଦୋକାନ ସାମ୍ନାରେ ପହଞ୍ଚିଲୁ ନିରଂଜନ ଓ ପାରସ ଆମ ପାଖୁ ଉଠିକରି ଆସିଲେ । ଦୁଇଜଣ ଯାକ କ୍ରୋଧ ପୂର୍ଣ୍ଣ ମୁଦ୍ରାରେ ଦୀନାନାଥ ସାମ୍ନାରେ ଠିଆ ହୋଇଗଲେ । 'କିରେ ଦୀନାନାଥ ତୁ ଅଶୋକ ଆଗରେ କାହିଁକି କହିଛୁ ପାରସର ବାପା ସବୁଦିନ ବେଶ୍ୟାପଡ଼ା ଯାଉଛନ୍ତି ବୋଲି ?'

ମୁଁ ତ କହିନି ।' ଦୀନାନାଥ ଅଭିଯୋଗର ପ୍ରତିବାଦ କରିଲା । କିନ୍ତୁ ତା' ମୁହଁରୁ କଥା ସରିନି ପାରସ ତାକୁ ଦୁଇ ଚାପୁଡ଼ା ପକାଇଲା । ଦିନେଶ୍ୱର ଆଗକୁ ବାହାରି ତାକୁ ରୋକିବାକୁ ଚେଷ୍ଟା କରିଲା ବେଳକୁ ତାକୁ ବି ଝଞ୍ଜିରରେ ପିଟିଦେଲା । ଏବେ ମୋ ହାତବି ଖଲଖଲ ହେଲା । ମୁଁ ପାରସର ହାତ ଧରିବାକୁ ଚେଷ୍ଟା କଲି, ଏଇ ପ୍ରୟାସ ଭିତରେ ମୋତେ ବି ଦୁଇ ଚାରିଟା ଝଞ୍ଜିର ମାଡ଼ ବାଜିଗଲା । ମୋ ହାତ ବି ଆପେ ଆପେ ପାରସ ଉପରେ ଉଠିଗଲା । ପାରସ ଜୋର କରି ଝଞ୍ଜିରରେ ମୋତେ ପିଟିଦେଲା । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ବାହାବଳପୁର ମାଛ ମାର୍କେଟରେ ଅଗ୍ନିକାଣ୍ଡ

ବସ୍ତା, ୨୮।୫(ନିପ୍ର): ବାଲେଶ୍ୱର ଜିଲ୍ଲା ବାହାବଳପୁର ସାମୁଦ୍ରିକ ଜେଟି ରେ ଥିବା ମାଛ ମାର୍କେଟ ରେ ଅଗ୍ନିକାଣ୍ଡ ଘଟିଥିବା ଜଣା ପଡିଛି। ଶନିବାର ସନ୍ଧ୍ୟା ରେ ମାଛ ମାର୍କେଟ ରେ ଥିବା ଗୋଟିଏ ପଲା ରେ ନିଁଆଲାଗିବା ପରେ କ୍ରମଶଃ ଆଠଟି ଗୋଦାମ ନିଆଁ ବ୍ୟାପିଥିଲା। ଧୀରେ ଧୀରେ ନିଁଆ ଧରି ଅନ୍ୟ ପଲା ସବୁ ଜୋର୍ ରେ ଜଳୁ ଥିବା ଦେଖିବାକୁ ମିଳିଛି। ଖବର ପାଇ ବସ୍ତା ଦମକଳ ବାହିନୀ ଘଟଣା ସ୍ଥଳ କୁ ଯାଇ ଥିବା ଜଣା ପଡିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ



ବାରିପଦା, ୨୮/୦୫ (ନି.ପ୍ର): ବାହାଦୁରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବାରିକ ୬୩ ବର୍ଷ ବୟସରେ ପରଲୋକ ଘଟିଛି। ୨୨ ତାରିଖ ରବିବାର ଦିନ ନିକଟସ୍ଥ ପୋଡାଅସ୍ତିଆ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଶର୍ଯ୍ୟାନିକଟରେ ସ୍ୱାମୀ ଗଙ୍ଗାଧର ବାରିକ, ଦୁଇ ଝିଅ, ଜ୍ୱାଇଁ ନାତି ନାତୁଣି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସର୍ବତଃ ୪ ସବିତା ଦିଦି ଜଣେ ମେଳାପି, ସ୍ପଷ୍ଟବାଦୀ, ଆଦର୍ଶବାନ ଦିଦି ରୂପେ ପରିଚିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ସବିତା ଦିଦି ବାରିପଦା ବଡ ବଜାର ନିବାସୀ ଟମା ବାବୁଙ୍କ ସାନ ଭଉଣୀ ଓ ସାନଭାଇ ଦୁଇ ସୁଶୀଲ ବାରିକ ତଥା ବାରରିପଦା ପୌର କାର୍ଯ୍ୟାଳୟ ଅବସର ପ୍ରାପ୍ତ ଆଇନ ଓ ପ୍ଲାନିଂ ଅଧିକାରୀଙ୍କ ତରୁଣ ବାରିକଙ୍କ ବଡ ଭଉଣୀ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱାରା ଜଳଛତ୍ର

କେନ୍ଦ୍ରାପଡ଼ା, ୨୮/୦୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ତ୍ରିଲୋଚନପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ବର୍ଷର ଛାତ୍ର ପି ରୁଦ୍ର ନାରାୟଣଙ୍କ ପଂଚମ ଜନ୍ମବାର୍ଷିକ ଉପଲକ୍ଷେ ଏକ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀମତୀ ଭାରତୀ ବେହେରା ଏବଂ ସହ ଶିକ୍ଷକ କୁଞ୍ଜ ବିହାରୀ ସ୍ୱାଇଁ, ଶ୍ରୀଧର ନାୟକ, ଶ୍ରୀମତୀ ଦିପା ବରାଳ, ମୀନା ମଞ୍ଜରୀ ସ୍ୱାଇଁ, ଶୁଶ୍ରୀ ମିନତୀ ବେହରା ଓ ଆଲୋକ ଚନ୍ଦ୍ର ବେହେରା, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ହୋଇ ଜଳଛତ୍ରକୁ ପରିଚାଳନା କରିଥିଲେ।

# ଯୁବା ସଂଗଠନର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ



ଭଦ୍ରକ,୨୮/୦୫ (ନି.ପ୍ର): ରାଷ୍ଟ୍ରୀୟ ଯୁବା ସଂଗଠନ ଭଦ୍ରକ ଶାଖା ପକ୍ଷରୁ ଜିଲ୍ଲା ସମ୍ମିଳନୀ ବାଇପାସ ନିକଟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ବଢୁଥିବା ବେରୋଜଗାରୀରେ ଆଜି ଯୁବ ଛାତ୍ର ସମାଜ ପେଷି ହୋଇଯାଉଛନ୍ତି। ରାଜନୈତିକ ଓ କର୍ପୋରେଟ ଗୋଷ୍ଠୀ ସାମ୍ପ୍ରଦାୟିକ ବିଦ୍ୱେଷ ତଥା ନିଶା ପ୍ରଚଳନ ମାଧ୍ୟମରେ ଦେଶର ଯୁବ ଛାତ୍ର ଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିବାରେ ଲାଗିଛନ୍ତି। ଭାରତର ସମ୍ବିଧାନକୁ ଆଜିର ଶାସନ ବ୍ୟବସ୍ଥା ବେଖାତିର କରିଚାଲିଛି। ଏହିଭଳି ଏକ ବିକଟ ପରିସ୍ଥିତିରେ ଯୁବ ଛାତ୍ରମାନଙ୍କୁ ଆଗକୁ ଆସି ଦେଶରେ ଗାନ୍ଧୀଜୀଙ୍କ ମାର୍ଗରେ ବିପ୍ଳବ ଛିଡା କରିବାକୁ ହେବ ବୋଲି ଏହି ସମ୍ମିଳନୀରେ ଚର୍ଚ୍ଚା ହୋଇଥିଲା। ଭଦ୍ରକ ଜିଲ୍ଲାରେ ଯୁବ ଛାତ୍ର ଅଧିକାର ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ସଙ୍ଗଠନର ରାଷ୍ଟ୍ରୀୟ ସମିତି ସଦସ୍ୟ ମାନସ ପଟ୍ଟନାୟକଙ୍କ ସଂଯୋଜନାରେ ଏହି ସମ୍ମିଳନୀକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖାର ସଭାପତି ଇଂ ଅଖିଳ କୁମାର ପାଢୀ ଉଦଘାଟନ କରିଥିବା ବେଳେ ସମ୍ପାଦକ ଆଡଭୋକେଟ ତୁଷାର କାନ୍ତି ମହାନ୍ତି ମୁଖ୍ୟ ଅତିଥି ଓ ସମାଜସେବୀ ସୀତାକାନ୍ତ ଦାସ, ଅଧ୍ୟାପକ ନାସିର ବକ୍ସ, ରୋଟାରୀ କ୍ଲବ ଭଦ୍ରକର ସଭାପତି ବସନ୍ତ କୁମାର ପାଣିଗ୍ରାହୀ, ପ୍ରଫେସର ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଂଗଠନର ପ୍ରାକ୍ତନ ରାଷ୍ଟ୍ରୀୟ ସଂଯୋଜକ ଡା. ବିଶ୍ୱଜିତ୍ ସଂଗଠନର କାର୍ଯ୍ୟାବଳୀ ବାବଦରେ ବିଶଦ ଚର୍ଚ୍ଚା କରିଥିଲେ। ସଂଗଠନ ପକ୍ଷରୁ ମଧ୍ୟପ୍ରଦେଶର ଅନୁପପୁର ଠାରେ ଆଗାମୀ ଜୁନ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଷ୍ଟ୍ରୀୟ ପ୍ରଶିକ୍ଷଣ ଶିବିରରେ ଭଦ୍ରକ ଜିଲ୍ଲାରୁ ଏସ୍.କେ. ରବିଉଲ, ଲିପ୍ସା ସାମଲ, ପଦ୍ମଲୋଚନ ଅଗସ୍ତି, କର୍ମବୀର କଳ୍ପତରୁ ଦାସ, ନିଲମ ମଲ୍ଲିକ, ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଯିବା ପାଇଁ ନିଷ୍ପତ୍ତି ହୋଇଛି। ବିଜୟ କୁମାର ବାରିକ, ଶକ୍ତି ମଲ୍ଲିକ, ସୌମ୍ୟ ରଞ୍ଜନ ମଲ୍ଲିକ, ରାଶେଶ୍ୱରୀ ମଲ୍ଲିକ, ନିଲମ ମଲ୍ଲିକ, କବିତା ଗିରି, ଲିପ୍ସା ସାମଲ, ବର୍ଷାରାଣୀ ନାୟକ, ପରେଶ କୁମାର ଗୋଛାୟତ, ବିକାଶ ରଞ୍ଜନ ଜେନା, ଅମିତ କୁମାର ପାଲ, ତୁଷାର କୁମାର ବେହେରା, ଯତୀନ କୁମାର ପରିଡା, ପ୍ରିୟଙ୍କା ପରିଡା, ପଦ୍ମଲୋଚନ ଅଗସ୍ତି, କର୍ମବୀର କଳ୍ପତରୁ ଦାସ ପ୍ରମୁଖ ଏହି ଜିଲ୍ଲା ସମ୍ମିଳନୀର ନେତୃତ୍ୱ ନେଇଥିଲେ।

# ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି : ପିନାକୀ ମିଶ୍ର

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ମହାପ୍ରଭୁଙ୍କ ଇଚ୍ଛା ଯୋଗୁଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଦୁନିଆର କୌଣସି ସ୍ୱାର୍ଥପର ଏଜେନ୍ସି, ବ୍ୟକ୍ତି ବିଶେଷ ଏହି ପ୍ରକଳ୍ପ କାର୍ଯ୍ୟ ରୋକି ପାରିବେନି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପୁରୀର ବିଜେଡି ସାଂସଦ ପିନାକୀ ମିଶ୍ର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ନେଇ ଗତକାଲି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ପରେ ଶନିବାର ଦିନ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି ସାଂସଦ ପିନାକୀ ମିଶ୍ର। ସେ କହିଛନ୍ତି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସ୍ୱାର୍ଥ ରାଜନୀତି ଚାଲିଛି। ଯାହାକୁ ପୁରୀବାସୀ ଠିକ ବୁଝି ସାରିଛନ୍ତି। ଆଗାମୀ ଦିନରେ ପୁରୀବାସୀ ଏହାର ଜବାବ ଦେବେ। ସେହିପରି ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଦୁନିଆର କୌଣସି ସ୍ୱାର୍ଥପର ଏଜେନ୍ସି, ବ୍ୟକ୍ତି ବିଶେଷ ଏହି ପ୍ରକଳ୍ପ କାର୍ଯ୍ୟ ରୋକି ପାରିବେନି। ଏହି କାର୍ଯ୍ୟ ଆଇନ କି ବେଆଇନ ଭାବେ ହେଉଛି ତାହା କୋର୍ଟରେ ମାମଲା ଥିବା ବେଳେ ଏ ନେଇ ସେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି କହିଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ନେଇ କୌଣସି ରୋକ ନାହିଁ। ମହାପ୍ରଭୁଙ୍କ ଇଚ୍ଛା ଓ ପୁରୀବାସୀଙ୍କ ସହଯୋଗ ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି।

# ବିକାଶ ପରିଷଦ ରୋଟାରୀ କ୍ଲବ ଆନୁକୂଲ୍ୟରେ ମୋତିଆବିନ୍ଦୁ ଚକ୍ଷୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ



ବସ୍ତା, ୨୮/୦୫ (ନି.ପ୍ର): ରୂପସା ଆମ୍ବଗଡିଆ ବିକାଶ ପରିଷଦ, ରୋଟାରୀ କ୍ଲବ ଆନୁକୂଲ୍ୟରେ ମାଗଣା ମୁତିଆବିନ୍ଦୁ ଚିହ୍ନଟ ତଥା ଅସ୍ତ୍ର ପ୍ରଚାର ଶିବିର ୨ତାରିଖରେ ଅନୁଷ୍ଠିତ ହେବ ଏନେଇ ଏକ ପ୍ରସ୍ତୁତିବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଅଛି। ବିକାଶ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଭଗବାନ ମହାପାତ୍ର ସମୟଚକ୍ର ସମ୍ପାଦକ ସର୍ବେଶ୍ୱର ଯେନା, ପୂର୍ବତନ ବ୍ଲକ ଅଧକ୍ଷ କାଳିଚରଣ ସୋରେନ, ପରିଷଦର ଉପ ସଭାପତି ଉପେନ୍ଦ୍ର ପ୍ରଧାନ, କାରୁ ମୁର୍ମୁ, ଚକ୍ରଧର ଆଚାର୍ଯ୍ୟ, କାହ୍ନୁ ସିଂ, ଯୋଗେଶ୍ୱର ବେହେରା, ଶରଣେଶ୍ୱର ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟ, ମାତାଙ୍ଗ ମାରାଣ୍ଡି ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସକାଳ ୧୦ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁରହିବା ସହିତ ସମସ୍ତ ଖର୍ଚ୍ଚ ଅନୁଷ୍ଠାନ ଗ୍ରହଣ କରିବ ବୋଲି ସିଦ୍ଧାନ୍ତ ହୋଇଥିଲା। ଶେଷରେ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

## ୪୦ ଡିଗ୍ରୀ ଉପରେ ୧୨ ସହରର ତାପମାତ୍ରା

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। ଆଗାମୀ ୪ ରୁ ୫ ଦିନ ଯାଏଁ ଦିନ ତାପମାତ୍ରା ରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ସେହିପରି ଉପକୂଳର ସମେତ ପାର୍ଶ୍ୱବର୍ତୀ ଜିଲ୍ଲାରେ ଗୁଳୁଗୁଳି ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଦିନ ୧୨ ସହରରେ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି। ୪୨.୨ ଡ଼ିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ଉତପ୍ତ ସହର ପାଲଟିଛି। ସେହିପରି ବୌଦ୍ଧରେ ୪୨ ଡ଼ିଗ୍ରୀ, ଟିଟଲାଗଡରେ ୪୧.୮ ଡ଼ିଗ୍ରୀ, ପାରଳାଖେମୁଣ୍ଡିରେ ୪୧.୫, ମାଲକାନଗିରି, ବାରିପଦା, ବରଗଡ ଓ ଭବାନୀପାଟଣାରେ ୪୧. ସମ୍ବଲପୁର ଓ ସୁବର୍ଣ୍ଣପୁରରେ ୪୦.୬, ଝାରସୁଗୁଡା, ସୁନ୍ଦରଗଡ ଓ ସମ୍ବଲପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ୩୭.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ କଟକରେ ୩୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

# ଜୀବନ ବିନ୍ଦୁ ଓ ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର



ବାରିପଦା, ୨୮/୦୫ (ନି.ପ୍ର): ଜୀବନ ବିନ୍ଦୁ ଏବଂ ଓଡିଶା ମୋ ପରିବାର ପକ୍ଷରୁ ବାରିପଦା ପୌରପାଳିକା ଅନ୍ତର୍ଗତ ତକତପୁର ଟି.ଟି.ଆଇ. ଠାରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜୀବନବିନ୍ଦୁର ଜିଲ୍ଲା ସଂଯୋଜକ ତଥା ଓଡିଶା କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତିଙ୍କ ସଂଯୋଜନାରେ ଜିଲ୍ଲା ଛାତ୍ର ଉପ-ସଭାପତି ରବୀନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୧୨୨ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ, ଅନ୍ୟତମ ଅତିଥି ଭାବରେ ପୂର୍ବତନ ଏସଡିସି ଚେୟାରମେନ ଡା. ଦେବାଶିଷ ମାରାଣ୍ଡି, ବିଜେଡି ମହିଳା ଜିଲ୍ଲା ସଭାପତି ଦୀପ୍ତିଲତା ମିଶ୍ର ଏବଂ ଟିଟିଆଇ ର ଅଧକ୍ଷ ସୁରେଶ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଶିବିର ର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟସଭା ସାଂସଦ ସୋରାଜିନୀ ହେମ୍ବ୍ରମ ଉପସ୍ଥିତ ରହି ଟି.ଟି.ଆଇ.ର ଅଧକ୍ଷଙ୍କୁ ମାନପତ୍ର ସହ ଉପଢୌକନ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଶଙ୍କରାଚାର୍ଯ୍ୟଙ୍କ ରାଜନୀତି ତତ୍ତ୍ୱ....

ତାଗିଦକୁ ବେଖାତିର କରି ସରକାର ନିର୍ମାଣ କାର୍ଯ୍ୟ କରି ଚାଲିଥିବା ବେଳେ ଏଏସ୍ଆଇ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନି ବୋଲି ଉଠିଛି ପ୍ରଶ୍ନ। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ଗତକାଲି ବର୍ଷିଥିଲେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ। ଏନେଇ ସେ କହିଥିଲେ, 'ସରକାର ମୋତେ ଡରାଇବାକୁ କୌଣସି ପଦେକ୍ଷପ ନ ନିଅନ୍ତୁ। ସରକାରଙ୍କୁ ଯଦି ଲାଗୁଛି ଧାର୍ମିକ ଓ ଅଧ୍ୟାତ୍ମିକ କ୍ଷେତ୍ରରେ ପ୍ରଗତି ହେବା ଉଚିତ, ତେବେ ମୋ ସହ ଯୋଗାଯୋଗ କରନ୍ତୁ। କିନ୍ତୁ ଏମିତି ଭାବନ୍ତୁନି, ସରକାର କୌଣସି ଭୁଲ ପଦେକ୍ଷପ ନେଲେ ମୁଁ ମଉନ ରହିଯିବି। ଏହା ମୋ ଦ୍ୱାରା ହେବନି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମୋ ପାଖରୁ ପରାମର୍ଶ ନେବା କଥା। ହେଲେ ଯେଉଁମାନେ କାମ ଆରମ୍ଭ କଲେ, ସେମାନେ ମୋ ପାଖରୁ କୌଣସି ପରାମର୍ଶ ନେଇ ନାହାନ୍ତି। ମୁଁ ନିଜ ଆଡୁ କାହାକୁ ପରାମର୍ଶ ଦିଏ ନାହିଁ। ସବୁକଥା ଶୁଣି ପରିସ୍ଥିତି ଦେଖି ମୁଁ ମୁହଁ ଖୋଲିଥାଏ।'

## ଜୁନ ମାସରୁ ପିଡିଏସ ....

ସର୍ବନିମ୍ନ ରହିଛି। ଏଥିଯୋଗୁଁ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ଦିଆଯାଉଥିବା ୨୪ ହଜାର ୭୦୦ ମେଟ୍ରିକ ଟନ୍ ଗହମ ଯୋଗାଣ ବନ୍ଦ କରାଯାଇଥିବା ଏଫସିଆଇ ସୂତ୍ରରୁ ସୂଚନା ମିଳିଛି। ଏହା ବଦଳରେ ରାଜ୍ୟକୁ ଚାଉଳ ମିଳିବ। ଏଥିଯୋଗୁଁ ଗହମ ପାଇଁ ପିଡିଏସ କେନ୍ଦ୍ର ଉପରେ ନିର୍ଭରଶୀଳ ୩ ଲକ୍ଷରୁ ଅଧିକ ଗ୍ରାହକ କ୍ଷତିଗ୍ରସ୍ତ ହେବେ। ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮୬ ପ୍ରତିଶତ ଚାଉଳ ଏବଂ ୧୪ ପ୍ରତିଶତ ଗହମ ଯୋଗାଣ ହୁଏ। ଏଥିରେ ୨ଟି କାଟାଗୋରିରେ ଥିବା ସମୁଦାୟ ୩କୋଟି ୨୫ ଲକ୍ଷ ଲୋକ ଗହମ କ୍ରୟ କରିଥାଆନ୍ତି। ଓଡ଼ିଶା ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ। ମାତ୍ର ରାଜ୍ୟରେ ଗହମ ଉତ୍ପାଦିତ ହେଉନଥିବାରୁ ସମୁଦାୟ ୨୪ ହଜାର ୭୦୦ ମେଟ୍ରିକ ଟନ୍ କେନ୍ଦ୍ର ଦେଇଥାଏ। ପଂଜାବ, ହରିୟାଣାରୁ ସଂଗୃହୀତ ଗହମ କେନ୍ଦ୍ର ଓଡ଼ିଶାକୁ ଦେଇଥାଏ। କିନ୍ତୁ କିଛି ଦିନ ତଳେ ଗହମ ବଦଳରେ ଚାଉଳ ଦେବାକୁ କେନ୍ଦ୍ରକୁ ଚିଠି ଲେଖିଥିଲେ ରାଜ୍ୟ ଯୋଗାଣ ମନ୍ତ୍ରୀ।

# ଶିବରାମଙ୍କ ମୃତ୍ୟୁ ବାର୍ଷିକୀରେ ଆଜିର ବିକାଶ-ଜୀବନ-ଜୀବିକା ଓ ପରିବେଶର ପ୍ରଶ୍ନ ଉପରେ ଆଲୋଚନାସଭା

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଶ୍ରମଜୀବୀ ମଣିଷ ,ଗରିବ ,ଦଳିତ, ଆଦିବାସୀ,ସଂଖ୍ୟା ଲଘୁ ତଥା ସାଧାରଣ ମଣିଷ ମାନଙ୍କୁ ମଣିଷ ଭଳି ବଂଚିବା, ସେମାନଙ୍କୁ ରାଜନୈତିକ ଚେତନା ପ୍ରଦାନ କରିବା ପାଇଁ ସାଥୀ ଶିବରାମ ମୃତ୍ୟୁ ପର୍ଯ୍ୟନ୍ତ ସଂଗ୍ରାମ କରି ଚାଲିଥିଲେ। ସାଧାରଣ ମଣିଷ ମାନଙ୍କ ଉପରେ ଆଉ ଏକ ଶୋଷଣକାରୀ ଗୋଷ୍ଠୀ, ଯେଉଁମାନେ ପୁଞ୍ଜିବାଦୀ, ବ୍ରାହ୍ମଣବାଦୀ, ସାମ୍ପ୍ରଦାୟିକବାଦୀ ନୀତି ଆପଣେଇ ଶୋଷଣ, ଲୁଣ୍ଠନ ଓ ଅତ୍ୟାଚାର ବ୍ୟବସ୍ଥାକୁ କାଏମ କରିଚାଲିଛନ୍ତି ସେମାନଙ୍କ ବିରୋଧରେ ଆପୋଷହୀନ ସଂଗ୍ରାମ ମଧ୍ୟମରେ ଏକ ଶୋଷଣ ବିହୀନ ତଥା ସମତା ଭିତ୍ତିକ ସମାଜବାଦୀ ସମାଜ ଗଠନ କରିବା ପାଇଁ ସାଥି ଶିବରାମ ନିଜକୁ ଉତ୍ସର୍ଗ କରିଥିଲେ। ଶ୍ରମଜୀବି ମଣିଷର ଲଢୁଆ ସେହି ଲଢୁଆ ସାଥୀ ଶିବରାମଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ଆଜି ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ 'ଆଜିର ବିକାଶ: ଜୀବନ- ଜୀବିକା ଓ ପରିବେଶର ପ୍ରଶ୍ନ' ଶୀର୍ଷକ ଏକ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ଆଲୋଚନା ସଭାରେ ସିପିଆଇ(ଏମ୍.ଏଲ୍)- ରେଡଷ୍ଟାର ର ସାଧାରଣ ସମ୍ପାଦକ ସାଥୀ କେ.ଏନ୍. ରାମଚନ୍ଦ୍ରନ୍ , ଅଖିଳ ଭାରତ କୃଷକ ମଜଦୁର୍ ସଭାର ସାଧାରଣ ସମ୍ପାଦକ ସାଥୀ ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ କୋରାପୁଟ ମାଳୀପର୍ବତ ସୁରକ୍ଷା ଆନ୍ଦୋଳନର ନେତା ସାଥୀ ଦାସିନନ୍ଦୀ ବାଲି ଯୋଗ ଦେଇଥିଲେ। ସାଥୀ ଶିବରାମ ସ୍ମୃତି କମିଟିର ଆବାହକ ବିଶ୍ୱପ୍ରିୟ କାନୁନଗୋ ଅତିଥି ମାନଙ୍କ ପରିଚୟ ପ୍ରଦାନ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବସ୍ତି ସୁରକ୍ଷା ମଞ୍ଚର ଅନ୍ୟତମ ଲଢୁଆ ନେତ୍ରୀ ହେନାରାଣୀ ବାରିକ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସାଥୀ ଶିବରାମଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରାଯିବା ପରେ ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମସ୍ତ ବକ୍ତା ମାନେ ଆଜିର ବିକାଶନୀତି କିପରି ଜନବିରୋଧୀ, ଗଣତାନ୍ତ୍ରିକ ରୀତିନୀତିର ବିରୋଧୀ, ଦେଶର ବିବିଧ ସଂସ୍କୃତିର ବିରୋଧୀ ତାହା ଆଲୋଚନା କରିଥିଲେ। ବର୍ତ୍ତମାନର ବିକାଶ ନୀତି ସାଧାରଣ ଜନତାର ଜୀବନ-ଜୀବିକା ତଥା ପରିବେଶ ପ୍ରଶ୍ନକୁ ଅଣଦେଖା କରି ସେମାନଙ୍କ ଜଳ-ଜମି ଓ ଜଙ୍ଗଲକୁ ଲୁଟ୍ କରିଚାଲିଛି ଓ ସାଧାରଣ ଗରିବ,ନିମ୍ନ ମଧ୍ୟବିତ୍ତ, ଶ୍ରମିକ, କୃଷକ, ବସ୍ତିବାସିନ୍ଦା, ଆଦିବାସୀ ଓ ଦଳିତଙ୍କ ପାଇଁ ବିନାଶ ନୀତିରେ ପରିଣତ ହୋଇଛି।

# ରାଜ୍ୟସ୍ତରୀୟ ସପ୍ତାହନ୍ତ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାଲିଆପାଳ, ୨୮/୦୫ (ନି.ପ୍ର): ରାଜ୍ୟ ସରକାର ଏବଂ ଓଡିଶା ଭଲିବଲ ସଂଘ ମିଳିତ ସହଯୋଗରେ ଦୁଇ ଦିବସୀୟ ସପ୍ତାହନ୍ତ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାଲିଆପାଳ କ୍ରୀଡା ମହାବିଦ୍ୟାଳୟ ପରିସରରେ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଫଳରେ ଗ୍ରାମାଂଚଳରେ ଥିବା ଭଲି ପ୍ରତିଭା ମାନଙ୍କୁ ଚିହ୍ନଟ କରାଯାଇ ଅଧିକ ସୁଯୋଗ ଦିଆଯିବ ବୋଲି ରାଜ୍ୟ ଭଲିବଲ ସଂଘର ସାଧାରଣ ସଂପାଦକ ତଥା କିଟ ବିଶ୍ୱବିଦ୍ୟାଳୟର କ୍ରୀଡା ମହାନିର୍ଦ୍ଦେଶକ ଡ.ଗଗନେନ୍ଦୁ ଦାସ କହିଛନ୍ତି। ଆଜିର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କ୍ରୀଡା ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି କୃଷି ବୈଜ୍ଞାନିକ ଡ. ଅଦ୍ୱୈତ କୁମାର ପାତ୍ର ଯୋଗ ଦେଇ ଜିଲ୍ଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇ କ୍ରୀଡା ମହାବିଦ୍ୟାଳୟ ସମସ୍ତ ପ୍ରକାଶ ସହ ଯୋଗ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସଂପାଦକ ଅଭୟ ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ଶାରୀରିକ ଅଧିକାରୀ ଅଶୋକ କୁମାର ନାୟକ,କ୍ରୀଡା ମହାବିଦ୍ୟାଳୟର ମେମ୍ବର ସଂପାଦକ ଡ.ଶ୍ରୀକାନ୍ତ ମିଶ୍ର, କ୍ରୀଡା ମହାବିଦ୍ୟାଳୟ ଅଧକ୍ଷ ଡ.ସୁଶାନ୍ତ ଦେ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାରା ରାଜ୍ୟରେ ଭଲି ପ୍ରତିଭା ମାନଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ଏବଂ ଓଡିଶା ଭଲି ସଂଘ ମିଳିତ ସହଯୋଗରେ ଓଡିଶାର ୩୦ଟି ଜିଲ୍ଲାକୁ ୬ଟି ଜୋନରେ ବିଭକ୍ତ କରାଯାଇ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜାରି ରହିଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାକୁ ନେଇ ଏକ ଜୋନ ଗଠିତ ହୋଇଛି। ଏହି ଜୋନର ଟୁର୍ଣ୍ଣାମେଣ୍ଟ କ୍ରୀଡା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାରିଟି ଜିଲ୍ଲାରୁ ୩୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ସମସ୍ତ ଜୋନରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଦଳକୁ ନେଇ ଆଉ ଏକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ଏବଂ ସେହି ଟୁର୍ଣ୍ଣାମେଣ୍ଟରୁ ଖେଳାଳୀ ମାନଙ୍କୁ ଚୟନ କରାଯାଇ ରାଜ୍ୟ ସଂଘ ଆନୁକୂଲ୍ୟରେ ପ୍ରଶିକ୍ଷଣ ଶିବିର କରାଯାଇ ସେଥିରୁ ରାଜ୍ୟ ଦଳ ପାଇ ଖେଳାଳି ଚୟନ କରାଯିବ ବୋଲି ରାଜ୍ୟ ଭଲିବଲ ସାଧାରଣ ସଂପାଦକ କହିଛନ୍ତି।


# ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ନାମଲେଖା ଚାଲିଛି

## ଡୁଙ୍ଗୁରା, ବାଲେଶ୍ୱର

ନାମଲେଖା ଚାଲିଛି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଡୁଙ୍ଗୁରା, ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨(C) ଅନୁଯାୟୀ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୨-୨୩ ପାଇଁ **www.rteparadarshi.odisha.gov.in** ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚ୍ଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ) ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ଡୁଙ୍ଗୁରା, ବାଲେଶ୍ୱର

ଯୋଗାଯୋଗ: ୮୬୫୮୮୧୧୪୦୩, ୭୩୭୭୦୭୮୦୭୬


# ଟାଟା ପାୱାର କନିଷ୍ଠ ଯନ୍ତ୍ରୀଙ୍କ ମହିଳାଙ୍କ ଉପରେ ଆକ୍ରମଣ : ଥାନାରେ ମାମଲା

ଜଳେଶ୍ୱର, ୨୮/୫ (ନି.ପ୍ର): ରାଜ୍ୟରେ ବିଜୁଳି ଉପଭୋକ୍ତାଙ୍କ ସମସ୍ୟା ଦିନକୁ ଦିନ ବଢିବଢି ଚାଲୁଥିବା ବେଳେ ସେମାନେ ଶୋଷଣର ଶୀକାର ହେଉଛନ୍ତି। ଘରୋଇ ବିତରକ ସଂସ୍ଥା ଟାଟା ପାୱାର ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ଲଦିଦେଉଥିବା ବେଳେ ଉପଭୋକ୍ତ ନ୍ୟାୟ ଲାଗି ବିଭିନ୍ନ ସମୟରେ ଅଫିସ୍ ଦୌଡି ଦୌଡି ନୟାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲାର ଜଳେଶ୍ୱର ଅନ୍ତର୍ଗତ ନାମ୍ପୋ ବିଦ୍ୟୁତ୍ ଉପଖଣ୍ଡରେ ଥିବା କନିଷ୍ଠ ଯନ୍ତ୍ରୀ ଉପଭୋକ୍ତିଙ୍କୁ ଆକ୍ରଣ କରିବାକୁ ପଛାଇ ନାହାନ୍ତି। ବାଣିଦା ଗ୍ରାମର ସୁଭ୍ରା ମହାପାତ୍ର ତାଙ୍କର ବିଦ୍ୟୁତ୍ ଦେୟ ଦେବାଲାଗି ଓ ବିଦ୍ୟୁତବିଲରେ ଥିବା ତ୍ରୁଟି ସୁଧାରିବାଲାଗି ଗତକାଲି ଶୁକ୍ରବାର କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କନିଷ୍ଠ ଯନ୍ତ୍ରୀ ଓ ଶ୍ରୀମତୀ ମହାପାତ୍ରଙ୍କ ମଧ୍ୟରେ କଥାକଟାକଟି ହେବା ପରେ କନିଷ୍ଠଯନ୍ତ୍ରୀ ଉତ୍କ୍ଷିପ୍ତ ହୋଇ ମହିଳାଙ୍କୁ ଆକ୍ରମଣ କରିବା ସହିତ କଟୁ କଥାରେ ଗାଳିଗୁଲଜ କରିଥିବାର ନାମ୍ପୋ ଥାନାରେ ଅଭିଯୋଗ ହୋଇଛି। ତେଣୁ ଜଣେ ମହିଳାଙ୍କୁ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯିବା ସହିତ ମହିଳାଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଶ୍ୱ ତମାଖୁ ନିଷେଧ-ଦିବସ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା




ବାରିପଦା, ୨୮/୦୫ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଏବଂ ଜାତୀୟ ସେବା ଯୋଜନା ସଂସ୍ଥାର ପରିଚାଳନାରେ ଆଗାମୀ ମେ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଯୁବ ସଚେତନତା ନିମନ୍ତେ ତର୍କ, ଚିତ୍ରକଳା ଓ ସ୍ଲୋଗାନ ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ପାରିଛି। ଏହି କାର୍ଯକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ପ୍ରଫେସର ଡ. ସତ୍ୟବ୍ରତ ମିଶ୍ର ଅଧକ୍ଷତା କରି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ତମାଖୁ ବିଭଳି ଯୁବ ସମାଜକୁ ନଷ୍ଟ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଅଧିକାରୀ ଡ. ସାନ୍ତୁନୁ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଡ. ବିଭୁଦତ ଦାସ ତମାଖୁ ସେବନର ଅପକରିତା ସମ୍ପର୍କରେ ସଚେତନମୂଳକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ପରିଚାଳନାରେ ସ୍ୱାସ୍ଥ୍ୟ ସମିତିର ସମ୍ମାନୀୟ ସଦସ୍ୟ ଭାବରେ କହ୍ନେଇ ନାୟକ, ସସ୍ମିତା ବାରିକ (କାଉନସିଲର) , ନିହାର ରଞ୍ଜନ ପୃଷ୍ଟି ସମେତ ଜିଲ୍ଲା କାର୍ଯକ୍ରମ ଅଧିକାରୀ ଡ. ସ୍ମୃତି ରଞ୍ଜନ ଦାସ, ଏମପିସି କଲେଜର ଜାତୀୟ ସେବା ଯୋଜନା କାର୍ଯକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ ପ୍ରଧାପକ ନାରାୟଣ ପ୍ରସାଦ ବେହେରା, ଅଧାପିକା ଚିସ୍ତୀ ଦାସ ଏବଂ ଅଧାପିକା ନିବେଦିତା ଦାସ ମୂଲ୍ୟାଙ୍କନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ସହଯୋଗ କରିଥିବା ବେଳେ ଏହି ସଂସ୍ଥାର ଅଧିକାରୀ ଡ. ଅନାମ ଚରଣ ରାଉଳ ଧନ୍ୟବାଦ ଜ୍ଞାପନ କରିଥିଲେ।

ବାଲେଶ୍ୱର, ରବିବାର, ୨୯ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ ପାଇଁ ରୋଜଗାର ସଂସଦ ଗଠିତ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ସଂଯୁକ୍ତ ରୋଜଗାର ଆନ୍ଦୋଳନ ସମିତି ଦ୍ୱାରା ଭୁବନେଶ୍ୱର ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ସମ୍ମିଳନୀ କକ୍ଷରେ ରୋଜଗାର ସଂସଦକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟନ କରି କହିଲେ ଯେ, ସରକାର ପ୍ରତିଶ୍ରୁତି ପରିବର୍ତ୍ତେ ବେକାର ଯୁବକମାନଙ୍କୁ କାମ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରୋଜଗାର ନୀତି କରିବା ପାଇଁ ସଂକଳ୍ପ ନିଅନ୍ତୁ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା କହିଲେ ଯେ, ଘୃଣା ନୁହେଁ ରୋଜଗାର ଦିଅ, ବଂଚିବାର ଅଧିକାର ଦିଅ। ଅଧିକାର ଦେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ। ସ୍ୱାଧୀନତା ସଂଗ୍ରାମର ୭୫ବର୍ଷ ପାର ହୋଇଥିଲେ ମଧ୍ୟ ଦେଶରେ ବେକାରମୁକ୍ତ ଅଭିଯାନ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ପାଇଁ ଦାବି କରିଥିଲେ। ବର୍ତ୍ତମାନ ସରକାର ବର୍ଷକୁ ୨ କୋଟି ବେକାର ଯୁବକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ମନ୍ଦିର ଓ ମସ୍‌ଜିଦ ସମ୍ପର୍କରେ ଆଲୋଚନା କରୁଛନ୍ତି। ପୂର୍ବତନ ସିବିଆଇ ବିଚାରପତି ଦେଶରେ ଲୋକଙ୍କର ମୌଳିକ ସମସ୍ୟା ପରିବର୍ତ୍ତେ ସକରାତ୍ମକ ରାଷ୍ଟ୍ରବାଦ ଗଠନ କରନ୍ତୁ। ଏଥିରେ ଦେଶ କି ବାତ୍ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ଅଙ୍କିତ ଭରଦ୍ୱାଜ, ତିନିଜଣ ରାଜ୍ୟ ସଂଯୋଜକ ସରୋଜ ଶତପଥୀ, ରଞ୍ଜନ ମିଶ୍ର, ପ୍ରଶାନ୍ତ ବଳିଆରସିଂ ପ୍ରମୁଖ ରୋଜଗାର ସଂସଦର ସଂଶୋଧନ ନୀତି ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଆଡ୍‌ଭୋକେଟ ମେହେଶ କୁମାର ଅଧ୍ୟକ୍ଷତା କରିଥିଲେ। ଆଡ୍‌ଭୋକେଟ ଉଫନାର ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକ ରାଜ୍ୟର ସମସ୍ତ ଜିଲ୍ଲାରେ କମିଟି ଗଠନ ପାଇଁ ଦାବି କରିଥିଲେ। ଏହି ଅବସରରେ ରୋଜଗାର ସଂସଦର ସଫଳତା ପାଇଁ ଆସନ୍ତା ଅଗଷ୍ଟ ୧୬ ତାରିଖ ଦିଲ୍ଲୀ ଡ଼ାକରା ଦିଆଯାଇଛି। ମଂଚ ସମ୍ପାଦକ ହିମାଂଶୁ ଶେଖର ନାଏକ, ସୀତାଂଶୁ ଶେଖର ସାହୁ, ସଂଗ୍ରାମ କେଶରୀ ଷଡ଼ଙ୍ଗୀ ଏବଂ ସୁଶ୍ରୀ ସ୍ୱାତୀ ସହଯୋଗ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮୦ରୁ ଉର୍ଦ୍ଧ୍ୱ ସଂଗଠନ ଏହି ସମ୍ମିଳନୀରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନାବାଳିକା କନ୍ୟାକୁ ଉଦ୍ଧାର କଲେ ଜିଲ୍ଲା ଶିଶୁ ମଂଗଳ କମିଟି



ଜଳେଶ୍ୱର, ୨୮/୫(ନି.ପ୍ର): ସମାଜର କୁସଂସ୍କାର ଓ ସଚେତନତା ଅଭାବରୁ ଆଜିବି ଶିଶୁ କନ୍ୟା ଅବହେଳିତ ଓ ନିର୍ଯ୍ୟାତିତ ହେଉଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଗଡସାହିବାଲିଆପାଳର ଜନୈକ ୧୬ବର୍ଷିୟା କନ୍ୟା ବାପା ମାଁଙ୍କ ଦ୍ୱାରା ମାନସିକ ଓ ଶାରିରୀକ ନିର୍ଯ୍ୟାତିତ ହୋଇ ଥାନାର ଆଶ୍ରୟ ନେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଘରୁ ପଳାଇଆସି ବସ୍ତା ଥାନା ଅନ୍ତର୍ଗତ ମୁକୁଳିସି ପଂଚାୟତର ଦୋନ୍ଦ ଗ୍ରାମର ସମ୍ପର୍କିୟ ଝାଡେଶ୍ୱର ଜେନାଙ୍କ ଘରେ ପହଞ୍ଚିଥିଲେ। ଆଜି ସକାଳେ ଝାଡେଶ୍ୱର ତାର ବାପା ମାଁଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ ନ କରିବା ଫଳରେ ସେ ବସ୍ତା ଥାନାରେ ପହଞ୍ଚିଥିଲେ । ବସ୍ତା ଥାନା ଅଧିକାରୀ ତାର ବାପା ମାନଙ୍କୁ ଡାକି ବୁଝାଇବା ପରେ ନାବାଳିକା ତାର ପିତାମାତାଙ୍କ ସହିତ ଯିବାକୁ ଅମଙ୍ଗ ହୋଇଥିଲେ । ଥାନା ଅଧିକାରୀ ଜିଲା ଶିଶୁ ମଂଗଳ ଅଧିକାରୀଙ୍କ ସହିତ ଯୋଗାଯୋଗ କଲାପରେ ମଂଗଳ ଅଧିକାରୀ ପ୍ରଶାନ୍ତ ରାଉତ ବସ୍ତା ଥାନାରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ବାଲେଶ୍ୱରକୁ ନେଇଯାଇଥିବା ଜଣାଯାଇଛି ।

## ଦେଶରେ ଶନିବାର ସୁଦ୍ଧା ଦିଆଗଲାଣି ୧୯୩.୧୩ କୋଟିରୁ ଅଧିକ କରୋନା ଟିକା

ନୂଆଦିଲ୍ଲୀ, ୨୮/୦୫ : ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ଶନିବାର ସକାଳ ୮ଟା ସୁଦ୍ଧା ୧୯୩.୧୩ କୋଟି ଟୀକା ଦେବା ସଂଖ୍ୟା ପାରି କରିସାରିଛି । ଗତ ୨୪ ଘଂଟା ମଧ୍ୟରେ ସମୁଦାୟ ୧୪.୩୯ ଲକ୍ଷ ରୁ ଅଧିକ ଟୀକା ଦିଆଯାଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ଶନିବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୯୩.୫୩ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି । ଏଥି ମଧ୍ୟରୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କ ପାଖରେ ଆଜି ସୁଦ୍ଧା ୧୫.୭୧ କୋଟି ଟୀକା ମହଜୁତ ଥିବା ଖବର ମିଳିଛି ।

## ଅଞ୍ଜଳି ପଣ୍ଡାଙ୍କ କବିତାଗ୍ରନ୍ଥ 'ମୋ ଝର୍କାରୁ' ଉନ୍ମୋଚିତ



ବାଲେଶ୍ୱର, ୨୮/୦୫ (ନି.ପ୍ର): ଯେଉଁ କବିତା ପାଠକ ମନକୁ ସଂଚରିଯାଏ, ତାହାହିଁ ଶ୍ରେଷ୍ଠ କବିତା। କବିତା ଲେଖାଯାଏ ନାହିଁ, କବିତା ଲେଖିହୋଇଯାଏ। ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ଆୟୋଜିତ କବୀ ଅଞ୍ଜଳି ପଣ୍ଡାଙ୍କ କବିତାଗ୍ରନ୍ଥ 'ମୋ ଝର୍କାରୁ' ଉନ୍ମୋଚନ ପରିପ୍ରେକ୍ଷୀରେ ବକ୍ତାମାନେ ଏଭଳି ମତ ପ୍ରକାଶ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା ପୁସ୍ତକଟିକୁ ଉନ୍ମୋଚନ କରିଥିବାବେଳେ ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ 'ପରିଚୟ'ର ସଂପାଦିକା ସୁଶ୍ରୀ ଅରୁଣା ରାୟ ପୁସ୍ତକଟିର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। କବୀ ଅଞ୍ଜଳି ପଣ୍ଡା ଲେଖକୀୟ ବକ୍ତବ୍ୟରେ ଉକ୍ତ ପୁସ୍ତକଟି ତାଙ୍କ ସ୍ୱାମୀ ସୁଧାସିନ୍ଧୁ ପଣ୍ଡାଙ୍କୁ ଶୁଭ ଜନ୍ମଦିନ ଅବସରରେ ଏକ ସାରସ୍ୱତ ଭେଟି ବୋଲି କହିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ ଓ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଶ୍ରୀମତୀ ପଣ୍ଡାଙ୍କ ଲିଖିତ ଗୋଟିଏ ଗୀତିକବିତା ଗାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ତପନ ରାୟ, ସୁକାନ୍ତ ଗିରି, ଡ. ଭାଗବତ ପ୍ରସାଦ ଦାସ, ପ୍ରଣତି ମିଶ୍ର, କମଳାକାନ୍ତ ଆଚାର୍ଯ୍ୟ, ପଦ୍ମଲୋଚନ ପ୍ରଧାନ, ରମାକାନ୍ତ ମହାନ୍ତି, ପ୍ରତିମା ପଣ୍ଡା, ଦିବ୍ୟାଂଶୁ ରଥ, କୃଷ୍ଣା ପ୍ରଧାନ, ଜଳଧର ପଣ୍ଡା, ଅମ୍ବୁଜ କୁମାର ଦାସ, ସୁଚିତ୍ରା ସାହୁ, ଓମ ସାଇକୃଷ୍ଣ, ବିଦ୍ୟାଧର ସାହୁ, ସୃଷ୍ଟିଧର ପରିଡ଼ା, ବାସନ୍ତୀ କର, ଅରୂପ ମହାନ୍ତି, ଯୋଗେଶ ଚନ୍ଦ୍ର ପ୍ରଦାନ, ଶାନ୍ତିଲତା ପଣ୍ଡା, ସଙ୍ଗୀତା ବାରିକ, ସିମାନୀ ପଣ୍ଡା, ପ୍ରିୟାଂଶୁ ରଥ, ମୌସୁମୀ ମହାପାତ୍ର, ଜ୍ୟୋତିର୍ମୟୀ ପଣ୍ଡା, ଇତିଶ୍ରୀ ପଣ୍ଡା, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ଜୟନ୍ତ ରଣା, ଶାନ୍ତି ବିଶି, ଶରତ କୁମାର ମହାପାତ୍ର, ସୌମବ୍ରତ ସାହୁ, ବିନିତା ସାହୁ, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷୀତିଶ୍ୱର ଦାଶ, ସୁନାମଣି ଜେନା, ଚିତ୍ରାରାଣୀ ପାତ୍ର, ସୁବ୍ରତା ମହାନ୍ତି, ସିଦ୍ଧାନ୍ତ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ବନାନୀ ପଣ୍ଡା, ଅମରେନ୍ଦ୍ର ଦାସ, ସାବିତ୍ରୀ ଜେନା, ଡା. ଅଭିମନ୍ୟୁ କାନୁନ୍‌ଗୋ, ରଜନୀକାନ୍ତ ବେହେରା, ଶିବବ୍ରତ ମହାପାତ୍ର, ମଧୁସୂଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ତେରେଲଡିହି ଗ୍ରାମରେ ଧର୍ମାନ୍ତୀକରଣ ଅଭିଯୋଗ : ଘଟଣାସ୍ଥଳରେ ପୋଲିସର ତଦନ୍ତ

ନୀଳଗିରି, ୨୮/୦୫ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ଭଉଁରିଆବାଡ଼ ଗ୍ରା.ପ. ତେରେଲଡିହି ଗ୍ରାମରେ ଅନ୍ୟ ଧର୍ମ ଓ ମୟୂରଭଞ୍ଜ ଉଦଳା ଅଂଚଳର କିଛି ଲୋକ ତେରେଲଡିହି ଗ୍ରାମର ଗୋଟିଏ ଆଦିବାସୀ ପରିବାରକୁ ମିଥ୍ୟା ପ୍ରଲୋଭନ ଓ କୁସଂସ୍କାରକୁ ବଶବର୍ତ୍ତୀ କରାଇ ବେଆଇନ ଭାବେ ଧର୍ମାନ୍ତୀକରଣ କରାଇବା ନେଇ ଶୁକ୍ରବାର ତାଙ୍କ ଘରକୁ ଆସିଥିବା ବେଳେ ପାଖ ପଡ଼ୋଶୀ ଜାଣିବାକୁ ପାଇଥିଲେ। ପରେ ପାଖ ପଡ଼ୋଶୀ ଜାଣିବା ପରେ କିଛି ଗ୍ରାମବାସୀ ଏକିତ୍ରିତ ହୋଇ ଏହି ବିଷୟକୁ ବିରୋଧ କରିବା ପରେ ଧର୍ମାନ୍ତୀକରଣ କରିବାକୁ ଆସିଥିବା କିଛି ଲୋକ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିବା ବେଳେ ଗ୍ରାମବାସୀମାନେ ଜଣକୁ ଅଟକ ରଖିଥିଲେ ।ପରେ ଗ୍ରାମବାସୀମାନେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଏ ବିଷୟରେ ଜଣାଇଥିଲେ। ପ୍ରତାପ ଷଡ଼ଙ୍ଗୀ ଏହି ବିଷୟକୁ ପୋଲିସକୁ ଜଣାଇବା ସହ ଓ ତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ କୁ ଉକ୍ତ ସ୍ଥାନରେ ପହଂଚି ଉକ୍ତ ବିଷୟରେ ଜାଣିବାକୁ ନିର୍ଦ୍ଦେଶ ଦେଇଥିଲେ । ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ। ପରେ ଚନ୍ଦ୍ରବିନ୍ଦୁ ଦାସ ମଧ୍ୟ ଉକ୍ତ ସ୍ଥାନରେ ପହଂଚି ଥିଲେ । ଅଟକଥିବା ଲୋକଟିକୁ ଗ୍ରାମବାସୀ ପୋଲିସକୁ ହସ୍ତାନ୍ତର କରିଥିଲେ । ଶିକ୍ଷା ଓ ସଚେତନତାର ଅଭାବ ହେତୁ କିଛି ନିରୀହ ଜନଜାତି ଭାଇଭଉଣୀମାନେ ମିଥ୍ୟା ପ୍ରତିଶୃତି ପ୍ରଲୋଭନ ଓ କୁସଂସ୍କାର ର ବଶବର୍ତ୍ତୀ ହେଉଛନ୍ତି। ଏ ସବୁରୁ ନିବୃତ ରହିବା ପାଇଁ ଉକ୍ତ ପରିବାରକୁ ଗ୍ରାମବାସୀ ମାନେ ବୁଝାଇଥିଲେ । ଗ୍ରାମକୁ ଆସି ବେଆଇନ ଧର୍ମାନ୍ତୀକରଣ କରାଉଥିବା ଲୋକଙ୍କୁ ନ ପୁରାଇବା ପାଇଁ ଏକ ଜାଗ୍ରତ ପ୍ରହରୀ ଭାବେ ଭଳି ଗ୍ରାମବାସୀମାନେ ଜଗିବା ପାଇଁ ସଂକଳ୍ପ ନେବା ସହ ଏହି ଘଟଣା ସଂପର୍କରେ ଲିଖିତ ଆକାରରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ପ୍ରଧାନ ଶିକ୍ଷୟତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୨୮/୫(ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ବୈରାଟଆଡି ସରକାରୀ ପ୍ରାଥମିକ ବିଦ୍ୟାଳୟରର ପ୍ରଧାନ ଶିକ୍ଷୟତ୍ରୀ ସୁଶିଳାବାଳା ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଭାରତୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ଯୋଗ ଦେଇ ଆଦର୍ଶ ଶିକ୍ଷକଙ୍କ ଅବସର ନ ଥାଏ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ସୁବେଶ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ବିଇଓ ଭାଗିରଥି ଗିରି, ବିଆର୍‌ସିସି ସୁଶାନ୍ତ ଜେନା, ଏବିଇଓ ଅଜୟ ଜେନା, ସରପଂଚ ମିନତୀ କର, ଗ୍ରାମମୁଖ୍ୟ ଶଶାଙ୍କ ମଣ୍ଡଳ, ଭାନୁଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ଦାସ, ସୂର୍ଯ୍ୟନନ୍ଦ ପାଳ, ନାଥୁରାମ ହେମ୍ବ୍ରମଙ୍କ ଶିକ୍ଷାର୍ଥଙ୍କ ପ୍ରତି ସୁ-ଆଚରଣ ଓ ବିଦ୍ୟାଳୟର ଉନ୍ନତିପଥରେ ଭୂମୀକା ସଂପର୍କରେ ଆଲୋକପାତ କରିଥିଲେ ।

## 'ଓଡ଼ିଶାରେ ବୌଦ୍ଧ ଧର୍ମ' ଆଲୋଚନା ଚକ୍ର ଅନୁଷ୍ଠିତ




ଉଦଳା, ୨୮/୦୫ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ 'ଓଡ଼ିଶାରେ ବୌଦ୍ଧ ଧର୍ମ' ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟରେ କାର୍ଯ୍ୟରତ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପକ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆଜିର ସମ୍ବାଦ କାଲି ସାହିତ୍ୟରେ ପରିଣତ ହୁଏ ଓ ସାହିତ୍ୟ ପରବର୍ତ୍ତି ପର୍ଯ୍ୟାୟରେ ଇତିହାସରେ ରୂପାନ୍ତରିତ ହୋଇଥାଏ ବୋଲି ବ୍ୟକ୍ତ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧାପିକା ମଞ୍ଜୁଳା କଲିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଗୌତମ ବୁଦ୍ଧଙ୍କ ଜନ୍ମସ୍ଥାନ ଓଡ଼ିଶାରେ ବୋଲି କିଛି ବର୍ଷ ହେବ ଗବେଷକ ମାନେ ମତ ଦେଉଛନ୍ତି। ତେବେ ଚାଲିଥିବା ଏହି ଗବେଷଣାକୁ ଅଧିକ ଇନ୍ଧନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଇତିହାସ ବିଭାଗର ଅନ୍ୟତମ ଅଧାପିକା ଅନୁରାଧା କବାଟ ଓଡ଼ିଶାରେ ବୌଦ୍ଧ ଧର୍ମର ଛାପ ଯେତିକି ପରିମାଣରେ ଦେଖିବାକୁ ମିଳେ ତାହା ଅନ୍ୟ କୌଣସି ରାଜ୍ୟରେ ମିଳେନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇଂରାଜୀ ବିଭାଗର ଅଧାପକ ରବିନାରାୟଣ ମହାପାତ୍ର, ଗୃହ ବିଜ୍ଞାନ ବିଭାଗର ଅଧାପିକା କୁମକୁମ ଦାସ, ଶିକ୍ଷାବିଭାଗର ଅଧାପିକା ମେରିନା ପଣ୍ଡା, ରାଜନୀତି ବିଜ୍ଞାନର ଅଧାପିକା ଅମିତା ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଶାରେ ବୌଦ୍ଧ ଧର୍ମର କିପରି ବିସ୍ତାର ଘଟିଲା ବିସ୍ତୃତ ବର୍ଣ୍ଣନା କରିଥିଲେ। ଇତିହାସ ସମ୍ମାନର ଶେଷ ବର୍ଷର ଛାତ୍ରୀ ପଲ୍ଲବି ଦେ ବୌଦ୍ଧ ଧର୍ମ ଉପରେ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧାପକ ରାଜକିଶୋର ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଗୋଟିଏ ଦିନରେ ୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୨୨ କୁ ବୃଦ୍ଧି ପାଇଛି ।ସେହିପରି ୧୮ ବର୍ଷରୁ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୬୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୧, ଖୋର୍ଦ୍ଧା ଜିଲ୍ଲାରୁ ୭ ତଥା ରାୟଗଡା ଜିଲ୍ଲାରୁ ୧, ସମ୍ବଲପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ପୂର୍ବତନ ସିଡିଏମ୍‌ଓ ଡାକ୍ତର ଅଧର ନାୟକଙ୍କ ପରଲୋକ



ଭଦ୍ରକ,୨୮/୦୫ (ନି.ପ୍ର):ଭଦ୍ରକ ଜିଲ୍ଲାର ପୂର୍ବତନ ସି.ଡି.ଏମ.ଓ. ଡାକ୍ତର ଅଧର ନାୟକଙ୍କର ଆଜି ହୃଦ୍‌ଘାତ୍‌ରେ ପରଲୋକ ହୋଇ ଯାଇଛି। ଡାକ୍ତର ନାୟକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଣେ ସୁନାମଧନ୍ୟ ଶିଶୁ ଡାକ୍ତର ଭାବେ କାର୍ଯ୍ୟ କରିବା ସହିତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟ କରି ଚାକିରିରୁ ଅବସର ନେଇଥିଲେ। ସେ ଭଦ୍ରକ ଜିଲ୍ଲାର ଜଣେ ଖ୍ୟାତି ସମ୍ପନ୍ନ ଶିଶୁ ଡାକ୍ତର ଥିଲେ ନୂଆ ବଜାର ସ୍ଥିତ ତାଙ୍କ ବାସଭବନରେ ନିୟମିତ ରୋଗୀ ଚିକିତ୍ସା କରୁଥିଲେ। ତାଙ୍କର ମୂଳ ଘର ଭଣ୍ଡାରିପୋଖରୀ ଅଞ୍ଚଳରେ। ସେ ଇଣ୍ଡିଆନ ମେଡିକାଲ ଆସୋସିଏସନର ଆଜୀବନ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁରେ ଆଇଏମ୍‌ଏର ଜିଲ୍ଲା ସଭାପତି ଡାକ୍ତର ରବିନ୍ଦ୍ର କୁମାର ନାୟକ, ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଶୋକ ପ୍ରକଟ କରିଛନ୍ତି।

## କେନ୍ଦ୍ର ଗୃହମନ୍ତ୍ରୀ କୋଷ୍ଟାଲ ପୋଲିସିଂର ନ୍ୟାସନାଲ ଏକାଡେମୀ ପରିଦର୍ଶନ କଲେ

ନୂଆଦିଲ୍ଲୀ, ୨୮/୦୫ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ନ୍ୟାସନାଲ ଏକାଡେମୀ ଅଫ୍ କୋଷ୍ଟାଲ ପୋଲିସିଂ (ଏନଏସିପି) ପରିଦର୍ଶନ କରିଛନ୍ତି। ଏହି ଗସ୍ତରେ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ଗୃହମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ, ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ ପଙ୍କଜ କୁମାର ସିଂ ଏବଂ ବିଏସଏଫର ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ସିଂ ମଲିକ, ଗୁଜୁରାଟ ଫନଟିୟର, ଏନଏସିପି ର ଅଧିକାରୀ ଓ ଯାବନମାନେ ଗୃହମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରତିକୂଳ ପାଗ ଏବଂ ଭୌଗୋଳିକ ଆହ୍ୱାନ ଉପସ୍ଥାପନ କରୁଥିବା ତଥା ଉପକୂଳ ପୋଲିସ କର୍ମଚାରୀଙ୍କୁ ଆବଶ୍ୟକ ତଥା ଉପଯୁକ୍ତ ତାଲିମ ପ୍ରଦାନ କରିବା ପାଇଁ ବିଏସଏଫ ଗୁଜୁରାଟ ଫ୍ରନଟିୟର ଏବଂ ନ୍ୟାସନାଲ ଏକାଡେମୀ ଅଫ୍ କୋଷ୍ଟାଲ୍ ପୋଲିସିଂର ଏହି ଉଦ୍ୟମକୁ ଗୃହମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ବ୍ରିଜ ଭୂଷଣ ସିଂଙ୍କ ବିରୋଧରେ ଏମଏନଏସ ମାମଲା ରୁଜୁ କଲା

ମୁମ୍ବାଇ,୨୮/୦୫ (ନି.ପ୍ର): ମହାରାଷ୍ଟ୍ର ନବ ନିର୍ମାଣ ସେନାର କର୍ମକର୍ତ୍ତାମାନେ ଶନିବାର ଦିନ ବିଜେପି ସାଂସଦ ବ୍ରିଜ ଭୂଷଣ ସିଂଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି । ଦାଦର ପୋଲିସ ଷ୍ଟେସନରେ ଦାଖଲ ହୋଇଥିବା ଏହି ମାମଲାରେ ବ୍ରିଜ ଭୂଷଣ ସିଂ ରାଜ ଠାକରେଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଛି । ଦାଦର ପୋଲିସ ଷ୍ଟେସନର ଟିମ୍ ଏହି ଘଟଣାର ତଦନ୍ତ କରୁଛି । ସ୍ଥାନୀୟ ଏମଏନଏସ ନେତା ଲକ୍ଷ୍ମଣ ପାଟିଲ ଆଜି ଦାଦର ପୋଲିସ ଷ୍ଟେସନରେ ବ୍ରିଜ ଭୂଷଣ ସିଂଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି । ଏହି ଅବସରରେ ଏମଏନଏସ ଜନସ୍ୱାର୍ଥ ବିଭାଗର ଓକିଲ ରବି ପାଷ୍ଟେ, ଓକିଲ ଗଜାନେ, ସବ-ଡିଭିଜନ ମୁଖ୍ୟ ଶଶାଙ୍କ ନାଗଭେକର ଉପସ୍ଥିତ ଥିଲେ ।

## ମହତୀପୁର ଉପ୍ରା ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନୀ ଉତ୍ସବ



ଖଇରା, ୨୮/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ପାଣ୍ଠିରେ ନିର୍ମିତ ନୂତନ ଶ୍ରେଣୀ ଗୃହ ର ଶୁଭ ଉଦ୍‌ଘାଟନୀ ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନୂତନ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ପରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସରକାର ବିଭିନ୍ନ ପର୍ଯ୍ୟାୟରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଦେଉଛନ୍ତି। କେବଳ ସେମାନେ ଆତ୍ମବିଶ୍ୱାସର ସହ କାମ କଲେ ଭଲ ସ୍କୁଲ ସାଙ୍ଗକୁ ଭଲ ଛାତ୍ରୀଛାତ୍ର ଗଢାଯାଇ ପାରିବେ ବୋଲି କହିଛନ୍ତି । ଶିକ୍ଷାନୁଷ୍ଠାନ ଗୁଡିକ ରାଜନିତି ବିବାଦରୁ ଉର୍ଦ୍ଧରେ ରହିବା ଆବଶ୍ୟକ । ଏଥିସହ ବିଦ୍ୟାଳୟକୁ ସବୁ ପ୍ରକାର ସହାୟତା କରିବାକୁ ପ୍ରସ୍ତୁତ ବୋଲି ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା,ଏବିଇଓ ଶ୍ରୀଧର ବେହେରା,ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର,ସରପଞ୍ଚ ଆରତି ମହାନ୍ତି,ସମିତି ସଭ୍ୟା ଭାନୁପ୍ରିୟା ସାହୁ,ୱାର୍ଡସଭ୍ୟା ଟୁନି ରାଉତ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଦୋଳଗୋବିନ୍ଦ ମହାପାତ୍ର ଓ ସଦସ୍ୟ ମାନସ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରମାକାନ୍ତ ଗିରି ଅତିଥି ପରିଚୟ,ପ୍ରଭାକର ପଣ୍ଡା ବେଦ ପାଠ ଓ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସ୍କୁଲ ପ୍ରତିଷ୍ଠା ଦିନରୁ ଅଦ୍ୟାବଧି ବିଦ୍ୟାଳୟର ଗୌରବ ପାଇଁ କାର୍ଯ୍ୟ କରିଥିବା ବୈରାଗି ବେହେରା, ଜୟକୃଷ୍ଣ ରାଉଳ, ରଘୁନାଥ ମହାନ୍ତି, ଗୟାଧର ଜେନା, ଗୋପବନ୍ଧୁ ମହାପାତ୍ର, ମାନସ ମହାପାତ୍ର, ରଶ୍ମିରଞ୍ଜନ ନାୟକ, ଶଶିକାନ୍ତ ଶିଅଳ, କ୍ଷିରୋଦ ରାଉତ ପ୍ରମୁଖଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । କମିଟି ସଭ୍ୟ ମନୋଜ ପାତ୍ରଙ୍କ ସମେତ ମୋ ସ୍କୁଲ ଅଭିଯାନ କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସକ୍ଷମ ଜରିଆରେ ଆତ୍ମନିର୍ଭରଶୀଳ ହେବେ ଅବହେଳିତ ଯୁବକ ଓ ଯୁବତୀ : ନିଯୁକ୍ତି ଓ ତାଲିମ ପାଇଁ ୭୦ଜଣ ମନୋନୀତ



ବାରିପଦା, ୨୮/୦୫ (ନି.ପ୍ର): ଅବହେଳିତ ଶିଶୁମାନଙ୍କୁ ୧୮ ବର୍ଷ ହେଲା ପରେ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ମୟୂରଭଂଜ ଜିଲ୍ଲାରେ ସକ୍ଷମ କାର୍ଯ୍ୟକ୍ରମ ଡିଡିୟୁ -ଜିକେୟାଇ ମାଧ୍ୟମରେ ତାଲିମ ପ୍ରଦାନ କରିବା ପରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଗତ ୨୬ ତାରିଖ ଦିନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରମାସର ମିଳିତ ଉଦ୍ୟମରେ ବାରିପଦା ସ୍ଥିତ ଡିପିଆରସି ସଭାଗୃହ ରେ ସକ୍ଷମ ଅଧୀନରେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର କୁ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ସହ ୧୮ ବର୍ଷରେ ପଦାର୍ପଣ କରିଥିବା ଅବହେଳିତ ଶିଶୁ ମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବରେ ମୟୁରଭଂଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ପି. ଅନ୍ୱେଷା ରେଡ୍ଡୀ, ଅରମାସର ଡେପୁଟି ସିଇଓ ବିମାନ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସକ୍ଷମ ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି ଯେଉଁ ଅବହେଳିତ ଶିଶୁ ମାନେ ୧୮ ବର୍ଷ ହେଲା ପରେ ମଧ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରୁନାହାନ୍ତି ସେମାନଙ୍କୁ କିପରି ଭାବେ ଆତ୍ମନିର୍ଭରଶୀଳ କରାଯିବ ସେଥିପ୍ରତି ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି ବୋଲି କହିଥିଲେ । ଏହି ଶିବିରରେ ଶିଶୁଯତ୍ନ ଅନୁଷ୍ଠାନରୁ ଉତୀର୍ଣ୍ଣ ହୋଇଥିବା, ବାଲ୍ୟ ବିବାହକୁ ନା କରିଥିବା, ଉଭୟ ପିତାମାତାଙ୍କୁ ହରାଇଥିବା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଉତୀର୍ଣ ହୋଇଥିବା ପିଲାମାନଙ୍କୁ ମିଶାଇ ୭୦ ଜଣ ତାଲିମ ନିମିତ ଚୟନ ହୋଇଥିଲେ । ଅତିଶୀଘ୍ର ସେମାନେ ୩ ମାସ, ୬ ମାସ, ୧ ବର୍ଷର ଗ୍ରହଣ କରିବା ପରେ ସେମାନଙ୍କୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ସରକାର ବହନ କରିବେ । ଏହି କାର୍ଯ୍ୟକ୍ରମରେ ୪ ଟି ତାଲିମ ପ୍ରଦାନ କାରି ସଂସ୍ଥା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ସେବା ) ଶ୍ରୀ ମଧୁସୂଦନ ରଥ , ପରାମର୍ଶଦାତା ଶ୍ରୀ ଦିଲୀପ କୁମାର ପଣ୍ଡା, ଅରମାସର ଜିଲ୍ଲା ସଂଯୋଜକ, ଅଭିଷେକ ଦାସ, ସମଗ୍ର ଶିକ୍ଷା ଅଭିଯାନର ସପନ କୁମାର ପୃଷ୍ଟି, ଏକ୍ସନ ଏଡର ଜିଲ୍ଲା ସଂଯୋଜକ ପ୍ରକାଶ ବାରିକ, ଅରୁଣାର ଜିଲ୍ଲା କନସଲଟାଂଟ ଲିତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo